ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, January 13/2026 | Page 14 | ₹ 7.00
୫୨ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 51 | ମୂଲ୍ୟ ₹୭/-




# ବିଧାନସଭା ଆସନ ୨୦୦କୁ ବଢ଼ିବ

ଦୀର୍ଘ ୫୦ ବର୍ଷ ପରେ ଓଡ଼ିଶାରେ ପୁଣି ବିଧାନସଭା ଆସନ ବଢ଼ିବ। ୧୯୭୪ରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ ୧୪୭କୁ ବଢ଼ିଥିଲା। ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଉଛି। ତଦନୁଯାୟୀ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ହେବ। ଏହି ପ୍ରକ୍ରିୟା ଚଳିତବର୍ଷ ଆରମ୍ଭ ହୋଇ ୨୦୨୭ରେ ଶେଷ ହେବ। ଏହା ସହ ଆଗାମୀ ୫୦ବର୍ଷକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ଓଡ଼ିଶା ବିଧାନସଭା ଗୋଟିଏ ସ୍ଥାନରେ ନିର୍ମାଣ ହେବ। ନୂଆ ବିଧାନସଭାରେ ୩୦୦ ବିଧାୟକ ବସିବା ଭଳି ବ୍ୟବସ୍ଥା ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସୂଚନା ଦେଇଛନ୍ତି। ଏହାକୁ ଭାଜପା, କଂଗ୍ରେସ ସ୍ୱାଗତ କରିଥିବାବେଳେ ବିଜେଡି କପୋଳକଳ୍ପିତ କହିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ନୂତନ ଲୋକସେବା ଭବନ ଓ ବିଧାନସଭା ଭବନର ପରିକଳ୍ପିତ ରୂପ।

**ଭୁବନେଶ୍ୱର,୧୨।୧ (ରବିନାରାୟଣ ଜେନା)**

ରାଜ୍ୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଲୋକସେବା ଭବନରେ ପୂର୍ତ୍ତ ବିଭାଗର ଏକ କାର୍ଯ୍ୟକ୍ରମ ଅବସରରେ ରାଜ୍ୟରେ ବିଧାନସଭା ଆସନ ସଂଖ୍ୟା ୨୦୦କୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଆଗାମୀ ୫୦ବର୍ଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାନସଭାରେ ଯେପରି ୩୦୦ ବିଧାୟକ ବସିପାରିବେ, ତାହାକୁ ନେଇ ନୂତନ ବିଧାନସଭା ଭବନ ନିର୍ମାଣ କରାଯିବ। ଲୋକସେବା ଭବନ ଏବଂ ବିଧାନସଭା ଗୋଟିଏ କ୍ୟାମ୍ପସରେ ରହିବ। ତେବେ ଦୀର୍ଘ ୫୦ବର୍ଷ ପରେ ବିଧାନସଭା ଆସନ ସଂଖ୍ୟା ବଢ଼ିବାକୁ ଯାଉଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ୧୯୭୪ରେ ପ୍ରଥମ ଥର ପାଇଁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବୃଦ୍ଧି ପାଇଥିଲା। ଏହାପରେ ୨୦୨୬ରେ ଏହି ସଂଖ୍ୟା ବୃଦ୍ଧିକୁ ନେଇ କଂଗ୍ରେସ ଓ ଭାଜପା ସ୍ୱାଗତ କରୁଥିବାବେଳେ ବିଜେଡି ଏହାକୁ କପୋଳକଳ୍ପିତ ବୋଲି କହିଛି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟରେ ଜନସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଲୋକଙ୍କ ଆଶା ଓ ଆକାଂକ୍ଷା ମଧ୍ୟ ବଢୁଛି। ଜନପ୍ରତିନିଧି ସେସବୁକୁ ପୂରଣ କରିବା ଦିଗରେ ଅନେକ ସମୟରେ ସମସ୍ୟାରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ☞ପୃଷ୍ଠା-୨

## ଗୋଟିଏ କ୍ୟାମ୍ପସରେ ଲୋକସେବା ଭବନ, ବିଧାନସଭା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର,୧୨।୧ (ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରତିଷ୍ଠା ହେବ ନୂଆ ଲୋକସେବା ଭବନ ଓ ବିଧାନସଭା। ୭୧.୧୩ ଏକର ଜାଗାରେ ପ୍ରତିଷ୍ଠା ହେବାକୁଥିବା ଏହି ନୂଆ ଲୋକସେବା ଭବନ କ୍ୟାମ୍ପସ ଭିତରେ ବିଧାନସଭା ରହିବ। ରାଜ୍ୟରେ ଏକ ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବାନୁଯାୟୀ, ଆଗକୁ ରାଜ୍ୟରେ ସୀମା ପୁନଃନିର୍ଦ୍ଧାରଣ ହେବ। ଏହାଦ୍ୱାରା ବିଧାନସଭାର ☞ପୃଷ୍ଠା-୨

DSPL-474





କାଲିଫର୍ନିଆର ପେଭେର୍ଲି ହିଲ୍ସରେ ସୋମବାର ୮୩ତମ ବାର୍ଷିକ ଗୋଲ୍ଡେଡ୍ ଗ୍ଲୋବ୍ସ ପୁରସ୍କାର ଉତ୍ସବରେ ସାରା ମୁର୍ଫି, ଟେୟାନା ଟେଲର, ପଉଲ୍ ଥୋମାସ୍ ଆଣ୍ଡରସନ ଏବଂ ଚେଜ୍ ଇନ୍ଫିନିଟି ଶ୍ରେଷ୍ଠ ଚଳଚ୍ଚିତ୍ର-ମ୍ୟୁଜିକାଲ ଅର୍ କମେଡି ପୁରସ୍କାର ସହ ପୋଜ୍ ଦେଉଛନ୍ତି। ପଉଲ୍ଙ୍କ ଅବ୍ୟବସ୍ଥିତ ବୈପ୍ଳବିକ ଗାଥା 'ୱାନ୍ ବ୍ୟାଟେଲ୍ ଆଫ୍ଟର ଆନାଦର'କୁ ହାସ୍ୟରସ ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଥିବାବେଳେ ଟେୟାନାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଏବଂ ଆଣ୍ଡରସନଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ସ୍କ୍ରିନ୍ ପ୍ଳେ ପୁରସ୍କାର ମିଳିଛି। କ୍ଳୋ ଝାଓଙ୍କ ଶେକ୍ସପିଅର ଡ୍ରାମା 'ହାମନେଟ୍'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଡ୍ରାମା ପୁରସ୍କାର ମିଳିଛି।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

**ନୂଆଦିଲ୍ଲୀ,୧୨।୧**

**କରୁର ଦଳାଚକଟା ମାମଲା**



ତାମିଲନାଡୁର କରୁରରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସୋମବାର ଟିଭିକେ ଅଧ୍ୟକ୍ଷ ତଥା ଅଭିନେତା ବିଜୟଙ୍କୁ ୬ ଘଣ୍ଟା ଜେରା କରିଛି। ଏହି ଦୁଃଖଦ ଘଟଣା ପାଇଁ ତାଙ୍କ ଦଳ କିମ୍ବା କାର୍ଯ୍ୟକର୍ତ୍ତାମାନେ ଦାୟୀ ନୁହନ୍ତି ବୋଲି ବିଜୟ ତଦନ୍ତକାରୀ ଅଫିସରମାନଙ୍କୁ କହିଥିଲେ। ତାଙ୍କର ଉପସ୍ଥିତି ଅରାଜକତା ସୃଷ୍ଟି କରିପାରେ ବୋଲି ହୃଦ୍‌ବୋଧ କରି ସେ ଘଟଣାସ୍ଥଳ ଛାଡ଼ି ଚାଲିଯାଇଥିଲେ ବୋଲି କହିଛନ୍ତି। ପୂର୍ବରୁ ଟିଭିକେ କାର୍ଯ୍ୟକର୍ତ୍ତାମାନଙ୍କୁ ଜେରା ବେଳେ ସେମାନେ ମଧ୍ୟ ଅନୁରୂପ ବୟାନ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ଏକ ସଭାରେ ଦଳାଚକଟା ଘଟି ୪୧ ଜଣଙ୍କ ଜୀବନ ଯିବା ସହ ୬୦ ଜଣ ଆହତ ହୋଇଥିଲେ। ସୋମବାର ସକାଳେ ବିଜୟ ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ପହଞ୍ଚି ତଦନ୍ତକାରୀ ଅଫିସରମାନଙ୍କ ପ୍ରଶ୍ନର ଜବାବ ରଖିଥିଲେ। ପୋଙ୍ଗଲ୍ ଉତ୍ସବ ପରେ ତାଙ୍କୁ ପୁନର୍ବାର ଜେରା ପାଇଁ ଡକାଯିବ ବୋଲି ଜଣାପଡ଼ିଛି। ବିଜୟ ନୂଆଦିଲ୍ଲୀରେ ପହଞ୍ଚିବାକୁ ଥିବାରୁ ସିବିଆଇ କାର୍ଯ୍ୟାଳୟ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଶକ୍ସଗାମ୍ ଉପତ୍ୟକାକୁ ନିଜର ଦାବିକଲା ଚାଇନା

**ବେଜିଂ,୧୨।୧(ପି.ଟି.)**

ଶକ୍ସଗାମ୍ ଉପତ୍ୟକାକୁ ଚାଇନା ସୋମବାର ପୁନର୍ବାର ନିଜର ଦାବି କରିବା ପରେ ବିବାଦ ମୁଣ୍ଡ ଟେକିଛି। ଉକ୍ତ ଅଞ୍ଚଳରେ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଭିତ୍ତିଭୂମି ପ୍ରକଳ୍ପକୁ ଭାରତ ବିରୋଧ କରିଥିବାବେଳେ ଚାଇନା ଏହାକୁ ଖୋଲା ପ୍ରତ୍ୟାଖ୍ୟାନ କରିଛି। ଚାଇନାର ନିର୍ମାଣ କାର୍ଯ୍ୟ ନିଜ ଅଞ୍ଚଳରେ ହେଉଥିବାରୁ ସମାଲୋଚନାର ବାହାରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି। ତେବେ ନୂଆଦିଲ୍ଲୀ ଚାଇନାର ଉକ୍ତ ଆଭିମୁଖ୍ୟକୁ ଜୋର୍‌ଦାର ବିରୋଧ କରିଛି। ଶକ୍ସଗାମ୍ ଉପତ୍ୟକା ଭାରତୀୟ ଅଞ୍ଚଳ ହୋଇଥିବାରୁ ନୂଆଦିଲ୍ଲୀ ଏହାର ସ୍ୱାର୍ଥର ସୁରକ୍ଷା କରିବ ବୋଲି ବେଜିଂକୁ ସତର୍କ କରାଇଦେଇଛି। ୬୦ ଦଶକର ଚାଇନା-ପାକିସ୍ତାନୀ ସୀମା ଚୁକ୍ତିନାମା ସିପିଇସି ଜରିଆରେ ବେଜିଂ କଶ୍ମୀରକୁ ସଂଯୋଗ କରୁଥିବା ସମ୍ବେଦନଶୀଳ ଭୂଖଣ୍ଡକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଉଦ୍ୟମ କରୁଛି। ଅନ୍ୟପକ୍ଷରେ ଭାରତ ପାଇଁ ଏହା ଅର୍ଥନୈତିକ ସହଯୋଗ ନୁହେଁ ବରଂ ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାର ପ୍ରସଙ୍ଗ ବୋଲି କୁହାଯାଇଛି। ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ଶକ୍ସଗାମ୍ ଉପତ୍ୟକାର ୫,୧୮୦ ବର୍ଗ କି.ମି. ଅଞ୍ଚଳକୁ ୧୯୬୩ରେ ଚାଇନାକୁ ହସ୍ତାନ୍ତର କରିଥିଲା।



# ମକର ସଂକ୍ରାନ୍ତିରେ ନୂଆ କାର୍ଯ୍ୟାଳୟକୁ ଯିବେ ମୋଦି

**ନୂଆଦିଲ୍ଲୀ,୧୨।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କାର୍ଯ୍ୟାଳୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଛି। ସେ ଆସନ୍ତା ୧୪ ତାରିଖ ମକର ସଂକ୍ରାନ୍ତିରେ ଉକ୍ତ କାର୍ଯ୍ୟାଳୟକୁ ଯିବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ନୂଆ କାର୍ଯ୍ୟାଳୟର ଠିକଣା ହେଲା ସେବା ତୀର୍ଥ କମ୍ପ୍ଳେକ୍ସ। ସେଣ୍ଟ୍ରାଲ ଭିସ୍ଟା ପୁନର୍ବିକାଶ ପ୍ରକଳ୍ପର ଅଂଶବିଶେଷ ଭାବେ ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଉକ୍ତ କମ୍ପ୍ଳେକ୍ସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ କ୍ୟାବିନେଟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ (ଏନ୍‌ଏସ୍‌ସିଏସ୍) ରହିଛି। ପ୍ରତ୍ୟେକ କାର୍ଯ୍ୟାଳୟର ଅଲଗା ବିଲ୍ଡିଂ ରହିଛି। ପିଏମ୍‌ଓ ଥିବା ବିଲ୍ଡିଂର ନାମ 'ସେବାତୀର୍ଥ-୧'।

# ଟ୍ରମ୍ପଙ୍କ ଧମକ ପରେ ନରମିଲା ଇରାନ

**■ବୁଝାମଣା ପାଇଁ ରାଜି**
**■ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୫୪୪**

**ଦୁବାଇ,୧୨।୧**



ଡୋନାଲ୍ଡ ଟ୍ରମ୍ପ

ଇରାନରେ ମୁଦ୍ରାସ୍ଫୀତି ଓ ଆର୍ଥିକ ସଙ୍କଟକୁ ନେଇ ସରକାରଙ୍କ ବିରୋଧରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେଲା ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବା ବେଳେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୫୪୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଆନ୍ଦୋଳନକୁ ଚାପିଦେବା ଲାଗି ଇରାନ ସରକାରଙ୍କ ରକ୍ତାକ୍ତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଇସ୍‌ଲାମିକ୍ ରିପବ୍ଲିକ୍ ଉପରେ ଆକ୍ରମଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେଇଥିଲେ। ଇରାନ ଏବେ ୱାଶିଂଶନ ସହ ବୁଝାମଣା ଚାହୁଁଥିବା ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ ଇରାନ ସିଧାସଳଖ ପ୍ରତିକ୍ରିୟା ଦେଇ ନ ଥିବାବେଳେ ୱାଶିଂଟନ ଏବଂ ତେହରାନ ମଧ୍ୟରେ ଦୀର୍ଘଦିନ ଧରି ମଧ୍ୟସ୍ଥତା କରିଆସୁଥିବା ଓମାନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ବୁଝାମଣା ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ଇରାନର ଆଣବିକ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ ମିଶାଇଲ୍ ଅସ୍ତ୍ରାଗାର ବନ୍ଦ ପାଇଁ ଟ୍ରମ୍ପ୍ କଠୋର ଦାବି ରଖିଥିବାବେଳେ ତେହରାନ କି ପ୍ରକାର ପ୍ରତିଶ୍ରୁତି ଦେବ, ତାହା ସ୍ପଷ୍ଟ ହୋଇନାହିଁ। ତେହରାନଠାରେ ବିଦେଶୀ କୂଟନୀତିଜ୍ଞମାନଙ୍କୁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘଚି କହିଛନ୍ତି, ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି। ହିଂସା ପାଇଁ ସେ ଇସ୍ରାଏଲ୍ ଏବଂ ଆମେରିକାକୁ ଦାୟୀ କରିଥିବାବେଳେ ଏନେଇ କୌଣସି ପ୍ରମାଣ ଦେଇନାହାନ୍ତି। ଆମେରିକା ସହ କୂଟନୈତିକ ଆଲୋଚନା ଲାଗି ଦ୍ୱାର ଖୋଲା ରହିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ତେବେ ପାରସ୍ପରିକ ସ୍ୱାର୍ଥ ଓ ଉଦ୍‌ବେଗର ଗ୍ରହଣୀୟତା ଆଧାରରେ ଆଲୋଚନା ହେବା ଆବଶ୍ୟକ। ଏକପାଖିଆ ଏବଂ ଏକଚ୍ଛତ୍ରବାଦ ଆଧାରିତ ଆଲୋଚନା ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

# ରାଜ ଠାକ୍‌ରେଙ୍କୁ ଆନ୍ନାମଲାଇଙ୍କ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୨।୧**

ମୁମ୍ବାଇରେ ପ୍ରବେଶ କରିବି, ସାହସ ଥିଲେ, ଗୋଡ଼ କାଟି ଦେଖାଅ ବୋଲି ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକ୍‌ରେଙ୍କୁ ଭାଜପା ନେତା କେ. ଆନ୍ନାମଲାଇ ସୋମବାର ଆହ୍ୱାନ ଦେଇଛନ୍ତି। ଦିନକ ପୂର୍ବରୁ ରାଜ୍ ଭାଜପା ନେତାଙ୍କୁ 'ରସମଲାଇ' କହି ପରିହାସ କରିଥିଲେ। ଚେନ୍ନାଇରେ ଏକ ଖବରଦାତା ସମ୍ମିଳନୀରେ ଆନ୍ନାମଲାଇ ଅଭିଯୋଗ କରିଛନ୍ତି, ତାଙ୍କୁ ଅନେକ ଧମକ ଆସୁଛି। ଏପରିକି ଲୋକେ ତାଙ୍କ ଗୋଡ଼ କାଟିଦେବାକୁ ଧମକ ଦେଉଛନ୍ତି। ମୋତେ ଧମକ ଦେବାକୁ ଆଦିତ୍ୟ ଓ ରାଜ ଠାକ୍‌ରେ କିଏ ବୋଲି ଆନ୍ନାମଲାଇ ପ୍ରଶ୍ନ କରିଛନ୍ତି। ମୁମ୍ବାଇ ଆସିଲେ ଗୋଡ଼ କାଟିଦେବେ ବୋଲି କେତେକ ଲେଖିଛନ୍ତି। ସେ ମୁମ୍ବାଇ ଆସିବେ, ସାହସ ଥିଲେ ଗୋଡ଼ କାଟ ବୋଲି ଆନ୍ନାମଲାଇ ଆହ୍ୱାନ ଦେଇଛନ୍ତି।

# ବିବାହର ମାସେ ପୂର୍ବରୁ ରୁଷିଆ ଟ୍ୟାଙ୍କରରୁ ମର୍ଚ୍ଚାଣ୍ଟ ନେଭି ଅଫିସର ଅଟକ

**ନୂଆଦିଲ୍ଲୀ,୧୨।୧**



ରକ୍ଷିତ ଚୌହାନ

ହିମାଚଳପ୍ରଦେଶର କାଙ୍ଗ୍ରା ଜିଲାରୁ ରୁଷିଆର ଏକ କମ୍ପାନୀରେ ମର୍ଚ୍ଚାଣ୍ଟ ନେଭି ଅଫିସର ଭାବେ କାର୍ଯ୍ୟରତ ରକ୍ଷିତ ଚୌହାନଙ୍କର ଆସନ୍ତା ମାସରେ ବିବାହ ଅନୁଷ୍ଠିତ ହେବାର ଥିଲା। ତାଙ୍କୁ ତୁରନ୍ତ ଘରକୁ ଫେରିବାର ଥିବାବେଳେ ତୈଳ ଆଣିବା ପାଇଁ ଭେନେଜୁଏଲା ଯାଇ ସେ ଫସିଯାଇଛନ୍ତି। ରୁଷିଆ ତୈଳ ଟ୍ୟାଙ୍କର, ଯେଉଁଥିରେ ରକ୍ଷିତ କ୍ରିଉ ମେମ୍ବର ଭାବେ କାର୍ଯ୍ୟ କରୁଥିଲେ, ତାହାକୁ ଆମେରିକା ସୈନ୍ୟ ଜବତ କରିଛନ୍ତି। ରକ୍ଷିତଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଆଣିବା ପାଇଁ ତାଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ମାରିନେରା ନାମକ ଉକ୍ତ ଜାହାଜରେ ୩ ଭାରତୀୟ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୨୬ ବର୍ଷୀୟ ରକ୍ଷିତ ଅନ୍ୟତମ। ସେ ପ୍ରଥମ ଥର ପାଇଁ ଉକ୍ତ ଜାହାଜରେ ଭେନେଜୁଏଲା ଯାଇଥିବାବେଳେ ଆମେରିକା ସୁରକ୍ଷା ବଳ ଜାହାଜକୁ ପିଛାକରି ଗତ ୭ ତାରିଖରେ ଜବତ କରିଥିଲା।

# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଏସ୍‌ଆଇଆର୍‌ରେ ଅନିୟମିତତା ଅଭିଯୋଗ**

**ନୂଆଦିଲ୍ଲୀ,୧୨।୧**

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ସେଥିରେ ମନମାନି ଏବଂ ପ୍ରକ୍ରିୟାଗତ ଅନିୟମିତତା ହେଉଥିବା ନେଇ ତୃଣମୂଳ କଂଗ୍ରେସର କେତେଜଣ ଏମ୍‌ପି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲ ସୋମବାର ଏହା ଉପରେ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ମାଗିଛନ୍ତି। ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏବଂ ଦୋଳ ସେନ୍ ପୂର୍ବରୁ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଖଲ କରିଥିବାବେଳେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ବିଚାରକୁ ନେଇଛନ୍ତି। ବ୍ରାଏନ୍ଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଏସ୍‌ଆଇଆର୍ ଉପରେ ଇସିଙ୍କ ନୀତି ନିର୍ଦ୍ଦେଶ ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଜାରି କରାଯାଉଛି ଏବଂ ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କୁ ବିମାନ ଆନୁଷ୍ଠାନିକ ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ କୁହାଯାଉଛି। ନିର୍ବାଚନ କମିଶନ ଭୋଟରମାନଙ୍କ ଏକ ଏକ ତାର୍କିକ ବିସଙ୍ଗତି ଆଣିଛନ୍ତି। ଭୋଟର ତଥ୍ୟରେ ଅସଙ୍ଗତି ଓ ତ୍ରୁଟି ଥିବା ଦର୍ଶାଇ ଯୋଗ୍ୟ ଭୋଟରମାନଙ୍କୁ ଶୁଣାଣି ପାଇଁ ହାଜର ହେବାକୁ ନୋଟିସ କରାଯାଉଛି। ୨ ଟିଏମ୍‌ସି ଏମ୍‌ପିଙ୍କ ଆବେଦନ ଉପରେ ସପ୍ତାହେ ମଧ୍ୟରେ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ କହିଛନ୍ତି।

## ପ୍ରକୃତ ଭୋଟରଙ୍କୁ ଅସୁବିଧାରେ ପକାଉଛି ଡିଜିଟାଇଜେଶନ ତ୍ରୁଟି

**କୋଲକାତା,୧୨।୧(ପି.ଟି.)**

**ସିଇସିଙ୍କୁ ଜଣାଇଲେ ମମତା**

୨୦୦୨ର ଭୋଟର ତାଲିକାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପରିଚାଳିତ ଡିଜିଟାଇଜେଶନ ଯୋଗୁ ତ୍ରୁଟି ଓ ଅସଙ୍ଗତି ଦେଖାଦେଇଛି। ଫଳରେ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ସ୍ୱାଭାବିକ ଭୋଟରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ସୋମବାର ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟରେ ଏହା ସିଇସିଙ୍କୁ ମମତାଙ୍କୁ ୫ମ ପତ୍ର। ପୂର୍ବରୁ ତ୍ରୁଟି ସଂଶୋଧନ ହୋଇଥିଲେ ମଧ୍ୟ ନ୍ୟାୟିକ ଶୁଣାଣି ପରେ ପୁନର୍ବାର ପରିଚୟ ପ୍ରମାଣ ଦେବାକୁ ଭୋଟରମାନଙ୍କୁ କୁହାଯାଉଛି। ଏଭଳି ଆଭିମୁଖ୍ୟ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଆସିଥିବା ନିର୍ବାଚନ କମିଶନଙ୍କ ନିଜ କାର୍ଯ୍ୟ ଓ ବ୍ୟବସ୍ଥାକୁ ଅସ୍ୱୀକାର କରୁଥିବା ମମତା ଅଭିଯୋଗ କରିଛନ୍ତି।

# ଭାରତ-ଜର୍ମାନୀ ରଣନୀତିକ ସମ୍ପର୍କ ବଢ଼ିବ

**ଅହମଦାବାଦ/ ନୂଆଦିଲ୍ଲୀ, ୧୨।୧ (ପି.ଟି.)**

ଭାରତ ଓ ଜର୍ମାନୀ ପ୍ରତିରକ୍ଷା, ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ସହଯୋଗ ବଢ଼ାଇବା ଦିଗରେ ବିଭିନ୍ନ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଭୂରାଜନୈତିକ ଉତ୍ତେଜନା ବଢ଼ିଥିବାବେଳେ ଏଭଳି ଚ୍ୟାଲେଞ୍ଜଗୁଡ଼ିକୁ ମିଳିତ ଭାବେ ଅତିକ୍ରମ କରିବା ପାଇଁ ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜର୍ମାନ

**୧୯ ଚୁକ୍ତି ସ୍ୱାକ୍ଷର**

ଚାନ୍‌ସେଲର ଫ୍ରିଏଡ୍ରିକ୍ ମେର୍ଜ ପ୍ରତିଜ୍ଞା କରିଛନ୍ତି। ମୋଦି ଓ ମେର୍ଜଙ୍କ ମଧ୍ୟରେ ଆଲୋଚନା ଅବସରରେ ୨ ଦେଶ ମଧ୍ୟରେ ପ୍ରତିରକ୍ଷା ଶିଳ୍ପ ସହଯୋଗ, ଉଚ୍ଚଶିକ୍ଷାରେ ସହଯୋଗ ବଢ଼ାଇବା ଆଦି ୧୯ଟି ଚୁକ୍ତି ସ୍ୱାକ୍ଷର ହୋଇଛି। ଟେଲି ଯୋଗାଯୋଗ କ୍ଷେତ୍ରରେ ଏକାଠି କାମ କରିବା ପାଇଁ ଏକ ଅଲଗା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ଯଥାଶୀଘ୍ର ଚୂଡ଼ାନ୍ତ କରିବା, ଜର୍ମାନ ଦେଇ ଯାଉଥିବା ଭାରତୀୟ ପାସ୍‌ପୋର୍ଟଧାରୀଙ୍କ ପାଇଁ ଭିଜାମୁକ୍ତ ଯାତାୟାତ ତୁରନ୍ତ ଚୂଡ଼ାନ୍ତ କରିବା ଉପରେ ୨ ନେତା ଜୋର୍ ଦେଇଥିଲେ। ୨ ଦେଶର ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବା ନେଇ ଉଭୟ ନେତା ଘୋଷଣା କରିଛନ୍ତି। ଫ୍ରିଏଡ୍ରିକ୍ ମେର୍ଜ ଏକ ବଡ଼ ପ୍ରତିନିଧି ଦଳ ସହ ୨ ଦିନିଆ ଭାରତ ଗସ୍ତରେ ଆସି ସୋମବାର ଅହମଦାବାଦରେ ପହଞ୍ଚିଥିଲେ। ଜର୍ମାନ ଚାନ୍‌ସେଲରଙ୍କର ଏହା ପ୍ରଥମ ଏସିଆ ଗସ୍ତ।



ଭାରତ ଗସ୍ତରେ ଆସିଥିବା ଜର୍ମାନୀ ଚାନ୍‌ସେଲର ଫ୍ରିଏଡ୍ରିକ୍ ମେର୍ଜଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ପ୍ରେମୀଯୁଗଳଙ୍କୁ ପିଟି ହତ୍ୟା

**ଇଟାହ,୧୨।୧**

ଉତ୍ତରପ୍ରଦେଶର ଇଟାହ ଜିଲାରେ ଜଣେ ୨୦ ବର୍ଷୀୟ ଯୁବତୀ ଓ ତାଙ୍କ ପ୍ରେମିକଙ୍କୁ ସେମାନଙ୍କ ପରିବାର ଲୋକେ ପିଟି ମାରିଦେଇଛନ୍ତି। ଡବଲ ମର୍ଡର ସହ ସମ୍ପୃକ୍ତି ନେଇ ଯୁବତୀଙ୍କ ପରିବାରର କେତେଜଣଙ୍କୁ ଜେରା ପାଇଁ ଅଟକ ରଖାଯାଇଥିବା ଏସ୍‌ଏସ୍‌ପି ଶ୍ୟାମନାରାୟଣ ସିଂ କହିଛନ୍ତି। ଗରହିୟା ସୁହାଗପୁର ଗ୍ରାମର ଅଶୋକଙ୍କ ଝିଅ ଶିବାନୀ(୨୦) ଏବଂ ରାଧେଶ୍ୟାମଙ୍କ ପୁଅ ଦୀପକ(୨୫)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଉଭୟ ଗୋଟିଏ ଗାଁର ଏବଂ ଗୋଟିଏ ସମ୍ପ୍ରଦାୟର। ରବିବାର ରାତିରେ ଦୀପକ ଶିବାନୀଙ୍କୁ ଭେଟିବାକୁ ଯାଇଥିବାବେଳେ ଝିଅଘର ଲୋକେ ତାଙ୍କୁ ଆପତ୍ତିଜନକ ଅବସ୍ଥାରେ ଛାତ ଉପରୁ ଧରିନେଇଥିଲେ। ଉତ୍ୟକ୍ତ ଲୋକେ ଉଭୟଙ୍କୁ ପିଟିବାରୁ ଘଟଣାସ୍ଥଳରେ ଶିବାନୀଙ୍କର ମୃତ୍ୟୁ ଘଟିଥିବାବେଳେ ଜିଲା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦୀପକ ପ୍ରାଣ ହରାଇଛନ୍ତି।

# ଇସ୍ରୋର ପିଏସ୍‌ଏଲ୍‌ଭି ମିଶନ ବିଫଳ

**ଶ୍ରୀହରିକୋଟା,୧୨।୧(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପିଏସ୍‌ଏଲ୍‌ଭି-ସି୬୩ ରକେଟ ବିଦେଶୀ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ସହ ୧୬ଟି ଉପଗ୍ରହକୁ ନେଇ ମହାକାଶକୁ ଯାଉଥିବାବେଳେ ବିସଙ୍ଗତିର ସମ୍ମୁଖୀନ ହେବାରୁ ମହାକାଶ ମିଶନ ବିଫଳ ହୋଇଛି। ରକେଟରେ ବ୍ୟତିକ୍ରମ ଦେଖାଦେବା ପରେ ଗତିପଥରୁ ଏହା ଦୂରେଇଯାଇଥିଲା। ରକେଟକୁ ଆବଶ୍ୟକ ବେଗ ଦେବା ଲାଗି ତୃତୀୟ ପର୍ଯ୍ୟାୟର ଷ୍ଟ୍ରାପ୍-ଅନ୍ ମୋଟରଗୁଡ଼ିକ ଥ୍ରଷ୍ଟ ପ୍ରଦାନ କରୁଥିଲେ ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ମିଶନ ବିଫଳ ହେବାର କାରଣ ଜାଣିବା ପାଇଁ ସବିଶେଷ ଅନୁଧ୍ୟାନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ସାଟେଲାଇଟ୍‌ଗୁଡ଼ିକୁ ଯେଉଁ ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାପିତ କରିବାର ଥିଲା, ତାହା ହୋଇପାରିଲା ନାହିଁ। ସମସ୍ତ ୧୬ଟି ଯାକ ସାଟେଲାଇଟ୍ ମହାକାଶରେ ହଜିଗଲେ ବୋଲି ଇସ୍ରୋ ସୂତ୍ରରୁ କୁହାଯାଇଛି। ତୃତୀୟ ପର୍ଯ୍ୟାୟରେ ଏହା ପିଏସ୍‌ଏଲ୍‌ଭି ମିଶନର କ୍ରମାଗତ ଦ୍ୱିତୀୟ ବିଫଳତା। ଗତ ମେ'ରେ ମୋଟର ପ୍ରେସର ସମସ୍ୟାକୁ ନେଇ ପିଏସ୍‌ଏଲ୍‌ଭି-ସି୬୧-ଇଓଏସ୍-୦୯ ସଫଳତା ହାସଲ କରିପାରି ନ ଥିଲା।



# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୩/୨୦୨୬ | Bhubaneswar, Tuesday, January 13/2026 | ପୃଷ୍ଠା-୧




**ଟୋମାସ ଡୋମେନଙ୍କ ଡବଲ ଗୋଲ୍**

ହାଇଦ୍ରାବାଦ ତୁଫାନ ବିପକ୍ଷ ପୁରୁଷ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଏସ୍‌ଜି ପାଇପର୍ସର ଟୋମାସ ଡୋମେନ।

୧୨

୦୨

**ହନୁମାନ ଚାଳିଶା ପଢୁଛନ୍ତି ପରିଣୀତି**

ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଥିବା ଅଭିନେତ୍ରୀ ପରିଣୀତି ଚୋପ୍ରା ନିଜକୁ ଶାନ୍ତ ରଖିବା ପାଇଁ ସକାଳୁ ଉଠି ହନୁମାନ ଚାଳିଶା ପଢୁଥିବା କହିଛନ୍ତି।





କଟକ ସୂତାହାଟ ଖ୍ରୀଷ୍ଟିଆନ ସାହି ପୁଷ୍କରିଣୀ ମଧ୍ୟକୁ ଭାରସାମ୍ୟ ହରାଇ ଖସି ପଡ଼ିଥିବା ବିଦ୍ୟୁତ୍ ବିଭାଗର ଗାଡ଼ିକୁ ସୋମବାର ବାହାର କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

# ଫେବୃଆରୀ ୧ ରବିବାର କେନ୍ଦ୍ର ବଜେଟ

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଆଗାମୀ ଫେବୃଆରୀ ୧ ତାରିଖ ରବିବାରରେ ପାର୍ଲାମେଣ୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସାଧାରଣ ବଜେଟ ଉପସ୍ଥାପନ କରିବେ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ଘୋଷଣା କରିଛନ୍ତି। ରବିବାର ବଜେଟ ଉପସ୍ଥାପନ କରାଯିବା ଏହା ପ୍ରଥମ ଘଟଣା। ଏହା ସୀତାରାମନଙ୍କ ନବମ ବଜେଟ ଉପସ୍ଥାପନ ହେବ। ସର୍ବାଧିକ ୧୦ ଥର ବଜେଟ ଉପସ୍ଥାପନ କରିବା ରେକର୍ଡ ତତ୍କାଳୀନ ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ନାମରେ ରହିଛି।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରେ ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ସଦସ୍ୟମାନଙ୍କୁ ଲୋକ ସଭା ଚାମ୍ବରରେ ଉଦ୍‌ବୋଧନ ଦେବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିପାରନ୍ତି। ବଜେଟ ଅଧିବେଶନର ଜାନୁଆରୀ ୨୮ରୁ ଆରମ୍ଭ ହୋଇ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପୂର୍ବରୁ କହିଥିଲେ। ଅଧିବେଶନର ପ୍ରଥମ ଭାଗ ଫେବୃଆରୀ ୧୩ରେ ଶେଷ ହେବାକୁ ଥିବାବେଳେ ମାର୍ଚ୍ଚ ୩ରେ ଦ୍ୱିତୀୟ ଭାଗ ଆରମ୍ଭ ହେବ।

# ଆଜି ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

**ନୂଆଦିଲ୍ଲୀ,୧୨।୧**



## ୱାଶିଂଟନ ପାଇଁ ନୂଆଦିଲ୍ଲୀ ସବୁଠୁ ଜରୁରୀ: ଗୋର୍

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଆଗାମୀ ଦିନରେ ୫୦୦ ପ୍ରତିଶତ ଟାରିଫ୍ ଲଗାଇବା ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଞ୍ଜୁରୀ ଦେଇଥିବାରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ପୁନର୍ବାର ସମ୍ପର୍କରେ ସୁଧାରଣ ଆଣିବା ପାଇଁ ୱାଶିଂଟନ ଚାହୁଁଥିବା ନୂଆଦିଲ୍ଲୀରେ ଆମେରିକାର ନବନିଯୁକ୍ତ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କୌଣସି ଦେଶ ଆମେରିକା ପାଇଁ ଭାରତ ଭଳି ଜରୁରୀ ନୁହେଁ। ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲାଗି ୨ ଦେଶ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି।

ଆମେରିକା ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ ହେବାକୁ ଥିବା ରଣନୀତିକ ମେଣ୍ଟ 'ପାକ୍ସ ସିଲିକା'କୁ ଭାରତକୁ ଆମନ୍ତ୍ରିତ ହୋଇଥିବା ଗୋର୍ ଘୋଷଣା କରିଛନ୍ତି। ଭାରତରେ କାର୍ଯ୍ୟ ଆରମ୍ଭ କରିବା ପରେ ଆମେରିକା ଦୂତାବାସରେ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ଗୋର୍ କହିଛନ୍ତି, କୂଟନୀତିକୁ ପୁନଃ ପରିଭାଷିତ କରିବାର ଏକ ସୁଯୋଗ ଜୀବନରେ ଥରେ ମିଳିଛି। ଭାରତ ସହ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସହଭାଗିତାକୁ ସମ୍ପୂର୍ଣ୍ଣ କରାଯାଇପାରିବ ବୋଲି ଗୋର୍ କହିଛନ୍ତି। ସେ କହିଛନ୍ତି, କୌଣସି ଅଂଶୀଦାର ଭାରତଠାରୁ ଅଧିକ ଜରୁରୀ ନୁହେଁ। ଏକ ମହତ୍ୱାକାଂକ୍ଷୀ ଏଜେଣ୍ଡାକୁ ଅନୁସରଣ କରିବା ତାଙ୍କର ଲକ୍ଷ୍ୟ। ପ୍ରକୃତ ରଣନୈତିକ ସହଯୋଗୀ ଭାବେ ଆମେ ଏହା କରିବୁ ବୋଲି ଆମେରିକା ରାଷ୍ଟ୍ରଦୂତ କହିଛନ୍ତି।

ଟ୍ରମ୍ପ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବନ୍ଧୁତାକୁ ସେ ବାସ୍ତବ ବୋଲି କହିବା ସହ ଦୁଇଦେଶ ମଧ୍ୟରେ ରହିଥିବା ମତପାର୍ଥକ୍ୟ ଦୂର କରିବାରେ ଏହା ସହାୟକ ହେବ। ଭାରତ ଉପରେ ଟ୍ରମ୍ପ୍ ପ୍ରଥମେ ୨୫ ପ୍ରତିଶତ ଜବାବୀ ଟାରିଫ୍ ଲଗାଇଥିଲେ। ତେବେ ରୁଷିଆରୁ ଭାରତ ତେଲ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫ ପ୍ରତିଶତ ☞ପୃଷ୍ଠା-୯

# ଲେଉଟିଲା ଶୀତ, ୪ ଡିଗ୍ରୀ ଯାଏ ଖସିଲା ପାରଦ

**ଭୁବନେଶ୍ୱର,୧୨।୧(ବନ୍ଦନା ସେଠୀ)**

ଦିନକ ପରେ ପୁଣି ଲେଉଟିଛି ଶୀତ। ରାଜ୍ୟର ବିଭିନ୍ନ ସହରରେ ପାରଦ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଆଗାମୀ ଦିନରେ ତାପମାତ୍ରା ଆହୁରି ନିମ୍ନଗାମୀ ହେବ। ଫଳରେ ଶୀତ ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। କେନ୍ଦ୍ରର ସୂଚନାନୁସାରେ, ଆଗାମୀ ୩ଦିନ ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ବିଭିନ୍ନ ଜିଲାକୁ ସତର୍କ କରାଯାଇଛି। ମଙ୍ଗଳବାର ଓ ବୁଧବାର ଝାରସୁଗୁଡା, ଅନୁଗୋଳ ଏବଂ ବୌଦ୍ଧ ଜିଲାକୁ ଥଣ୍ଡା ପାଇଁ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡା, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାକୁ ଆଲର୍ଟ ଜାରି ହୋଇଛି।

ବିଭାଗର ତଥ୍ୟ ଅନୁଯାୟୀ, ରବିବାର ଦାରିଙ୍ଗବାଡିରେ ସର୍ବନିମ୍ନ ରାତି ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ୧୦ ଡିଗ୍ରୀ ତଳେ ୬ ସହର ରହିଥିଲା। ହେଲେ ଗତ ୨୪ ଘଣ୍ଟାରେ ୧୦ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲାବେଳେ ☞ପୃଷ୍ଠା-୯

# ପ୍ରଶ୍ନପତ୍ର ଲିକ୍ ରୋକିବ ଏଆଇ କ୍ୟାମେରା

**ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)**

## ଯୁକ୍ତ୨ ପରୀକ୍ଷା: ଫର୍ମପୂରଣ କରିଛନ୍ତି ୪,୦୧,୬୨୩ ଛାତ୍ରୀଛାତ୍ର

ଯୁକ୍ତ୨ ପରୀକ୍ଷାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସବୁ ସ୍ତରରୁ ପ୍ରୟାସ ଚାଲିଛି। ଇତିମଧ୍ୟରେ ଗତ ୨ ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଫେବୃଆରୀ ୧୮ରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକର ଥିଓରି ଆରମ୍ଭ ହେବ ଓ ଏହା ୨୨ଦିନ ଧରି ଚାଲିବ। ଫେବୃଆରୀ ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ତେବେ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏଆଇ କ୍ୟାମେରା ବ୍ୟବହାର କରିବ ବୋଲି ପରିଷଦ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୧୧ ହବ୍‌ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ୍ୟାମେରା ସ୍ଥାପନ କରିବ। ଏଥିପାଇଁ କଲେଜ ଇଣ୍ଟରନେଟ୍ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏଆଇ କ୍ୟାମେରାରେ ୧୨୮ ଜିବି ମେମୋରୀ କାର୍ଡ ଲଗାଯିବ। ଏଥିପାଇଁ ପାୱାର ବ୍ୟାକ୍‌ଅପ୍ ଦିଆଯିବ। ଫେବୃଆରୀ ୯ ସୁଦ୍ଧା ସବୁ ହବ୍‌ରେ ଲଗାଯିବ। ଅନ୍ୟପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପ୍ରଥମ ଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାକୁ ଏହି କଣ୍ଟ୍ରୋଲ ରୁମରୁ ମନିଟର କରାଯାଇଛି। ପୂର୍ବରୁ କେବଳ ଥିଓରି ପରୀକ୍ଷାକୁ କଣ୍ଟ୍ରୋଲ ରୁମ୍‌ରୁ ମନିଟର କରାଯାଉଥିଲା। ଏହାଦ୍ୱାରା ପିଲାମାନଙ୍କ ସମେତ ଏକ୍ସଟରନାଲମାନଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖାଯାଉଛି।

ପରିଷଦର ସୂଚନାନୁସାରେ, ୨୦୨୫-୨୬ ଶିକ୍ଷାବର୍ଷ ଯୁକ୍ତ୨ ପରୀକ୍ଷା ପାଇଁ ୪,୦୧,୬୨୩ ଛାତ୍ରୀଛାତ୍ର ଫର୍ମପୂରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩,୭୬,୫୩୫ ଜଣ ରେଗୁଲାର ଏବଂ ୨୫,୦୮୮ ଏକ୍ସରେଗୁଲାର ପିଲା ରହିଛନ୍ତି। କଳା ବିଭାଗରେ ୨୫୬୭୦୭ ପିଲା ଫର୍ମପୂରଣ କରିଥିବାବେଳେ ୨୪୧୬୨୨ଜଣ ରେଗୁଲାର ଏବଂ ୧୫୦୮୫ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ବାଣିଜ୍ୟ ବିଭାଗରେ ୨୪,୬୨୧ ଜଣଙ୍କ ମଧ୍ୟରୁ ୨୩,୧୦୨ ରେଗୁଲାର ଏବଂ ୧,୫୧୯ ଏକ୍ସ ରେଗୁଲାର, ବିଜ୍ଞାନ ବିଭାଗରେ ଫର୍ମପୂରଣ କରିଥିବା ୧୧୪୩୬୩ ଜଣଙ୍କ ମଧ୍ୟରୁ ୧୦୬୬୪୭ ରେଗୁଲାର ଏବଂ ୭,୭୧୬ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ସେହିପରି ଧନ୍ଦାମୂଳକରେ ୫,୯୩୨ଜଣ ପଞ୍ଜୀକରଣ କରିଥିବାବେଳେ ୫୧୬୪ ରେଗୁଲାର ଏବଂ ୭୬୮ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ତେବେ ପରୀକ୍ଷା ସରିବାର ୪୦ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

# ସଡ଼କ ସୁରକ୍ଷାରେ ସହାୟକ ହେବ ୬ 'ଇ': ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୧(ସୁନିତ୍ ମିଶ୍ର)**

- ଘାଟି ରାସ୍ତାରେ ଗାଡ଼ିଚାଳକଙ୍କୁ ସତର୍କ କରାଇବ ସାଇରନ୍
- ଭୁବନେଶ୍ୱରରେ ୧୫ ଚାର୍ଜିଂ ଷ୍ଟେଶନର ଲୋକାର୍ପଣ

ସଡ଼କ ସୁରକ୍ଷା ପାଇଁ ପୂର୍ବରୁ ୪ଟି 'ଇ' ପାଳନ କରିବା ଉପରେ ସରକାର ଗୁରୁତ୍ୱ ଦେଉଥିଲେ। ସେଗୁଡ଼ିକ ହେଲା ଏଜୁକେଶନ, ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ ଓ ଏମର୍ଜେନ୍ସି। ଏବେ ଏଥିରେ ଆଉ ୨ 'ଇ'କୁ ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଥିଲେ। ସେହି ଦୁଇଟି ହେଉଛି ଏନଭାଇରନ୍‌ମେଣ୍ଟ ଓ ଇଭାଲ୍ୟୁଏଶନ। ଯାନବାହନର ପ୍ରଦୂଷଣ ନିୟମକୁ ଠିକ୍ ଭାବେ ପାଳନ କରିବା ସହିତ ସଡ଼କ ସୁରକ୍ଷାର ଯେଉଁ ନିୟମଗୁଡ଼ିକ ଅଛି, ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟନ କରିବା ଜରୁରୀ। ଏହି ମୂଲ୍ୟାୟନକୁ ଭିତ୍ତିକରି ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଛନ୍ତି।

ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ସୋମବାର ଆୟୋଜିତ ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, ରାଜ୍ୟର ସଡ଼କ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଆଜି ଏକ ଐତିହାସିକ ଦିନ। ସାରା ରାଜ୍ୟରେ ଏବେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଏବେଠାରୁ ସଡ଼କ ସୁରକ୍ଷାକୁ ସୁଶାସନର ଅଂଶ ଭାବେ ଗ୍ରହଣ କରାଗଲା। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ। ଏହି ଅବସରରେ 'ମୁଖ୍ୟମନ୍ତ୍ରୀ ସଡ଼କ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ଇତିହାସର ପ୍ରତିଶୋଧ ବୋକାମି**

# ରାଉରକେଲାକୁ ଉଡ଼ିବ ୭୨ ଆସନ ବିଶିଷ୍ଟ ବିମାନ: ପରିବହନ ମନ୍ତ୍ରୀ

**ରାଉରକେଲା,୧୨।୧(ସଙ୍ଗୀତା ଜେନା)**

ରାଉରକେଲା ଜଲଦା ଫାଣ୍ଡି ଗଡ଼ିଆଟୋଲା ଓ ବନଟୋଲା ମଧ୍ୟବର୍ତ୍ତୀ ଅଞ୍ଚଳରେ ଗତ ଶନିବାର ଅପରାହ୍ଣ ସାଢ଼େ ୧ଟାରେ ହୋଇଥିବା ବିମାନ ଦୁର୍ଘଟଣାର ତଦନ୍ତ ରବିବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ସକାଳ ୬ଟାରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦୁର୍ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଲେ, ସମସ୍ତ ଆହତ ସୁରକ୍ଷିତ ଅଛନ୍ତି। ଈଶ୍ୱରଙ୍କ କୃପାରୁ କୌଣସି ଜୀବନହାନି ହୋଇନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ସହଯୋଗ କେବେ ଭୁଲି ହେବନାହିଁ। ସାହସୀ ଗ୍ରାମବାସୀଙ୍କୁ ସମ୍ମାନିତ କରାଯିବ। ଦୁର୍ଘଟଣାର କାରଣ ବିଷୟରେ ଅନୁଧ୍ୟାନ କରାଯାଉଛି। ଭବିଷ୍ୟତରେ ସୁରକ୍ଷିତ ଉଡାଣ ସୁନିଶ୍ଚିତ କରାଯିବ। ସମ୍ପ୍ରତି ୯ ଆସନ ବିଶିଷ୍ଟ ବିମାନ ଚଳାଚଳ କରୁଛି। ଖୁବ୍‌ଶୀଘ୍ର ବିମାନବନ୍ଦର ଜମି ସମସ୍ୟା ଦୂର ହେବାକୁ ଯାଉଛି। ବର୍ତ୍ତମାନ ସେଲ୍ ପରିଚାଳିତ ବିମାନବନ୍ଦରକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉଛି। ଖୁବ୍‌ଶୀଘ୍ର ପୁଣି ୭୨ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ପରେ ସେ ଜେପି ହସ୍ପିଟାଲ ଯାଇ ଆହତ ଓ ସେମାନଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହି ସମୟରେ ଜିଲାପାଳ ଶୁଭଙ୍କର ମହାପାତ୍ର, ଏଡିଏମ୍ ଦୀନା ଦସ୍ତଗୀର, ଭାଜପା ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେର୍‌କେଟା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଇଣ୍ଡିଆ ୱାନ ଏୟାର ପ୍ରମୋଟର ଶୈଶବ ଆର୍. ଶାହା ମଧ୍ୟ ଆହତଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ସୋମବାର ଅପରାହ୍ଣ ୧ଟାରେ ☞ପୃଷ୍ଠା-୯



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି।


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ବୃଦ୍ଧାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା

ଉଦଳା,୧୨।୧(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର ମାହାଲୀସାହି ଗ୍ରାମରେ ସୋମବାର ଜଣେ ୭୫ ବର୍ଷର ବୃଦ୍ଧାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପୋଲିସ ଅଭିଯୁକ୍ତ ରଘୁ ହେମ୍ବ୍ରମଙ୍କୁ ଗିରଫ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବୃଦ୍ଧାଜଣଙ୍କ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ପଡ଼ୋଶୀ ରଘୁ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ପରେ ଏକ ପଥରରେ ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ୟୁନିଟ୍ ୪, ସମୟ: ସକାଳ ୮ଟା ୩୦।
- ୧୪ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲିଅନ୍ତା ବ୍ଲକର ସାନ ବଇଡୁଆସ୍ଥିତ ମା' ଚମ୍ପା ଦେଈ ପୀଠ, ସମୟ: ସକାଳ ୯ଟା।
- ନିଃଶୁଳ୍କ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଏକମ୍ ଇଣ୍ଟରନ୍ୟାଶନାଲ୍ କ୍ଲାସିକ୍ ସୋଲୋ ଡ୍ୟାନ୍ସ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମୟ: ସକାଳ ୯ଟା, ସାଧାରଣ ସଭା ଏବଂ ଆଲୋଚନାଚକ୍ର, ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ)ର ହନୁମାନଙ୍କ ପୀଠସ୍ଥଳୀସ୍ଥିତ ମାରୁତି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନ ଉତ୍ସବ, ସ୍ଥାନ: ୱାଲ୍‌ମୀ, ପ୍ରତାପନଗରୀ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରକାଶକ ଓ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ଅପରାହ୍ନ ୪ଟା।

**ପୁରୀ**
- କୋର୍ଟ ସ୍ଥାନାନ୍ତରଣ କୁ ବିରୋଧ କରି ଓକିଲ ମାନେ ଚଳାଇଥିବା ଧାରଣାକୁ ସମର୍ଥନ କରି ଆମ୍ ଆଦମୀ ପାର୍ଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଔଷଧିକରଣରେ ଉନ୍ନତ ଔଷଧ ଯୋଗାଣ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଫାର୍ମାସୀ କଲେଜ, ବାଲିଗୁଆଳି, ସମୟ: ପୂର୍ବାହ୍ନ ୧୧ଟା୩୦।

**ବାଲେଶ୍ୱର**
- ବରିଷ୍ଠ ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ: ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ, ସ୍ଥାନ: ଲିଫ୍ଟ ଇରିଗେଶନ୍ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମ୍‌ଶ୍ରୀ ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ବିଦ୍ୟାଳୟ ପରିସର, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଆସ ସ୍କୁଲ ଯିବା ଅଭିଯାନ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମୋତିଆବିନ୍ଦୁ ପରୀକ୍ଷା ଶିବିର, ସ୍ଥାନ: ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ ଓ ପାଭିଲିୟନ ଉଦ୍‌ଘାଟନ, ସ୍ଥାନ: ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଦୋଳମଣ୍ଡପ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଣ୍ଣ ଧନୁଷ ପରିକ୍ରମା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୦ ଟା ୩୦।

**ମୟୂରଭଞ୍ଜ**
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ,ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ,ସ୍ଥାନ:ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ,ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଆଧ୍ୟାତ୍ମିକ ସମ୍ମେଳନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସକାଳ ୬ଟା।
- ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ମା' କାଳୁଆ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ଶାସ୍ତ୍ରୀ ନଗର, ଗୋଷାଣିନୂଆଗାଁ, ସମୟ: ରାତି ୮ଟା।

**କନ୍ଧମାଳ**
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଭ୍ରମରବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଗଜପତି**
- ସ୍ୱତନ୍ତ୍ର ଜାତୀୟ ସେବା ଶିବିର, ସ୍ଥାନ: ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟ ପରିସର,ସମୟ: ସକାଳ ୭ଟା ୩୦।

**ଢେଙ୍କାନାଳ**
- ନିଯୁକ୍ତି ମେଳା ୨୦୨୫-୨୬, ସ୍ଥାନ: ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟ ଖେଳପଡ଼ିଆ, ଢେଙ୍କାନାଳ, ସମୟ: ସକାଳ ୯ଟା।

**ଅନୁଗୋଳ**
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

**ଜଗତ୍‌ସିଂହପୁର**
- ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଜନ୍ମଦିନ ଉପଲକ୍ଷେ ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିନୀ, ରଙ୍ଗିଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସବୁଜ ବାହିନୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଛାତ୍ରୀଛାତ୍ରଙ୍କୁ ନେଇ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ବାଳିକା ବିଦ୍ୟାଳୟ, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଣ୍ଟିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।

**ଯାଜପୁର**
- ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିରେ ଗୁରୁ ପଦ୍ମ ସମ୍ଭବ ସମାବେଶ ୩ୟ ଦିବସ, ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ପ୍ରାର୍ଥନା ସଭା, ସ୍ଥାନ: ଉଦୟଗିରି ବୌଦ୍ଧ ପୀଠ, ଯାଜପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍। ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଓଳାଶୁଣୀ ପୀଠରେ କେଶ ଯାତ୍ରା, ଲଳିତଗିରିଠାରୁ ବାହାରି ଓଳାଶୁଣୀ ପାହାଡ଼ରେ ପହଞ୍ଚିବ, ସ୍ଥାନ: ଓଳାଶୁଣୀ ପୀଠ, ବଡ଼ଚଣା ବ୍ଲକ, ଯାଜପୁର, ସମୟ: ସନ୍ଧ୍ୟା ୬ ଟା।
- ବଡ଼ଚଣା ମହୋତ୍ସବର ଉଦ୍‌ଯାପନୀ ସମାରୋହ, ଓଲିଉଡ ଗାୟିକା ଲିପସା ମହାପାତ୍ରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଭୃଙ୍ଗାଣୀ ମକରଯାତ୍ରାର ୪ର୍ଥ ଦିବସ, ସ୍ଥାନ: ସୋଲପଟାର ମା' ଭୃଙ୍ଗାଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ପ୍ରିୟଜନଙ୍କୁ ଚିଠି ଟିଏ ଏକକ ଅଭିନୟ ପ୍ରତିଯୋଗିତା, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ଅପରାହ୍ନ ୨ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ସନ୍ଧ୍ୟା ଅଧିବେଶନରେ ସଭା, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ଅପରାହ୍ନ ୫ଟା।
- ସୁଭଦ୍ରା ଶକ୍ତିମେଳାର ୨ୟ ଦିବସ, ସ୍ଥାନ: ନୟାଗଡ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ଉଦ୍‌ଯାପନ ଦିବସରେ ସାଂସ୍କୃତିକ ଆସର ଓ ଐତିହାସିକ ନାଟକ, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ସନ୍ଧ୍ୟା ୭ଟା।
- ନବାଙ୍କ ବେଢ଼ା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଭୋଗି ପାଳନ, ସ୍ଥାନ: ଟିକିରି, ସମୟ: ରାତି ୧୨ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୁଢ଼ାରାଜା ଚାଉଁଲିଆ ଚଟା ମହୋତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଟା ଗ୍ରାମ, ସମୟ: ଅପରାହ୍ନ ୩ଟା।

**କୋରାପୁଟ**
- ପିଏମ୍‌ଶ୍ରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବ୍ଲକ କଲୋନୀ ବିଦ୍ୟାଳୟ ପରିସର, ସେମିଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଛାତ୍ରୀଛାତ୍ରଙ୍କ ଶୀତଦିନିଆ ସ୍ୱତନ୍ତ୍ର ଶିବିର, ସ୍ଥାନ: ଡୁରକାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: କୁଲାବିର(ପାଡୁଆ) ଉଚ୍ଚ ବିଦ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍ରୋ ଉପକରଣ ଉଦ୍‌ଘାଟନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୌଡ଼ଗୁଡ଼ା, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୧ଟା।
- ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବର୍ଜନ ନେଇ ସଚେତନା କାର୍ଯ୍ୟକ୍ରମ, ସ୍ଥାନ: ରାଣୀଡୁଡୁମା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ମତଦାନ ଦିବସ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଏଡିଏମ୍ କାର୍ଯ୍ୟାଳୟ ପରିସର, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଦେବଝରନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ-୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ଅମ୍ବେଡକର ଯୁବକ ସଂଘ ଆୟୋଜିତ ଅନୁପ୍ରିୟା ସୁରୁଜାଲ ନିଃଶୁଳ୍କ ଶିକ୍ଷା କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ଅମ୍ବେଡକର ନଗର, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପରିବେଶ ସମ୍ବନ୍ଧୀୟ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା, ସ୍ଥାନ: ହରେକୃଷ୍ଣ ମହତାବ ହାଇସ୍କୁଲ, ଲୋଇସିଂହା, ସମୟ ପୂର୍ବାହ୍ନ: ୧୦ଟା ୩୦।

**ବରଗଡ଼**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ:ପାଣି ପଞ୍ଚାୟତ ଭବନ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ବିରାଟ ମକର ମହୋତ୍ସବ, ସ୍ଥାନ: ପୁଡ଼ାପାଲି, ବରଗଡ଼, ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ରାହାଗିରି, ପଥ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଜେଲ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଇଣ୍ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକୋତ୍ସବ, ସ୍ଥାନ: ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଦିନ ୧୦ଟା।
- ସପ୍ତମ ଖଡଙ୍ଗ ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବନ୍ଧଗୋରା ମହୋତ୍ସବ ପଡିଆ, କଣ୍ଟାମାଳ ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଧାନ କଟ୍‌ନି ଛଟ୍‌ନି ବନ୍ଦ ଏବଂ ଟୋକନ ପ୍ରଦାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୬ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା'ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ବୃଥା ବିବାଦ, କଥା କଟାକଟି, ଟଣାଓଟରା ମଧ୍ୟରେ ଠିକ୍ ନିଷ୍ପତ୍ତିରେ ଉପନୀତ ହୋଇପାରିବେ ନାହିଁ। କିନ୍ତୁ ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିପାରିବେ। ଅର୍ଥ ସଙ୍କଟକୁ ବନ୍ଧୁ ସୁଧାରିନେବେ, କିନ୍ତୁ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ**
ବୁଧଙ୍କ ସ୍ଥିତିଜନିତ ଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଯାତ୍ରାକାଳରେ ଅପରିଚିତାଙ୍କ ସହ ମିତ୍ରତା କରିବାକୁ ଯାଇ ଅସୁବିଧାରେ ପଡ଼ିପାରନ୍ତି। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତାରେ ଉଦ୍‌ବେଗ ବଢ଼ିପାରେ। ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ଭାଇନ୍‌ଭଉଣୀଙ୍କ ମତାନ୍ତରର ଆଶଙ୍କା ରହିଛି।

**ମିଥୁନ**
ଷଷ୍ଠାଧିପ ମଙ୍ଗଳ ସପ୍ତମସ୍ଥ ଯୋଗୁ ପରିବାରରେ ବିତର୍କ ସାଙ୍ଗକୁ ଯାତ୍ରା, ବାଣିଜ୍ୟ ବାଧାପ୍ରାପ୍ତ ହୋଇପାରେ। ଶିକ୍ଷା,ପରୀକ୍ଷା,ନୂତନ ବନ୍ଧୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବା ଆଶା ରହିଛି। ବନ୍ଧୁଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ , କିନ୍ତୁ କହିସାରିବା ପରେ ମନସ୍ତାପ କରିବେ।

**କର୍କଟ**
ରାଶ୍ୟାଧିପ ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଶନି କ୍ଷେତ୍ରସ୍ଥ ଶୁକ୍ର ଯୋଗୁ ଭଲ ଚିନ୍ତାକଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। କିନ୍ତୁ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରେ ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପରିବାର, ଯାତ୍ରା, ବନ୍ଧୁସମ୍ପର୍କ ଏବଂ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଅବିସ୍ମରଣୀୟ ରହିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପଶ୍ଚାତେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ସାହିତ୍ୟ, ଗବେଷଣା, କ୍ରୀଡ଼ା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**କନ୍ୟା**
ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ଆର୍ଥିକ ଉନ୍ନତି, ବନ୍ଧୁମିଳନ ଏବଂ କର୍ମାରମ୍ଭ ପାଇଁ ଆନୁଷଙ୍ଗିକ ଆବଶ୍ୟକତା ପାଇପାରିବେ। ସହକର୍ମୀ ସହଯୋଗର ହାତ ବଢ଼ାଇପାରନ୍ତି। ପାରିବାରିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଚିନ୍ତାକରିବେ। ମାଙ୍ଗଳିକ କାର୍ଯ୍ୟ, ନୂତନ ବାଣିଜ୍ୟ,ଭ୍ରମଣ ସକାଶେ ଯୋଜନା କରିପାରନ୍ତି।

**ତୁଳା**
ପ୍ରତ୍ୟେକ ଦିଗରୁ କିଛି ନା କିଛି ବ୍ୟତିକ୍ରମ ରହିଥିଲେ ମଧ୍ୟ ଲକ୍ଷ୍ୟପଥର ଯାତ୍ରା ଅବ୍ୟାହତ ରହିବ। ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କିମ୍ବା ଅର୍ଥସମ୍ପର୍କିତ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା**
ବୃହସ୍ପତିଙ୍କ ସୁଦୃଷ୍ଟିଜନିତ ନୂତନ ଚିନ୍ତା, ବନ୍ଧୁ ସମ୍ପର୍କ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ ହେବେ। କର୍ମକ୍ଷେତ୍ରରେ ସମୟୋଚିତ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ର ସକାଶେ କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ**
ଧନଭାବସ୍ଥ ଶୁକ୍ର ବନ୍ଧୁଙ୍କ ନିକଟରୁ ଆଦର, ଗୌରବ ପାଇବା ସହ ମନୋରଞ୍ଜନର ପରିବେଶ ପ୍ରଦାନ କରିବ। ଈର୍ଷାପରାୟଣ ସହକର୍ମୀଙ୍କ ପ୍ରାୟୋଜିତ ମିଥ୍ୟାଭିଯୋଗ କର୍ମକ୍ଷେତ୍ର ସକାଶେ ବାଧକ ସାଜିବା ଆଶଙ୍କା ରହିଛି। ମନ ଭଲ ନ ଥିଲେ ମଧ୍ୟ ଦୈନିକଚର୍ଯ୍ୟା କ୍ଷେତ୍ରରେ ନିତିଦିନିଆ କାମକୁ ଛାଡ଼ିପାରିବେ ନାହିଁ।

**ମକର**
ତୃତୀୟାଧିପ ଷଷ୍ଠସ୍ଥ ଯୋଗୁ ବନ୍ଧୁ ବିରୋଧ ସାଙ୍ଗକୁ ଭ୍ରାତୃ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ନିଜ କାମ ଛାଡ଼ି ଆଜ୍ଞାବହ ଭାବରେ ପର କାମରେ ମନ ଦେଇ ଘରକାମକୁ ଅଣଦେଖା କରିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। ବକେୟା ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ**
ଦ୍ୱିତୀୟସ୍ଥ ଶନିଙ୍କ ସ୍ଥିତି ଆର୍ଥିକ ଅନଟନ ସାଙ୍ଗକୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରାଇ ଭାବୁକ ବନାଇଦେଇପାରେ। ଆଜି ଆପଣଙ୍କ କୌଣସି କାମ ଅଟକିବ ନାହିଁ ତଥାପି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଶିଳ୍ପ,ବାଣିଜ୍ୟ, ପରିବହନ, ନିର୍ମାଣ ଏବଂ କଚେରି ମାମଲାରେ ସଫଳତା ମିଳିବ। ଥଣ୍ଡାଜନିତ ପୀଡ଼ାରେ କଷ୍ଟ ଅନୁଭବ କରିପାରନ୍ତି।

**ମୀନ**
ବନ୍ଧୁଙ୍କ ଅନୁରୋଧରେ ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବ, କିନ୍ତୁ ଆଶାନୁରୂପ ସଫଳତା ପାଇବେ ନାହିଁ। ବ୍ୟବସାୟ, ପରିବହନ, ଦୂରଯାତ୍ରାରୁ ସୁଫଳ ପାଇବେ। ଏକାଦଶ ଭାବରେ ଶୁକ୍ର ଉଚ୍ଚଶିକ୍ଷା, ସନ୍ତାନଙ୍କ କୃତିତ୍ୱ ଏବଂ ବନ୍ଧୁଙ୍କ ସହ ଆଲୋଚନାର ସୁଯୋଗ ପ୍ରଦାନ କରିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟିକ ଦିଗରୁ ଦିନଟି ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୧୩ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, ମାଘ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ସକାଳ ଘ.୦୬।୨୭ ଗତେ, ଘ.୦୭।୧୧ ମଧ୍ୟେ, ଦିବା ଘ.୦୯।୧୧ ଗତେ, ଘ.୧୧।୩୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୯ ଗତେ, ଘ.୦୪।୦୦ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇତିପିତା ଇତିପିତା
ଦେଲା ମାଉସୀ ନଳିତା ପିତା
ନଳିତା ଶାଗ ପିତା ଲାଗେ
କିନ୍ତୁ ଏହା ଖିଆଯାଏ ।**

ସାଧାରଣତଃ ନଳିତା ଶାଗ ପାଟିକୁ ପିତା ଲାଗିଥାଏ। ତେବେ ଏହା ପିତା ଲାଗୁଥିଲେ ମଧ ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ହୋଇଥିବା ଦୃଷ୍ଟିରୁ ଏହାକୁ ଖାଇବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

**ଇଆଡ଼େ ପାଣି, ସିଆଡ଼େ ପାଣି
କେମିତି ଯିବି ନ ପାରେ ଜାଣି ।**

ଇଆଡ଼େ ପାଣି ସିଆଡ଼େ ପାଣି ଭଳି ଦୁଇପଟରେ ଅସୁବିଧା ଦେଖାଦେଲେ ମଣିଷ ହରଡ଼ଘଣାରେ ପଡ଼ିଯାଏ। ଏପରି ସ୍ଥଳେ କେଉଁଟା କରିବ କେଉଁଟା ନ କରିବ ଏନେଇ ଦ୍ୱନ୍ଦ୍ୱ ଉପୁଜିଥାଏ। କେଉଁ କୂଳରେ ନ ହେବାର ସ୍ଥିତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ବିଧାନସଭା ଆସନ...

ଘୋଷଣା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ନରସିଂହ କହିଛନ୍ତି, ୫୦ବର୍ଷ ପୂର୍ବରୁ ବିଧାନସଭା ଆସନ ୧୪୦ରୁ ୧୪୭କୁ ବଢ଼ିଥିଲା। ଏବେ ଏହି ସଂଖ୍ୟା ବଢ଼ିବାର ଆବଶ୍ୟକତା ରହିଛି। ଯଦି ବାସ୍ତବରେ ଏହା ହୁଏ, ରାଜ୍ୟବାସୀଙ୍କ ପାଇଁ ଫଳପ୍ରଦ ହେବ। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ରାଜ୍ୟରେ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଘର ଗଣନା ହେବ ବୋଲି ନିକଟରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ କହିଛନ୍ତି। ଏହାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚ ଶେଷ ବେଳକୁ ଜଣାପଡ଼ିବ। ରାଜ୍ୟରେ ଜନସଂଖ୍ୟା ଆଧାରରେ କେତେ ଆସନ ବଢ଼ିବ ତାହାକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଧାରଣ କରାଯିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଲୋକଦେଖାଣିଆ। ବିଜେଡି ସରକାର ସମୟରେ ଲୋକସେବା ଭବନର ଅଧିକ କୋଠା ନିର୍ମାଣ କରିବା ଲାଗି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସ୍ଥାନ ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯଦି ଏହାକୁ ଦେଖି କହୁଥିବେ, ତେବେ ସେଥିରେ କିଛି କହିବାର ନାହିଁ ବୋଲି ପ୍ରତାପ ଦେବ କହିଛନ୍ତି। ସେହିପରି ବିଜେଡିର ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ରାଜ୍ୟରେ ଧାନମଣ୍ଡିଗୁଡ଼ିକରେ ଧାନ ପଡ଼ିଛି ଯେ, ଚାଷୀ କାନ୍ଦୁଛନ୍ତି। ଯଦି ସ୍ଥିତି ଏହିପରି ବଜାୟ ରୁହେ ତେବେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟହେବେ। ଅନ୍ୟପକ୍ଷରେ ରାଜ୍ୟରେ ଏପର୍ଯ୍ୟନ୍ତ ଜନଗଣନା ଆରମ୍ଭ ହୋଇନାହିଁ। ଚଳିତବର୍ଷ ଏପ୍ରିଲରୁ ଘରଗଣନା ହେବାକୁରହିଛି। ଜନଗଣନା ପରେ ସରକାର ସୀମା ପୁନଃନିର୍ଦ୍ଧାରଣ କରିବେ। ଏହାପରେ କେତେ ଆସନ ବଢ଼ିବ କୁହାଯାଇପାରେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ କପୋଳକଳ୍ପିତ ଛଡ଼ା ଆଉ କିଛି ନୁହେଁ। ମୁଖ୍ୟମନ୍ତ୍ରୀ ଯେଉଁ ଲୋକସେବା ଭବନ ଏବଂ ବିଧାନସଭାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏଥିପାଇଁ ଟଙ୍କା ବରାଦ କରାଯାଇଛି ନା କେବଳ ଅଟକଳରେ ରହିଛି ବୋଲି ଅଶୋକ ପଣ୍ଡା ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା ପ୍ରଶାସନ ଗତିଶୀଳ ହେବା ସହିତ ଲୋକଙ୍କୁ ତ୍ୱରିତ୍ ନ୍ୟାୟ ମିଳିବ। ଘୋଷଣା ଅନୁଯାୟୀ ସରକାର କାର୍ଯ୍ୟ କଲେ ଆଗାମୀ ଦିନରେ ଭାଜପା ଅଧିକ ଲୋକାଦୃତ ହୋଇପାରିବ।

## ୭୧ ଏକର ଜମି କେଉଁଠୁ ଆସିବ

ଭୁବନେଶ୍ୱର,୧୨।୧(ରବିନାରାୟଣ ଜେନା) ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ଲୋକସେବାଭବନ ଓ ବିଧାନସଭା ଭବନ ନୂତନ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଲୋକସେବାଭବନରେ ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନୂତନଭବନର ଭିତ୍ତିପ୍ରସ୍ତର ସ୍ଥାପନ କରି ଆସନ୍ତା ୨ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ଗଣମାଧ୍ୟମକୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପୁରୁଣା ଲୋକସେବାଭବନ ଭଙ୍ଗା ହେବନାହିଁ। ମାତ୍ର ନୂତନ ଭବନ ନିର୍ମାଣ ହେବ। ତେବେ ଏହି ନୂତନ ଦୁଇ ଭବନ ନିର୍ମାଣ ପାଇଁ ୭୧ଏକରରୁ ଅଧିକ ଜମିର ଆବଶ୍ୟକତା ରହିଛି। ବର୍ତ୍ତମାନର ଲୋକସେବା ଭବନ ଭଙ୍ଗା ନ ହେଲେ ଏତେ ଜମି କେଉଁଠୁ ଆସିବ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ବର୍ତ୍ତମାନ ଲୋକସେବା ଭବନର ନିଜସ୍ୱ ୪୪ଏକର ଜମି ରହିଛି। ଏଥିରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଅଞ୍ଚଳରେ କେତେକ ଜମି ବଳକା ରହିଛି। ଏହା ସହିତ ବିଧାନସଭାର ନିଜସ୍ୱ ୧୦ଏକର ଜମି ରହିଛି। ଏସବୁକୁ ମିଶାଇଲେ ସରକାରଙ୍କ ପାଖରେ ୫୪ଏକର ଜମି ହେଉଛି। ଅବଶିଷ୍ଟ ୧୭ଏକର ଜମି ପାଇଁ ଓଡ଼ିଶା ଖଣି ନିଗମ ସହିତ ଏହା ପାଖରେ ଥିବା କେତେକ ସରକାରୀ କାର୍ଯ୍ୟାଳୟକୁ

### ଭଙ୍ଗା ହୋଇପାରେ ଓଏମ୍‌ସି

ଅଧିଗ୍ରହଣ କରାଯିବାକୁ ଯୋଜନା ରହିଛି। ଏହାସହିତ ରାଜ୍ୟ ସରକାରଙ୍କ ନିର୍ମାଣ ଭବନକୁ ମଧ୍ୟ ଏହି କ୍ୟାମ୍ପସ ଭିତରେ ସାମିଲ କରାଯିବ।

ସେହିପରି ପୋଲିସ କମିଶନ୍‌ରେଟ ଭବନ, ରାଜ୍ୟ ଅତିଥି ଭବନ ଏବଂ କୃଷି ଭବନ ସହିତ ସେଚସଦନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି। ଏସବୁକୁ ନେଇ ରାଜ୍ୟ ସରକାର ନୂତନ ଲୋକସେବା ଭବନ ଏବଂ ବିଧାନସଭା ଭବନର ପରିକଳ୍ପନା କରିଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଗୋଟିଏ କ୍ୟାମ୍ପସରେ...

ଆସନ ସଂଖ୍ୟା ବଢ଼ିବ। ତେଣୁ ଅତ୍ୟାଧୁନିକ ଲୋକସେବା ଭବନ ଏବଂ ବିଧାନସଭା କ୍ୟାମ୍ପସର ଆବଶ୍ୟକତା ରହିଛି। ଏହି ନୂତନ ପ୍ରକଳ୍ପ ପାଇଁ ୩୬୨୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ନୂତନ ଲୋକସେବା ଭବନ ଏବଂ ବିଧାନସଭାର ପରିକଳ୍ପିତ ରୂପ ଥ୍ରିଡି ମାଧ୍ୟମରେ ଆଗକୁ ଅଣାଯାଇଛି।

ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗର ୬୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୭୧ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରର ଯେପରି କାୟାକଳ୍ପ ହେବ, ତାକୁ ଦୃଷ୍ଟିରେ ରଖି ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପର ପରିକଳ୍ପିତ ରୂପ ମଧ୍ୟ ବିଭାଗ ପକ୍ଷରୁ ଦେଖାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏଓଭର ନିର୍ମାଣ କରାଯିବ। ଏହାଦ୍ୱାରା ରାଜ୍ୟର ଏକ ଜନଗହଳିପୂର୍ଣ୍ଣ ସଡ଼କରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯାତାୟାତ କରିପାରିବେ। ଏଥିମଧ୍ୟରୁ ପ୍ରାୟ ୫୬୩୦ କୋଟି ଟଙ୍କା ବିନିଯୋଗରେ ୩୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ପ୍ରାୟ ୧୦୭୦ କୋଟି ଟଙ୍କା ବିନିଯୋଗରେ ୩୨ଟି ପ୍ରକଳ୍ପର ଲୋକାର୍ପିତ ହୋଇଛି। ସଡ଼କ ଭିତ୍ତିଭୂମି ଓ ସଡ଼କ ସୁରକ୍ଷା କ୍ଷେତ୍ରରେ ଏହି ଯୁଗାନ୍ତକାରୀ ପଦକ୍ଷେପଗୁଡ଼ିକ ବିକାଶରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ହନୁମାନ ଚାଳିଶା ପଢୁଛନ୍ତି ପରିଣୀତି

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ନିକଟରେ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ସେ ଏବେ ତାଙ୍କ ପ୍ରସବ ପରେ ଜୀବନ ବିଷୟରେ ମୁହଁ ଖୋଲିଛନ୍ତି। ପ୍ରସବର ଦୁଇ ମାସ ପରେ ସେ ଧୀରେ ଧୀରେ ସାଧାରଣ ଜୀବନକୁ ଫେରୁଛନ୍ତି। ପ୍ରସବ ପରେ ସେ କିପରି ନିଜକୁ ଶାନ୍ତ ରଖିଛନ୍ତି ତାହା ଶେୟାର କରିଛନ୍ତି।

ପରିଣୀତିଙ୍କ ମତରେ, ମାନସିକ ସ୍ୱାସ୍ଥ୍ୟ ଏବଂ ଧ୍ୟାନ ବର୍ତ୍ତମାନ ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସକାରାତ୍ମକ ଚିନ୍ତାଧାରା ମଧ୍ୟ ଶରୀରକୁ ଶକ୍ତିଶାଳୀ ରଖେ। ଯଦି ମନ ସକାରାତ୍ମକ, ତେବେ ଶରୀର ଏହା ଅନୁସରଣ କରେ। ଅଧିକାଂଶ ଲୋକ ସେମାନଙ୍କ ସକାଳ ସେମାନଙ୍କର ଫୋନ୍ ଯାଞ୍ଚ କରି ଆରମ୍ଭ କରନ୍ତି, କିନ୍ତୁ ଏହା କ୍ଷତିକାରକ ବୋଲି ଭାବନ୍ତି ପରିଣୀତି। ସେ କୁହନ୍ତି, ସବୁଠାରୁ ଖରାପ ଅଭ୍ୟାସ ହେଉଛି ଉଠିବା ମାତ୍ରେ ଫୋନ୍ ସ୍କ୍ରଲ୍ କରିବା। ଏହା ମନକୁ ପ୍ରାୟ ଅସ୍ୱଷ୍ଟ କରିଦିଏ ଏବଂ ସମ୍ପୂର୍ଣ୍ଣ ଦିନକୁ ନଷ୍ଟ କରିପାରେ। ତେଣୁ ଉଠିବା ପରେ ମୁଁ ଫୋନ୍ ଛୁଏଁ ନାହିଁ। ଏହା ବଦଳରେ ମୁଁ ନିଜକୁ କିଛି ଶାନ୍ତ ସମୟ ଦିଏ। ମୁଁ ମନ୍ତ୍ର ଜପ କରେ। ଉଠିବା ମାତ୍ରେ ହନୁମାନ ଚାଳିଶା ପଢ଼େ। ଏହାସହ ଗୋଟିଏ ଘଣ୍ଟା ପାଇଁ ଏକାନ୍ତରେ ବସିବା, ସଙ୍ଗୀତ ଶୁଣିବା, ପ୍ରକୃତିକୁ ଉପଭୋଗ କରିବା ମନକୁ ଶାନ୍ତ ରହିବାରେ ସାହାଯ୍ୟ କରେ।



ପରିଣୀତି ଚୋପ୍ରା




# ଚିଲିକା ସୁରକ୍ଷା ଲାଗି ସବୁ ପଦକ୍ଷେପ ନିଅ: ମୁଖ୍ୟମନ୍ତ୍ରୀ

## ଚିଲିକାର ସମନ୍ୱିତ ଉନ୍ନତି ପାଇଁ ଲାଗିବ ୫ ବର୍ଷ

**ଭୁବନେଶ୍ୱର, ୧୨।୧ (ସୁନିତ୍ ମିଶ୍ର)**

ଚିଲିକାର ବିକାଶ ପାଇଁ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏକ ବୈଠକରେ ଚିଲିକାର ଉନ୍ନୟନ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଚିଲିକା ହେଉଛି ଆମ ଜୈବ ବିବିଧତାର ଏକ ଭଣ୍ଡାର। ତେଣୁ ଏହାର ସୁରକ୍ଷା ପାଇଁ ସବୁ ପ୍ରକାର ପଦକ୍ଷେପ ନେବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଚିଲିକାର ସୁରକ୍ଷା ଓ ପରିବେଶର ଉନ୍ନତି ପାଇଁ ଏକ ସମନ୍ୱିତ ଯୋଜନା ଉପସ୍ଥାପନ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ, ଚିଲିକାର ପୁନରୁଦ୍ଧାର ପାଇଁ ଏହାର ମୁହାଣ ଖୋଲାଯିବା, ଚିଲିକାକୁ ସଂଯୋଗ କରୁଥିବା କେତେକ ପାଣି ଚ୍ୟାନେଲର ମଧ୍ୟ ଖନନ କରାଯିବା, ଚିଲିକାର ମୁଖ୍ୟ ପାଣି ଚ୍ୟାନେଲ ସହିତ ବାଲୁଗାଁ, ମଗରମୁଖ ଏବଂ ପାଲୁର ଚ୍ୟାନେଲକୁ ଖୋଲାଯାଇ ମାଟି କଢ଼ାଯିବା ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଏହାସହିତ ମତ୍ସ୍ୟସମ୍ପଦର ଉନ୍ନତୀକରଣ ପାଇଁ ପ୍ରାୟ ଫିଶ୍ ଲ୍ୟାଣ୍ଡିଙ୍ଗ୍ ସେଣ୍ଟର ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ଭିତ୍ତିଭୂମିର ବିକାଶ ଓ ଗବେଷଣା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏହାଦ୍ୱାରା ଚିଲିକାର ଲବଣାଂଶ ସନ୍ତୁଳନ ରହିବା ସହିତ ଏହାର ଜୈବବିବିଧତାରେ ଉନ୍ନତି ଆସିପାରିବ। ଏଥିପାଇଁ ସମୁଦାୟ ୫ ବର୍ଷ ସମୟ ଲାଗିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଚିଲିକା ହେଉଛି ଆମ ରାଜ୍ୟ ଓ ଦେଶର ଏକ ଅନନ୍ୟ ଲୁଣି ହ୍ରଦ। ଶୀତକାଳୀନ ପକ୍ଷୀଙ୍କ ପାଇଁ ଏହା ଏକ ଭୂ-ସ୍ୱର୍ଗ। ୨୦୦୦ ପରଠାରୁ ଚିଲିକାର ମୁହାଣ ଆଉ ଖୋଲାଯାଇ ନ ଥିବାରୁ ଏହା କ୍ରମଶଃ ପୋତି ହୋଇପଡୁଛି, ଯାହାଦ୍ୱାରା ଏହାର ଜୈବସମ୍ପଦ ଧୀରେ ଧୀରେ କମିଯାଉଛି। ତେଣୁ ବର୍ତ୍ତମାନ ଏହାର ସୁରକ୍ଷା ନିହାତି ଆବଶ୍ୟକ ହୋଇପଡ଼ିଛି ବୋଲି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଚିଲିକାର ପୁନରୁଦ୍ଧାର ସହିତ ଏଥିରେ ପର୍ଯ୍ୟଟନର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଯୋଜନା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଚିଲିକାରେ ପକ୍ଷୀଉତ୍ସବ, ସି-ଫୁଡ୍ ଉତ୍ସବ, ବୋଟ୍ ଫେଷ୍ଟିଭାଲ, ଲାଇଟ୍ ହାଉସ ସ୍ଥାପନ, ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇ ପର୍ଯ୍ୟଟନର ବିକାଶ ଉପରେ ପଦକ୍ଷେପ ନିଆଯିବ। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ଲୋକ ସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ବୈଠକରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗଣେଶ ରାମ ସିଂଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍, ୨ଭାଇ ମୃତ


ମୃତ ୨ ଭାଇ

**ଗୁଣପୁର, ୧୨।୧ (ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସହର ନିକଟସ୍ଥ ଲିମାମେଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଖୁଣ୍ଟରେ ଏକ ବାଇକ୍ ପିଟିହୋଇଯିବାରୁ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୁଡାରି ବ୍ଲକ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ଭାକା (୨୪) ଏବଂ କ୍ରିଷ୍ଣା କିମ୍ଭାକା (୨୧)। ସୂଚନା ଅନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସି ବ୍ୟକ୍ତିଗତ କାମରେ ରବିବାର ଗୁଣପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମେଡ଼ା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ଧକ୍କା ହୋଇଯାଇଥିଲା। ଦୁର୍ଘଟଣା ପରେ ଉଭୟ ରାସ୍ତା ଉପରକୁ ଛିଟକି ପଡି ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାରକରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁକରିବା ସହ ଉଭୟଙ୍କ ମୃତଦେହ ଜବତ କରିଥିଲେ।

# ଗାଁକୁ ଗଢ଼ିଲା 'ବିଜିବିଓ'

## ତ୍ୱରାନ୍ୱିତ ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୨।୧ (ରବିନାରାୟଣ ଜେନା)**

ଗାଁର ବିକାଶରେ ରାଜ୍ୟର ବିକାଶ। ଏହି ଲକ୍ଷ୍ୟ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିକଟରେ କ୍ୟାବିନେଟରେ ଅନୁମୋଦନ ଲାଭ କରିଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା (ବିଜିବିଓ)'କୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ବିଭାଗୀୟ ସଚିବ ଗିରୀଶ ଏସ୍.ଏନ୍. ଗୁରୁତ୍ୱ ଦେଇଛନ୍ତି। ଏହାକୁ ନେଇ ଗିରୀଶ ଜାନୁଆରୀ ୯ରେ ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ ସଂଶୋଧିତ ମାର୍ଗଦର୍ଶିକା ଅନୁଯାୟୀ ଏହି ମାର୍ଗଦର୍ଶିକାକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଗାଁର ବିକାଶ ହେବା ସହିତ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ। ତେବେ ଗାଁର ଉନ୍ନତି ପାଇଁ ଯେଉଁସବୁ ବିକାଶମୂଳକ ଯୋଜନାକୁ ଗ୍ରାମସଭା ଅନୁମୋଦନ କରୁଛି, ତାହାକୁ ତୁରନ୍ତ ଜିଲାସ୍ତରୀୟ କମିଟିରେ ଅନୁମୋଦନ କରାଇ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି; ଯାହାଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇପାରିବ ବୋଲି ଗିରୀଶ କହିଛନ୍ତି।

ଗିରୀଶ ଦର୍ଶାଇଛନ୍ତି, ଏହି ଯୋଜନାରେ ଯେଉଁ ଅର୍ଥ ରାଜକୋଷରୁ ଯିବ ସେଥିମଧ୍ୟରୁ ୪୦ପ୍ରତିଶତ ଅର୍ଥ କେବଳ ଆଇଟିଡିଏ ବ୍ଲକରେ ବିନିଯୋଗ ହେବ। ତେବେ ବିଭାଗର ନିଷ୍ପତ୍ତି ଅନୁସାରେ, ପ୍ରକଳ୍ପର ଗୁଣାତ୍ମକତା ନିଶ୍ଚିତ କରିବା ପାଇଁ ନୂଆ ନିୟମରେ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସମସ୍ତ ପ୍ରକଳ୍ପ ପାଇଁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଓ ହସ୍ତାନ୍ତର ତାରିଖଠାରୁ ୩ ବର୍ଷର ବାଧ୍ୟତାମୂଳକ ତ୍ରୁଟି ଦାୟିତ୍ୱ ଅବଧି (ଡିଫେକ୍ଟ ଲାଇବିଲିଟି ପିରିଅଡ୍) ଲାଗୁ ହେବ। ଏହି ଅବଧିରେ କାର୍ଯ୍ୟକାରୀ ସଂସ୍ଥା ନିଜ ଖର୍ଚ୍ଚରେ କାର୍ଯ୍ୟର ରକ୍ଷଣାବେକ୍ଷଣ ଓ ଯେକୌଣସି ତ୍ରୁଟି ସୁଧାରିବାକୁ ଦାୟୀ ରହିବେ। ଏହି ସଂଶୋଧନ ମାଧ୍ୟମରେ ପ୍ରକଳ୍ପ ଚୟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ଗୋଷ୍ଠୀଗତ କରାଯାଇଛି। ଗ୍ରାମସଭାରେ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ତାଲିକା ପ୍ରସ୍ତୁତ ହେବ ଏବଂ ବ୍ଲକର ନୋଡାଲ୍ ଅଧିକାରୀ ଉପସ୍ଥିତ ରହି ଏହି ତାଲିକାକୁ ଜିଲାପାଳଙ୍କ ନିକଟକୁ ତୁରନ୍ତ ପଠାଇବେ। ଏହାଛଡ଼ା ପ୍ରତିବର୍ଷ ଜିଲାପାଳ ପିଆର୍‌ଆଇ ସଭ୍ୟ, ନିର୍ବାଚିତ ପ୍ରତିନିଧି ଓ ନାଗରିକ ସମାଜ ସଦସ୍ୟଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ପରିଷଦ, ବ୍ଲକ୍ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକ ଏବଂ ଜିଲା ୱେବ୍ ପୋର୍ଟାଲରେ ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି।

# ନିୟନ୍ତ୍ରଣକୁ ଆସୁନି ସଡ଼କ ଦୁର୍ଘଟଣା

## ଗଞ୍ଜାମରେ ଦିନକରେ ୫ ଜୀବନ ଗଲା

**ବ୍ରହ୍ମପୁର /ଭଞ୍ଜନଗର /କବିସୂର୍ଯ୍ୟନଗର /ଶେରଗଡ଼, ୧୨।୧ (ସୁବାସଚନ୍ଦ୍ର ପାଢ଼ୀ/ ବାବୁଲା ପ୍ରଧାନ/ କୃପାସିନ୍ଧୁ ସ୍ୱାଇଁ/ ସୂର୍ଯ୍ୟନାରାୟଣ ଦାଶ)**

ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣକୁ ଆସୁନାହିଁ। ବେପରୁଆ ଗାଡ଼ି ଚାଳନା ଯୋଗୁ ଦିନକୁ ଦିନ ମୃତାହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଗୋଟିଏ ଦିନରେ ଜିଲାର ପୃଥକ୍ ସ୍ଥାନରେ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଛି। ଏକାଧିକ ଆହତ ହୋଇଛନ୍ତି।

ବ୍ରହ୍ମପୁର ସଦର ଥାନା ବାଳକୃଷ୍ଣପୁର ଛକରେ ସୋମବାର ବସ୍ ଧକ୍କାରେ ସ୍କୁଟିରେ ଯାଉଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ୨ ଜଣ କର୍ମଚାରୀ ବିନୟ କୁମାର ବିସି ଓ ତେଜସ୍ୱିନୀ ରାୟଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ଗୁଣ୍ଡହୋଇ ବସ ଚାଳକଙ୍କ ବେପରୁଆ ଚାଳନା ଯୋଗୁ ଦୁର୍ଘଟଣା ଘଟିଲା ବୋଲି ଅଭିଯୋଗ କରିଥିଲେ। ପୋଲିସ ନିୟନ୍ତ୍ରଣ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ବସ୍ ଚାଳକଙ୍କୁ ଅଟକ ରଖାଯାଇଛି। ସେହିପରି ତାରସିଂ ଥାନା ଅନ୍ତର୍ଗତ ଗରୁଡ଼ପଥରରେ ଏକ ହାଇୱା ଧକ୍କାରେ ଗରୁଡପଥର ଗ୍ରାମର ଯୁବକ ଏମକେ ନାୟକଙ୍କ ମୃତ୍ୟୁ ଘଟିଛି। କବିସୂର୍ଯ୍ୟନଗର ଥାନା ଆଠଗଡ଼ ପାଟଣା ନିକଟରେ ବିଦ୍ୟୁତ୍ ଖୁଣ୍ଟ ବୋଝେଇ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଟିକରପଡ଼ା ଅଞ୍ଚଳର ଶିବ ଦାସ। ସେହିପରି ଶେରଗଡ଼ ବ୍ଲକ ହାଡିଡିରା ଗ୍ରାମରେ ଏକ ଅଟୋ ଓଲଟ ପଡିବାରୁ ଜଣେ ମହିଳା ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୧୩ଜଣ ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ସରସ୍ତୁ ବିଷୋୟୀ।

# ୪୬ ଜଣଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ


ସମାରୋହରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ପଦକପ୍ରାପ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ।

**କଟକ, ୧୨।୧ (କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସ ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। କଟକସ୍ଥିତ ଆର୍.କେ.ପାଢ଼ୀ ମେମୋରିଆଲ ହଲ୍‌ରେ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ୪୬ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡ଼ା ଏସ୍‌ପି ସ୍ୱସ୍ତି ଏସ୍. କୁମାର, କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସ୍‌ପି ହରିଶ ବି.ସି., ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ରହିଛନ୍ତି। ଏଥିସହ ୩ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୭ ଜଣ ସବ୍‌ଇନ୍ସପେକ୍ଟର, ୫ ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଲ/ଓଏପିଏଫ୍/ସିପାହି ଅନ୍ତର୍ଭୁକ୍ତ ଅଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୋଇନ୍ଦା) ଆର୍.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀ ସମାରୋହରେ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ନୃସିଂହ ଚରଣ ଷଡ଼ଙ୍ଗୀ ପାଇବେ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'

**ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)**

ଓଡ଼ିଆ ଭାଷା ପ୍ରତି ଅବଦାନ ତଥା ଗବେଷଣା କ୍ଷେତ୍ରରେ ସାହିତ୍ୟିକ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ମିଳିବ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ'। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁଆରୀ ୧୪ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ଅବସରରେ ନୃସିଂହ ଚରଣଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ସମ୍ମାନ ବାବଦକୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଡିଆର୍‌ଡିଓରେ ଡ୍ୟୁଟି ବେଳେ ଟଳିପଡ଼ିଲେ ହୋମଗାର୍ଡ

**ବାଲେଶ୍ୱର(ବାଞ୍ଛାନିଧି ଦେ)/ବଉଳା (ଦୁର୍ଗାପ୍ରସାଦ ଆୟଚ), ୧୨।୧**

ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆର୍‌ଡିଓରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ହୋମଗାର୍ଡ ହେଲେ ଅଲେଖ ଜେନା (୪୨)। ତାଙ୍କ ଘର କେନ୍ଦୁଝର ଜିଲା କୁଆଗଡ଼ିଆ ଅଞ୍ଚଳରେ। ରବିବାର ଦ୍ୱିପ୍ରହର ସମୟରେ ଖାଇ ସାରି ସେ ବିଶ୍ରାମ ନେଉଥିଲେ। ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଅନ୍ୟ ହୋମଗାର୍ଡମାନେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ଚାନ୍ଦିପୁର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁଞ୍ଜରିତ ହେଲା 'ବନ୍ଦେ ମାତରମ୍'


ଏକ ସ୍କୁଲରେ ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯାଉଛି।

## ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ କଣ୍ଠରେ ମା' ଭାରତୀର ଜୟଗାନ

**ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)**

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ ଅବସରରେ ସୋମବାର ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଛି। ରାଜ୍ୟର ୧୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନରେ ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଜାତୀୟ ଗୀତକୁ ଗାନ କରି ଦେଶପ୍ରୀତିର ବାର୍ତ୍ତା ଦେଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦେଶାତ୍ମବୋଧକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏକାଠି ହୋଇ ମା' ଭାରତୀର ବନ୍ଦନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ନେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୁସିବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିବା ସହ ଯୁବବର୍ଗଙ୍କ କଣ୍ଠରେ ବନ୍ଦେ ମାତରମ୍‌ର ସାମୂହିକ ଗାନ ରାଷ୍ଟ୍ର ପ୍ରତି ରହିଥିବା ଆମର ଅନନ୍ୟ ସମର୍ପଣ ଭାବର ଏକ ନିଚ୍ଛକ ନିଦର୍ଶନ ବୋଲି ସେ ମତପ୍ରକାଶ କରିଛନ୍ତି।

DADLS-76
ଓଡ଼ିଶା ସରକାର
ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୬

ସକାଳ – ୯ ଘଟିକା
ଏଜି ଛକ, ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ପୂର୍ବାହ୍ନ ୧୧ ଘଟିକା
ସାଧାରଣ ସଭା ଏବଂ ଆଲୋଚନା ଚକ୍ର
ଜୟଦେବ ଭବନ, ଭୁବନେଶ୍ୱର
- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ବିଭୂତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ, ଓଡ଼ିଶା
- ସମ୍ମାନନୀୟ ଅତିଥି -
ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଏମ,ଏସ,ଏମ,ଇ, ଓଡ଼ିଶା
ଗଞ୍ଜାମ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ହୋତା, ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ
- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପ୍
- ଧନ୍ୟବାଦ ଅର୍ପଣ -
ଶ୍ରୀଯୁକ୍ତ ମହେଶ୍ୱର ବରାଡ଼
ସମ୍ପାଦକ, ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର
ଗଂଜାମର ପ୍ରାଚୀନ ଲୋକନୃତ୍ୟ 'ଭାରତ ଲୀଳା' ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

# ଇତିହାସର ପ୍ରତିଶୋଧ ବୋକାମି

ନୂଆଦିଲ୍ଲୀଠାରେ ଜାନୁଆରୀ ୧୦ରେ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍' ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତକୁ କେବଳ ସୀମାରେ ନୁହେଁ, ସମସ୍ତ କ୍ଷେତ୍ରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଆମକୁ ଆମ ଇତିହାସର ପ୍ରତିଶୋଧ ନେବାକୁ ହେବ। ଆମର ଏକ ବିକଶିତ ସଭ୍ୟତା ଥିଲା। ଆମେ କାହାର ମନ୍ଦିର ଭାଙ୍ଗି ନ ଥିଲୁ। ଆମେ କେବେ ବିଦେଶୀଙ୍କ ଉପରେ ଆକ୍ରମଣ କରିନାହୁଁ, ଯେତେବେଳେ ଅବଶିଷ୍ଟ ବିଶ୍ୱ ଦୁର୍ବଳ ଥିଲା। ପୂର୍ବତନ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ୮୦ ବର୍ଷୀୟ ଡୋଭାଲ ପୁଣି କହିଛନ୍ତି, ଆମ ପୂର୍ବପୁରୁଷମାନେ ବଡ଼ ବଡ଼ ତ୍ୟାଗ କରିଥିଲେ। ସେମାନେ ବଡ଼ ଅପମାନ ସହିଥିଲେ ଓ ଗଭୀର ଅସହାୟତାର ସମୟ ଅତିବାହିତ କରିଥିଲେ। ଆମ ମନ୍ଦିରଗୁଡ଼ିକ ଲୁଟ୍ ହୋଇଥିଲା, ଆଉ ଆମେ ନୀରବ ଦର୍ଶକ ଭାବେ ସବୁକିଛି ଦେଖୁଥିଲୁ। ଏହି ଇତିହାସ ଆଜିର ଯୁବବର୍ଗଙ୍କ ମଧ୍ୟରେ ଅଗ୍ନି ପ୍ରଜ୍ୱଳନ କରିବା ଉଚିତ ବୋଲି ସେ କହିଛନ୍ତି। 'ପ୍ରତିଶୋଧ' ଶବ୍ଦଟି ଉପଯୁକ୍ତ ନ ହୋଇପାରେ ବୋଲି ସ୍ୱୀକାର କରି ସେ କହିଛନ୍ତି ଯେ, ଏହା ସୁରକ୍ଷାରୁ ଆର୍ଥିକ ଓ ସାମାଜିକ ବିକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତକୁ ପୁନଃନିର୍ମାଣ କରିବା ପାଇଁ ଏକ ଶକ୍ତିଶାଳୀ ପ୍ରେରଣାଦାୟୀ ଶକ୍ତି ହୋଇପାରେ।

ଜଣେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଭାଷାକୁ କୂଟନୀତି ଓ ରଣନୀତିକୁ ମିଶାଇ କରି ବିଚାର କରାଯାଇପାରେ। କିନ୍ତୁ ସେ ଯେଭଳି ଭାବେ 'ପ୍ରତିଶୋଧ' ଭଳି ଶବ୍ଦ ବ୍ୟବହାର କରିଛନ୍ତି, ତାହାକୁ ଭାରତୀୟ ମାନସିକତା କିଭଳି ଗ୍ରହଣ କରିବ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦେଶର ବର୍ତ୍ତମାନର ଆଭ୍ୟନ୍ତରୀଣ ସାମ୍ପ୍ରଦାୟିକ ଘୃଣାଭାବ ଓ ଅନ୍ତର୍ଜାତୀୟ ସ୍ତରରେ ଅପମାନଜନକ ଅସହାୟତାର ପରିବେଶରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଐତିହାସିକ ଅନ୍ୟାୟକୁ ଉଠାଇବା ଦେଶର ସୂକ୍ଷ୍ମ ସାମାଜିକ ସମ୍ବନ୍ଧକୁ ଆହୁରି ଦୁର୍ବଳ କରିବା ସହ ବିଶ୍ୱସ୍ତରରେ ଭାରତର ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ। ଜାତୀୟ ଉଦ୍ଦେଶ୍ୟକୁ ଐତିହାସିକ ପ୍ରତିଶୋଧ ଭାବରେ ଚିତ୍ରଣ କରିବା ଦେଶକୁ ସର୍ବଦା ନିଜେ ଶିକାର ମାନସିକତାରେ ବୁଡ଼ାଇବାର ଚେଷ୍ଟା ବୋଲି କୁହାଯାଇପାରେ। ଦେଶରେ ବେକାରି, ଅସମାନତା ଓ ଲୋକଙ୍କ ଦୈନନ୍ଦିନ ଚଳଣି ଖର୍ଚ୍ଚ ବୃଦ୍ଧି ଆଦି ସମସ୍ୟାରୁ ସମ୍ଭବତଃ ଦୃଷ୍ଟି ହଟେଇବା ପାଇଁ ଏଭଳି ଆହ୍ୱାନ ଦିଆଯାଇଛି। ଅତୀତର ପ୍ରତିଶୋଧ ନେବା ଭଳି ଭାଷା ପ୍ରୟୋଗ ଦେଶର ଶୀର୍ଷ ନିରାପତ୍ତା ଅଧିକାରୀଙ୍କଠାରୁ ଆସିବା ପଡ଼ୋଶୀ କିମ୍ବା ମିତ୍ରରାଷ୍ଟ୍ରଗୁଡ଼ିକୁ ଅସ୍ଥିର କରିପାରେ। କାରଣ ସବୁ ପଡ଼ୋଶୀଙ୍କ ସହ ଭାରତର ଏବେ ଅପଡ଼ ସମ୍ପର୍କ ବିଷୟ ଜଣାଶୁଣା। ଭୂରାଜନୈତିକ ସ୍ଥିତିରେ ଭାରତକୁ ନିଜର ଶକ୍ତି ଓ ସାମର୍ଥ୍ୟ ବିଷୟରେ ଜଣାଇବା ପାଇଁ ବ୍ୟାଖ୍ୟାନର ସାହାରା ନେବାକୁ ପଡୁଛି। କହିବାକୁ ଗଲେ ଡୋଭାଲ ଯେଉଁ ସ୍ୱରରେ ତାଙ୍କ ବକ୍ତବ୍ୟ ରଖିଛନ୍ତି, ତାହା ରାଜନୈତିକ ନେତାଙ୍କ କ୍ଷେତ୍ରରେ ହୁଏତ ଶୋଭା ପାଇଥାଆନ୍ତା। କିନ୍ତୁ ଦେଶର ଶୀର୍ଷ ସୁରକ୍ଷା ଅଧିକାରୀଙ୍କଠାରୁ ଏହା ଉଚ୍ଚାରିତ ହେବା ସମସ୍ୟା ଡାକିପାରେ। ବୈଦେଶିକ ବା କୂଟନୈତିକ ଭାଷା ମାପିଚୁପି କୁହାଯାଇଥାଏ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଇତିହାସକୁ ପ୍ରତିଶୋଧ ନିଆଯାଇପାରିବ ନାହିଁ। କେବଳ ତା'ଠାରୁ ଶିକ୍ଷା ନେଇ ଭବିଷ୍ୟତରେ କିଭଳି ସେହି ଭୁଲ୍‌ର ପୁନରାବୃତ୍ତି ନ ହେବ ସେହିଦିଗରେ ଏବର ମଣିଷ ସଜାଗ ହେବା କଥା। ଅତୀତରେ ଯଦି କିଛି ଅନ୍ୟାୟ ଘଟିଥାଏ, କଦାପି ଏବେ ସୁଧୁରାଯାଇପାରିବ ନାହିଁ, ମୃତକଙ୍କୁ ପୁନର୍ଜୀବିତ କରାଯାଇପାରିବ ନାହିଁ ଏବଂ ଯନ୍ତ୍ରଣାକୁ ପୋଛି ଦିଆଯାଇପାରିବ ନାହିଁ। କୁହାଯାଇଥାଏ ପୁରୁଣା କଥାକୁ ରୋମନ୍ଥନ କରିବା କେବଳ ସମୟର ଅପଚୟ। ମାନବ ଜାତିର ଇତିହାସରେ ପ୍ରତ୍ୟେକ ସମାଜ କୌଣସି ନା କୌଣସି ରୂପରେ ଅତ୍ୟାଚାରର ଶିକାର ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅତୀତର ଭୁଲ୍‌ରୁ ଶିକ୍ଷା ନେବା ଓ ସମସ୍ତଙ୍କ କଲ୍ୟାଣ ସୁନିଶ୍ଚିତ କରୁଥିବା ଏକ ସମାଜ ହୁଏତ ପୁନଃନିର୍ମାଣ କରାଯିବାର ଚେଷ୍ଟା ବର୍ତ୍ତମାନର ପିଢ଼ି କରିବା ଦରକାର।

ଏଠାରେ କେତୋଟି ଉଦାହରଣ ଦେଖାଯାଉ। ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦୁଇଟି ପରମାଣୁ ବୋମାରେ ନଷ୍ଟ ହେବା ସହ ଅପମାନଜନକ ପରାଜୟ ଭୋଗିଥିଲା। କିନ୍ତୁ ସେ ବିନାଶ ଓ ପରାଜୟକୁ ଆର୍ଥିକ ପୁନରୁତ୍ଥାନରେ ପରିଣତ କଲା। ପ୍ରତିଶୋଧ ଖୋଜିବା ବଦଳରେ ସେ ବିଶ୍ୱସ୍ତରୀୟ ଔଦ୍ୟୋଗିକ ଶକ୍ତି ହୋଇ ଇତିହାସର ଜବାବ ଦେଲା। ସେହିପରି ଜର୍ମାନୀ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱଂସ ହୋଇଥିଲା। କିନ୍ତୁ ବିଳାପ ଓ ଘୃଣା କରିବା ବଦଳରେ ସେ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇପାରିଛି। ଇହୁଦୀମାନେ ଦୀର୍ଘସମୟ ଧରି ଗଣହତ୍ୟା ଓ ଅପମାନର ଶିକାର ହୋଇଆସିଛନ୍ତି। କିନ୍ତୁ ଆଜି ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିଜକୁ ଗଢ଼ିତୋଳି ସେଠାକାର ସମଗ୍ର ଭୂଖଣ୍ଡ ଉପରେ ପ୍ରଭାବ ବିସ୍ତାର କରିପାରିଛି।

ଏବକାର ଭାରତୀୟ ଯୁବପିଢ଼ି ବୁଝିବା ଦରକାର 'ଭାରତ' ବୋଲି କୌଣସି ଗୋଟିଏ ଦେଶ କେବେ ନ ଥିଲା। ଏହି ସମଗ୍ର ଭୂଖଣ୍ଡରେ ଅନେକ ରାଜା ମହାରାଜାଙ୍କ ଶାସନ ଦୀର୍ଘ ଶତାବ୍ଦୀ ଧରି ଚାଲିଆସିଥିଲା। ଯେଉଁ ଅଞ୍ଚଳକୁ ଭାରତବର୍ଷ ବୋଲି କୁହାଯାଉଥିଲା ଏହି ଉପମହାଦେଶର ଉତ୍ତର ଭାଗରେ ଏକ ସୀମିତ ଅଞ୍ଚଳ ମାତ୍ର, ଯେଉଁଥିରେ ଓଡ଼ିଶା ଓ ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ସାମିଲ ନ ଥିଲେ। ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇବା ପରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ମୁଖ୍ୟ ମୁଣ୍ଡବ୍ୟଥା ଥିଲା କେଉଁଭଳି ଉପାୟରେ ସେତେବେଳର ୫୬୨ ରାଜା ମହାରାଜାଙ୍କୁ ଧନଲୋ ବାପଲୋ କହି କିମ୍ବା ଧମକାଇ ଏକତ୍ରିତ କରି ଗୋଟିଏ ଦେଶ ସୃଷ୍ଟି କରିବେ। ଯଦି କେହି ଭାବୁଥାଏ ଯେ, ହିନ୍ଦୁଧର୍ମ ଏହି ଉପମହାଦେଶର ସମସ୍ତଙ୍କୁ ଯୋଡୁଥିଲା, ତେବେ ତାହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ଧାରଣା। ସେହି ହିନ୍ଦୁ ଧର୍ମରେ ବିଭିନ୍ନ ଅଞ୍ଚଳର ବିଭିନ୍ନ ଠାକୁରାଣୀ ଠାକୁରଙ୍କୁ ପୂଜା କରାଯାଉଥିଲା। ଓଡ଼ିଶାର କୌଣସି ଗ୍ରାମାଞ୍ଚଳରେ ପୁରାତନ ରାମ ମନ୍ଦିର ଦେଖିବାକୁ ମିଳେନାହିଁ। ସେହିଭଳି ଉତ୍ତରପ୍ରଦେଶ କିମ୍ବା ରାଜସ୍ଥାନରେ ପୁରୁଣା ଜଗନ୍ନାଥ ମନ୍ଦିର ମଧ୍ୟ ଖୋଜିଲେ ମିଳିବ ନାହିଁ। ଯଦି ଧର୍ମକୁ ନେଇ ଦେଶ ସୃଷ୍ଟି ହେଉଥାଆନ୍ତା, ତେବେ ୟୁରୋପ ଗୋଟିଏ ଦେଶ ହୋଇଥାଆନ୍ତା ଏବଂ ସେହିଭଳି ଦକ୍ଷିଣ ଆମେରିକା ମଧ୍ୟ ଗୋଟିଏ ଭାଷା ଓ ଗୋଟିଏ ଧର୍ମ ଯୋଗୁ (ବ୍ରାଜିଲ ବ୍ୟତୀତ) ଗୋଟିଏ ଦେଶ ହୋଇଥାଆନ୍ତା। ଭାରତରେ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଏବଂ ଧର୍ମର ବିବିଧ ରୂପ ରହିଛି। ତେଣୁ ବିଦେଶୀ ଆକ୍ରମଣକାରୀମାନେ ଡୋଭାଲଙ୍କ ପୂର୍ବପୁରୁଷଙ୍କ ଉପରେ କେଉଁଭଳି ଅତ୍ୟାଚାର କରିଥିଲେ, ତାହା ସମ୍ଭବତଃ କେହି ଓଡ଼ିଆ ଜାଣି ନ ଥିବେ। କିନ୍ତୁ ଓଡ଼ିଶାର ଇତିହାସ ସମ୍ପର୍କରେ କ୍ଷୁଦ୍ର ଜ୍ଞାନ ଥିବା ବ୍ୟକ୍ତି ଜାଣିଥିବେ ଯେ, ଓଡ଼ିଶା ମାଟି ଉପରେ ବର୍ଗୀ ବା ମରାଠା ହିନ୍ଦୁମାନେ ଆମର ପୂର୍ବପୁରୁଷଙ୍କୁ ବହୁମାତ୍ରାରେ ନିର୍ଯାତନା ଦେଇଥିଲେ।

ଏବର ସମୟରେ ଭାରତୀୟମାନେ ଦେଶର ନେତୃତ୍ୱଙ୍କଠାରୁ ଅତ୍ୟଧିକ ବକ୍ତବ୍ୟ ଓ ଅନାବଶ୍ୟକ ବୋଲି ଶୁଣୁଛନ୍ତି। ପ୍ରକୃତରେ ଦେଖିଲା ବେଳକୁ ଦେଶବାସୀଙ୍କ ଜୀବନ ଅତ୍ୟନ୍ତ ଆର୍ଥିକ କଷ୍ଟ ଦେଇ ଗତି କରୁଛି। ବୈଦେଶିକ ନୀତିର ବିଫଳତା ଭାରତକୁ ପ୍ରାୟ ଏକଘରିଆ କରିଦେଲାଣି। ଏଭଳି କଠିନ ସମୟରେ ଆମ ନେତା ଓ ନୀତି ନିର୍ଦ୍ଧାରକମାନେ ଭବିଷ୍ୟତକୁ ଅନିଶା କରିବା ଦରକାର। ବିଶ୍ୱସ୍ତରରେ ଦେଖାଦେଉଥିବା ପରିବର୍ତ୍ତନ ସହ ତାଳ ମିଳାଇ ଅଗକୁ ବଢ଼ିବାକୁ ପଡ଼ିବ। ଆମେରିକା, ଚାଇନା ଓ ରୁଷିଆ ଭବିଷ୍ୟତ ପାଇଁ ନିଜ ନିଜ ପ୍ରଭାବ କ୍ଷେତ୍ର ଗଢ଼ିଛନ୍ତି। ଭାରତ ଏବେ ମଧ୍ୟ ନିଷ୍ପତ୍ତି ନେଇପାରୁ ନାହିଁ କେଉଁ କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରି ଏକ ଅନନ୍ୟ ରାଷ୍ଟ୍ର ଭାବେ ପ୍ରାସଙ୍ଗିକତା ବହନ କରିବ। କ୍ଷୁଦ୍ର ଆଭ୍ୟନ୍ତରୀଣ ରାଜନୈତିକ ଫାଇଦା ପାଇଁ ଇତିହାସକୁ ରୋମନ୍ଥନ କରି ସମୟ ନଷ୍ଟ କରାଯିବାର ସମୟ ଅତିକ୍ରାନ୍ତ ହେଲାଣି ବୋଲି ନୀତି ନିର୍ଦ୍ଧାରଣ କରୁଥିବା ବର୍ଗ ହେଜିବା ଦରକାର।

# 'ୟେସ୍' କହିଲେ ସବୁ ଶେଷ



ଡ. ତପନ କୁମାର ପାଳ

ଆପଣଙ୍କୁ ଶୀର୍ଷକଟି ଆଶ୍ଚର୍ଯ୍ୟଜନକ ଲାଗିପାରେ। ଆମ ଭାରତୀୟ କଥିତ ଭାଷାରେ ୟେସ୍ ଅର୍ଥ ଗ୍ରହଣୀୟତା। ଏହା ଏକ ପ୍ରତିକାତ୍ମକ ଭଲ ପାଇବାର ଭାବନାକୁ ଚିତ୍ରିତ କରିଥାଏ। ଆମ୍ଭେମାନେ ଅନେକ କ୍ଷେତ୍ରରେ ୟେସ୍ ଶବ୍ଦଟି ବ୍ୟବହାର କରିଥାଉ। ତେବେ ଆମେ ଯେଉଁ ୟେସ୍‌ର ଆଲୋଚନା କରୁଛୁ ତାହା ନିଶ୍ଚିନ୍ତ ଭାବେ ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟକର ମଧ୍ୟ। ବର୍ତ୍ତମାନ ଡିଜିଟାଲ ଆରେଷ୍ଟପରି ଏହି ଭୟାନକ ଅଦୃଶ୍ୟ 'ୟେସ୍ ସ୍କାମ୍' ଲୋକଙ୍କୁ କାଙ୍ଗାଳ କରିଦେଉଛି। ଆଖି ପିଛୁଳାକେ ଅନେକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥରାଶି ଉଭାନ ହୋଇଯାଉଛି। ମୋବାଇଲରେ ବିଶେଷକରି ମେସେଜ ବ୍ୟବସ୍ଥାରେ ଏପରି ସ୍କାମ୍‌ରମାନଙ୍କ ଅଦୃଶ୍ୟ ଚେହେରାକୁ କେହି ଦେଖି ପାରୁନାହାନ୍ତି ଆଉ ପୋଲିସର ସାଇବର ବିଭାଗ ଏହାକୁ ଠାବ କରିବା ମଧ୍ୟ ମୁସ୍କିଲ ହୋଇପଡୁଛି।

ଆପଣ ମୋବାଇଲରେ ପ୍ରାୟତଃ ଆର୍ଥିକ କାରବାର କରୁଥିବେ। ଭାରତରେ ଡିଜିଟାଲ ବ୍ୟବସ୍ଥା ଲୋକମାନଙ୍କୁ ସୁଲଭ, ହାତପାହାନ୍ତାରେ ତତ୍କାଳ ସେବା ପ୍ରଦାନ କରୁଥିବାରୁ ଅନେକେ ଏହାକୁ ବିଶେଷ ଭାବେ ଗ୍ରହଣ କରୁଛନ୍ତି। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆମର ଆଜିର ଆଲୋଚନାଟି ରଖୁଛୁ। ଆପଣ ମୋବାଇଲ ବ୍ୟବହାର କରୁଥିବା ସମୟରେ ଧରନ୍ତୁ କେହି ଜଣେ ପ୍ରଥମେ ଆପଣଙ୍କୁ କଲ୍ କରି ଆପଣଙ୍କ ନାଁ ଧରି ପ୍ରଶ୍ନଟି ପଚାରିବ। ଅପର ପାର୍ଶ୍ୱ ଜଣଙ୍କ ଆପଣଙ୍କ ନାଁ ଧରି ପଚାରୁଛି ଅର୍ଥ ଆପଣ ବିନା ଦ୍ୱିଧାରେ 'ୟେସ୍' ନିଶ୍ଚିନ୍ତ ଭାବେ କହିବେ। କାରଣ ଏହା ଏକ କଥୋପକଥନର ସର୍ବନିମ୍ନ ଶାଳୀନତା। ତେବେ ଆପଣଙ୍କର ଏହି ଗୋଟିଏ 'ୟେସ୍' ଶବ୍ଦ ଆପଣଙ୍କୁ କାଙ୍ଗାଳ କରିଦେବ। ସେହି ୟେସ୍ କହିବାର କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରେ ଥିବା ତମାମ ଅର୍ଥରାଶିକୁ ଅଦୃଶ୍ୟ ଅନ୍‌ଲାଇନର ସାଇବର ଠକ ପୂରାପୂରି ପୋଛି ଦେଇଥିବେ। ହଁ, କେହି କେହି ଓଟିପି ସମ୍ପର୍କରେ ପ୍ରଶ୍ନ ପଚାରି ପାରନ୍ତି, ତେବେ ଏହି ନୂଆ ୟେସ୍ ମାୟାଜାଲରେ ଆପଣଙ୍କୁ କୌଣସି ଓଟିପି ଦେବାକୁ ପଡ଼ିବ ନାହିଁ। ସାଇବର କ୍ଷେତ୍ରରେ ଭୟାନକ ଠକମାନେ ଏଭଳି ଅନେକ ପ୍ରଶ୍ନ ପଚାରି ପାରନ୍ତି, ଯାହାର ଉତ୍ତର କେବଳ 'ୟେସ୍', ଯାହାକୁ ଓଡ଼ିଆରେ ହଁ କୁହାଯାଏ। ସେମାନଙ୍କର ବ୍ୟବସ୍ଥା ହେଉଛି ଆପଣଙ୍କଠାରୁ କେବଳ ୟେସ୍ ଶବ୍ଦଟି ଗ୍ରହଣ କରିବା। ଏହାପଛର ଯେଉଁ ଅଦୃଶ୍ୟ ଠକାମିର କାରନାମା ରହିଛି ତାହା ଜାଣିଲେ ଦେହ ଶୀତେଇ ଉଠିବ। କାରଣ ୟେସ୍ ଶବ୍ଦଟି କହୁଥିବା ଆପଣଙ୍କ କଣ୍ଠସ୍ୱରର ରେକର୍ଡ଼ ହିଁ ସେମାନଙ୍କ ପାଇଁ ଯଥେଷ୍ଟ। ଆପଣଙ୍କ କଣ୍ଠସ୍ୱରରେ ଥିବା ୟେସ୍ ଶବ୍ଦକୁ ନେଇ ସାଇବର ଅପରାଧୀମାନେ ନୂଆ ଆକାଉଣ୍ଟ ଖୋଲିଥାନ୍ତି । ପରବର୍ତ୍ତୀ ସମୟରେ ଏଥିରେ କେବଳ ଦେଣନେଣ ହୋଇନଥାଏ ବରଂ ମୋଟାଅଙ୍କର ଋଣ ମଧ୍ୟ ଆବେଦନ ହୋଇଥାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ ସ୍ୱରୂପ ଆପଣଙ୍କ ୟେସ୍ କଣ୍ଠସ୍ୱରକୁ ଭଏସ୍ ବାୟୋମେଟ୍ରିକ ସିଷ୍ଟମ ବ୍ୟବସ୍ଥାରେ ଗ୍ରହଣ କରି



ଭଏସ୍ କଲ୍ ଜରିଆରେ ଋଣ ମଞ୍ଜୁର କରିଥାନ୍ତି। ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜଣଙ୍କର କଣ୍ଠସ୍ୱର ମଧ୍ୟ ବ୍ୟାଙ୍କ ଆକାଉଣ୍ଟର ପାସ୍‌ୱାର୍ଡ ବି ହୋଇପାରେ।

ୟେସ୍ ଅଦୃଶ୍ୟ, ଭୟାନକ ଠକମାନଙ୍କଠାରୁ ରକ୍ଷା ପାଇବା ପାଇଁ ସର୍ବପ୍ରଥମେ ଗୋଟିଏ କଥାକୁ ଭଲ ଭାବେ ମନେରଖନ୍ତୁ ଯେ, ଆପଣ କୌଣସି ଅଜଣା ବ୍ୟକ୍ତି ବା ସଂସ୍ଥାଠାରୁ ଆପଣଙ୍କ ସମ୍ବନ୍ଧିତ ଫୋନ୍ କଲ୍ ପାଉଥିଲେ ସର୍ବନିମ୍ନ ଭାବେ ୟେସ୍ କିମ୍ବା ହଁ ଆଦୌ କୁହନ୍ତୁ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ କେତେକ ଆକାଉଣ୍ଟଧାରୀଙ୍କର ଖାତା ଖୋଲିଲା ବେଳେ ଭଏସ ବାୟୋମେଟ୍ରିକ୍ସ ଅଥେଣ୍ଟିକେଶନ୍ ସିଷ୍ଟମ ରଖିଥାନ୍ତି, ତେଣୁ ଏ କ୍ଷେତ୍ରରେ ତୁରନ୍ତ ନିଜର ଖାତା ଖୋଲିଥିବା ବ୍ୟାଙ୍କକୁ ଯାଇ ଏହି ବ୍ୟବସ୍ଥାକୁ ତୁରନ୍ତ ଡିଜାବଲ୍ କରନ୍ତୁ, ଯାହାଦ୍ୱାରା ଆପଣ ଏହି ୟେସ୍ ସ୍କାମ୍‌ର ଭୟାନକ ଠକାମିରୁ ବର୍ତ୍ତି ପାରିବେ। ସେହିପରି ଆଉ ଏକ ଅଦୃଶ୍ୟ ଅନ୍‌ଲାଇନ ଠକଙ୍କ କାରନାମା ହେଉଛି 'ଜାମ୍ ଡିପୋଜିଟ ସ୍କାମ୍'। ଉଦାହରଣସ୍ୱରୂପ, ବ୍ୟାଙ୍କ ସହିତ ଜଡ଼ିତ ହୋଇଥିବା ଆପଣଙ୍କ ଫୋନ୍‌କୁ ଧରାଯାଉ ଏକ ସୂଚନା ଆସିବ ଯେ ଆପଣଙ୍କ ପାସ୍‌ବୁକରେ କିଛି ଟଙ୍କା କ୍ରେଡିଟ ବା ଜମା ହୋଇଛି। ତେଣୁ ଆପଣ ନିଶ୍ଚିନ୍ତ ନିଜର ୟୁପିଆଇ ଆକାଉଣ୍ଟ ଖୋଲି ସର୍ବପ୍ରଥମେ ଏହି ବିଷୟରେ ଜାଣିବା ପାଇଁ ଆଗ୍ରହ ରଖିବେ। ତେବେ ଏଇଠି ଆପଣ ପୂରାପୂରି ଫସିଯିବା ଥୟ। କାରଣ ଅଦୃଶ୍ୟ ଅନ୍‌ଲାଇନ ଠକମାନେ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ହୋଇ ଏକ ବଡ଼ଧରଣର କ୍ୟାଶ ୱିଥ୍‌ଡ୍ରୟାଲ ରିକୁଏଷ୍ଟ ପଠାଇ ନିଜର ଯୋଜନା ପ୍ରସ୍ତୁତ କରିସାରିଥିବେ। ଆପଣ ନିଜର ଆକାଉଣ୍ଟ ଜାଣିବା ପାଇଁ ୟୁପିଆଇ ଖୋଲିଲା ବେଳକୁ ଯେତେବେଳେ ନିଜେ ପିନ୍ ନମ୍ବରଟି ପ୍ରଦାନ କରିବେ ଏହା ସ୍ୱୟଂକ୍ରିୟ ଭାବେ ଆକସେସ୍ ହୋଇଯିବ, ଯାହାର ପରିଣାମ ସ୍ୱରୂପ କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯିବ।

ଆମ୍ଭମାନଙ୍କ ଭିତରେ ୟୁପିଆଇ ବହୁଳ ବ୍ୟବହାର ହେଉଛି। ତେବେ ଏଯାବତ୍ ଅନେକେ ପେମେଣ୍ଟ ରିକୁଏଷ୍ଟ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ତେଣୁ କୌଣସି ପରିସ୍ଥିତିରେ ଅଜଣା ମେସେଜ ପଢ଼ି ତୁରନ୍ତ ମନଇଚ୍ଛା ସେମାନଙ୍କ କଥା ଗ୍ରହଣ କରନ୍ତୁ ନାହିଁ। କାରଣ ଏହା ପଛରେ ଏପରି କିଛି ଠକାମିର ଲିଙ୍କ୍ ରହିଥାଏ, ଯାହାକୁ ଆପଣ ଟଚ୍ କରିବାମାତ୍ରେ ସ୍କାମରମାନେ ଜାଲ୍ ଏସ୍ଏମ୍ଏସ୍ ଗେଟୱେ ଦ୍ୱାରା ଆକାଉଣ୍ଟକୁ ଟଙ୍କା ଆସିବା ପରି ଏକ ଧାରଣା ତିଆରି କରନ୍ତି। ସେହି ଏସ୍ଏମ୍ଏସ୍‌ରେ ୟୁପିଆଇ ଆକାଉଣ୍ଟ ଖୋଲିବାର ବିକଳ୍ପ ବି ରହିଥାଏ। ତେଣୁ ଏହି କ୍ଷେତ୍ରରେ ଆଦୌ ନିଜର ୟୁପିଆଇ ଆକାଉଣ୍ଟ ଖୋଲନ୍ତୁ ନାହିଁ। ହଁ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେସେଜଗୁଡ଼ିକ କେଉଁ ବିଧିବଦ୍ଧ ସେଣ୍ଟରରୁ ଆସିଛି ତାହା ଯାଞ୍ଚ କରନ୍ତୁ। ବର୍ତ୍ତମାନ ଲୋକଙ୍କ ଭିତରେ ସଚେତନତା ବଢୁଥିବାରୁ ହ୍ୟାକରମାନେ ସେହିପରି ଠକାମିର ନୂଆ ନୂଆ ତରିକା ଆପଣେଇଲେଣି। ତେଣୁ ବର୍ତ୍ତମାନ ଆଇଭିଆର କଲ୍ ଦ୍ୱାରା ଠକିବାର ଏକ ନୂଆ ଫନ୍ଦି ସାଇବର ଠକମାନେ ଆପଣାଉଛନ୍ତି। ଆଇଭିଆର କଲ୍‌ଗୁଡ଼ିକ ଟ୍ରାଇ ଦ୍ୱାରା ନିୟନ୍ତ୍ରିତ ହେବା ସତ୍ତ୍ୱେ ଠକଙ୍କ ରାଜୁତି କିନ୍ତୁ କମୁନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଓ ଜରୁରିକାଳୀନ ଭୂମିକା ରହିଛି। ସେହିପରି ବିଭିନ୍ନ ପ୍ରକାର ଥାର୍ଡ଼ ପାର୍ଟି ଦ୍ୱାରା ଆପ୍ ବ୍ୟବସ୍ଥାକୁ ଗ୍ରହଣ କରି ଠକମାନେ ଟଙ୍କା ଗାଏବ କରିଥାନ୍ତି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସତର୍କତା କୁହାଯିବ ଆପଣ ଆପ୍ ଷ୍ଟୋରରୁ ଆପ୍ ଇନ୍‌ଷ୍ଟଲ କରିବା ପୂର୍ବରୁ ସେ ଆପ୍‌ର ଡେସ୍କ୍ରିପଶନ ପଢ଼ିବା ସହ ଭଲ କରି ପରଖିବା ଉଚିତ। କୌଣସି ପରିସ୍ଥିତିରେ କାହାକୁ ମୋବାଇଲକୁ ଆସିଥିବା ଓଟିପି କହିବେ ନାହିଁ। ଏଭଳି କିଛିଟା ସତର୍କତା ଅବଲମ୍ବନ କଲେ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷା ଦେଇପାରିବା। ସାଧାରଣତଃ ଅସହଜରେ ଟଙ୍କା ପାଇବା ଲୋଭରେ ଲୋକେ ଠକାମିର ଶିକାର ହୁଅନ୍ତି। ସହଜରେ ଟଙ୍କା ଉପାର୍ଜନ କରିବାର କୌଣସି ଉପାୟ ପୃଥିବୀରେ ନାହିଁ। ଏଇ କଥା ଥରେ ବୁଝିଗଲେ ଆଉ କେହି ଆପଣଙ୍କୁ ଠକିପାରିବେ ନାହିଁ।

ଆପଣଙ୍କ ଆକାଉଣ୍ଟକୁ ଯଦି ଅଚାନକ କୌଣସି ଭାବରେ କିଛି ଟଙ୍କା କ୍ରେଡ଼ିଟ ହୋଇଯାଇଛି ତେବେ ଆପଣ 'ରାତାରାତି ବଡ଼ଲୋକ ହୋଇଗଲେ ବୋଲି' ଏହି ବିଚାର ଆଦୌ କରନ୍ତୁ ନାହିଁ। କାରଣ କ୍ରେଡ଼ିଟ ସମ୍ବନ୍ଧରେ ସୂଚନାକୁ ଆପଣ ତତ୍କ୍ଷଣାତ ନ ଦେଖି ବରଂ କିଛି ସମୟ ପରେ ଏହାକୁ ଦେଖନ୍ତୁ। କାରଣ କିଛି ସମୟ ଅତିକ୍ରମ କରିଗଲେ ହ୍ୟାକରମାନେ ଆପଣଙ୍କୁ ଲୁଟିବା ପାଇଁ ଯେଉଁ କ୍ୟାଶ ୱିଥ୍‌ଡ୍ରୟାଲ ରିକୁଏଷ୍ଟ ଯୋଜନାବଦ୍ଧ ଭାବେ କରିସାରିଥିବେ ତାହା ଇତିମଧ୍ୟରେ ଇନ୍‌ଭାଲିଡ ହୋଇସାରିଥିବ। ସେହିପରି କୌଣସି ପରିସ୍ଥିତିରେ ଆଦୌ ଭୁଲ୍ ପିନ୍ ମାରନ୍ତୁ ନାହିଁ। କାରଣ ପ୍ରଥମ ପିନ୍‌ରେ ହିଁ ହ୍ୟାକରମାନେ ରିକୁଏଷ୍ଟ ଆକସେସ୍ କରିବା ପାଇଁ ସେମାନଙ୍କର ଠକାମିର ଜାଲ ବିଛେଇ ଥାଆନ୍ତି। ଆପଣ ଭୁଲ୍ ପିନ୍ ମାରିବା ଦ୍ୱାରା ସେ ରିକୁଏଷ୍ଟ କ୍ୟାନ୍‌ସେଲ ହୋଇଯାଏ। ଆପଣମାନଙ୍କର ସତର୍କତା କେବଳ ଆପଣଙ୍କୁ ନିଜର ଠକାମିରୁ ବଞ୍ଚାଇବ ନାହିଁ ବରଂ ବ୍ୟାଙ୍କ ପାଇଁ ଏକ ଅଯଥା ଆର୍ଥିକ ଝମେଲାରୁ ବଞ୍ଚାଇପାରିବ। ଆଜିର ସମୟରେ ଡିଜିଟାଲ ବ୍ୟବସ୍ଥା ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଚାଲିଛି। ତେଣୁ ଆପଣ ଉପରୋକ୍ତ ସତର୍କତାଗୁଡ଼ିକ ଗ୍ରହଣ କରି ବ୍ୟାଙ୍କିଙ୍ଗ କାରବାର କରି ନିଜର ଅର୍ଥକୁ ସୁରକ୍ଷିତ ରଖନ୍ତୁ ଏବଂ ଆପଣଙ୍କ ଆକାଉଣ୍ଟ ଖୋଲିଥିବା ବ୍ୟାଙ୍କକୁ ଅଯଥା ଝମେଲାରୁ ବଞ୍ଚାଇବାରେ ସକ୍ଷମ ହୁଅନ୍ତୁ।

ଏସ୍‌ବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ
ମୋ :୯୯୩୭୬୫୮୩୬୨

# ବୁଦ୍ଧଙ୍କ ଦେଶରେ ମନ୍ଦିର କଳି



ଲଳିତେନ୍ଦୁ ପଲାଉରୀ

ଦକ୍ଷିଣପୂର୍ବ ଏସିଆର ଦୁଇ ପଡ଼ୋଶୀ ଦେଶ ଥାଇଲାଣ୍ଡ-କାମ୍ବୋଡିଆ। ଭଗବାନ୍ ବୁଦ୍ଧଙ୍କୁ ଅନୁସରଣ କରୁଥିବା ଏହି ଦୁଇ ଦେଶର ୮୦ପ୍ରତିଶତ ଅଧିବାସୀ ବୌଦ୍ଧ ଧର୍ମାବଲମ୍ବୀ। ବିଶ୍ୱ ମାନଚିତ୍ରରେ ଥାଇଲାଣ୍ଡର ପର୍ଯ୍ୟଟନ ଅର୍ଥନୀତି ବେଶ୍ ସମୃଦ୍ଧ। ଯଦିଓ କୃଷି ଓ ପର୍ଯ୍ୟଟନ ଉପରେ କାମ୍ବୋଡିଆବାସୀ ନିର୍ଭର କିନ୍ତୁ ଥାଇଲାଣ୍ଡ ଭଳି ବିକଶିତ ନୁହେଁ। ଥାଇଲାଣ୍ଡ ଚାଇନାର ବନ୍ଧୁ ହୋଇଥିବା ବେଳେ କାମ୍ବୋଡିଆ ହେଉଛି ଆମେରିକାର ବନ୍ଧୁ। ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଚୟନ ଚର୍ଚ୍ଚାରେ ପ୍ରଥମେ କାମ୍ବୋଡିଆ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ହକ୍‌ଦାର ବୋଲି ମତ ରଖିଥିଲା। ବୁଦ୍ଧ ଉପାସକଙ୍କ ଏହି ଦୁଇ ଦେଶ ମଧ୍ୟରେ ଦୁଇଟି ପ୍ରାଚୀନ ମନ୍ଦିରକୁ ନେଇ ବିବାଦ ବେଶ୍ ପୁରୁଣା। ଅନେକ ଥର ଏହି ବିବାଦ ସମାଧାନ ପାଇଁ ଉଦ୍ୟମ ବିଫଳ ହୋଇଛି। ୨୦୨୫ ଅକ୍ଟୋବରରେ ମାଲେସିଆରେ ଆୟୋଜିତ ଆସିଆନ ଶିଖର ବୈଠକରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ-କାମ୍ବୋଡିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାରେ ସଫଳ ହୋଇଥିଲେ ମଧ୍ୟ ଏହା ବେଶି ଦିନ ଟିକ୍ତିପାରିନି। ୨୦୨୫ ଶେଷ ଭାଗରେ ଥାଇଲାଣ୍ଡ-କାମ୍ବୋଡିଆ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଥାଇଲାଣ୍ଡ କାମ୍ବୋଡିଆ ସୀମାରେ ଏୟାର ଷ୍ଟ୍ରାଇକ କରି ପ୍ରଥମେ ଶାନ୍ତି ରାଜିନାମାକୁ ଉଲ୍ଲଂଘନ କରିଥିବା କାମ୍ବୋଡିଆ ଅଭିଯୋଗ କରିଛି। ଥାଇଲାଣ୍ଡର ଏଫ୍-୧୬ ଲଢୁଆ ବିମାନରେ ମଧ୍ୟ କାମ୍ବୋଡିଆର ଧର୍ମସ୍ଥଳଗୁଡ଼ିକୁ ଟାର୍ଗେଟ କରିଥିଲା ଆଉ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲା ଥାଇଲାଣ୍ଡ। କାମ୍ବୋଡିଆ ସେନା ମନ୍ଦିରରେ ଅସ୍ତ୍ରଶସ୍ତ୍ର ରଖି ଏହାକୁ ସାମରିକ ଘାଟି ଭାବେ ବ୍ୟବହାର କରୁଥିବା ଥାଇଲାଣ୍ଡ ଆପତ୍ତି ଉଠାଇଥିଲା। ତେଣୁ ଉଭୟ ଦେଶ ମଧ୍ୟରେ ଛକାପଞ୍ଝା ସହ ଯୁଦ୍ଧସ୍ଥିତି ଉପୁଜିଛି। କାମ୍ବୋଡିଆ ସୀମାରେ ଥିବା ସ୍କୁଲଗୁଡ଼ିକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରାଯାଇଛି। ଉଭୟ ଦେଶର ସେନା ଆଲର୍ଟ ମୋଡ୍‌ରେ ରହିଛନ୍ତି। ଗତ ୨ମାସ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

କହିବାକୁ ଗଲେ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ବିବାଦ ୧୧୮ ବର୍ଷ ପୁରୁଣା। ଦୁଇ ଦେଶର ସୀମାରେ ଥିବା ଦୁଇଟି ପ୍ରାଚୀନ ଶିବ ମନ୍ଦିରକୁ ନେଇ ବିବାଦ ବାରମ୍ବାର ହିଂସାତ୍ମକ ରୂପ ନେଉଛି। ଏହି ମନ୍ଦିର ଦୁଇଟି ହେଲା ପ୍ରିୟାହ ଭିହେର ଏବଂ ଟା ମୁଏନ ଥାମ୍ ମନ୍ଦିର। ଉଭୟ ମନ୍ଦିରକୁ ଥାଇଲାଣ୍ଡ ଓ କାମ୍ବୋଡିଆ ସେମାନଙ୍କର ବୋଲି ଦାବି କରୁଛନ୍ତି। ୨୦୦୮ରେ ୟୁନେସ୍କୋ ଏହି ମନ୍ଦିର ଦୁଇକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଅନ୍ତର୍ଭୁକ୍ତ କରିବା ପରେ ବିବାଦ ଅଧିକ ଘନୀଭୂତ ହୋଇଛି। ୨୦୧୩ରେ ଅନ୍ତର୍ଜାତୀୟ ନ୍ୟାୟାଳୟ ନିର୍ଦ୍ଦେଶ ଥିଲା କେବଳ ମନ୍ଦିର ନୁହେଁ, ଆଖପାଖ ଅଞ୍ଚଳ ମଧ୍ୟ କାମ୍ବୋଡିଆର। ଥାଇଲାଣ୍ଡ ଏହି ନିଷ୍ପତ୍ତିକୁ ସ୍ୱୀକାର କରୁନି। ଗତବର୍ଷ ଜୁନ୍ ୧୫ରେ ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିଥିଲା।



ସେହି ସମୟରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଥିବା ପି.ସିନାୱାତ୍ରା କାମ୍ବୋଡିଆର ନେତା ହୁନ ସେନଙ୍କ ସହ ଫୋନରେ କଥା ହୋଇ ଥିବା ଘଟଣା ସୋସିଆଲ ମିଡିଆରେ ଆସିବା ପରେ ଦେଶରେ ବିରୋଧାଭାସ ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋରଦାର ହୋଇଥିଲା। ଦେଶବ୍ୟାପୀ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପି. ସିନାୱାତ୍ରାଙ୍କ ବିରୋଧରେ ଅସନ୍ତୋଷ ଦେଖାଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ସିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରାଯାଇଥିଲା। ପି. ସିନାୱାତ୍ରା ଦେଶବାସୀଙ୍କୁ କ୍ଷମା ମାଗିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ପଦରୁ ହଟିବାକୁ ବାଧ ହୋଇଥିଲେ। ପୂର୍ବରୁ ଫ୍ରାନ୍ସ ଦ୍ୱାରା ଶାସିତ କାମ୍ବୋଡିଆ ସ୍ୱାଧୀନତା ପରେ ଏହାର ୮ଶହ କିମି ସୀମାବର୍ତ୍ତି ଅଞ୍ଚଳର ସାର୍ବଭୌମତ୍ୱକୁ ନେଇ ଥାଇଲାଣ୍ଡ ସହ ବିବାଦ ମଧ୍ୟ ରହିଛି। ଏହାସହ ୧୯୬୨ରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଏହି ପ୍ରାଚୀନ ଶିବ ମନ୍ଦିରକୁ କାମ୍ବୋଡିଆର ଅଂଶ ଭାବରେ ଘୋଷଣା କରିଥିଲେ। କିନ୍ତୁ ଥାଇଲାଣ୍ଡର କିଛି ଜାତୀୟତାବାଦୀ ଗୋଷ୍ଠୀ ଏହାକୁ ଚ୍ୟାଲେଞ୍ଜ କରି ଆସୁଛନ୍ତି।

ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ନିର୍ମିତ ଉଭୟ ପ୍ରାଚୀନ ଶିବ ମନ୍ଦିରକୁ ନକ୍ସାରେ କାମ୍ବୋଡିଆର ବୋଲି ଉଲ୍ଲେଖ କରିଥିଲା ଫ୍ରାନ୍ସ। ସେତେବେଳେ କିନ୍ତୁ ଥାଇଲାଣ୍ଡ ପକ୍ଷରୁ ଏହାକୁ ବିରୋଧ କରାଯାଇ ନ ଥିଲା। ପରେ ବିବାଦ ଉଗ୍ର ହୋଇଥିଲା। ସେହି ଶିବ ମନ୍ଦିର ଦୁଇଟିକୁ ନେଇ ବିବାଦ ବଢୁଛି। ନିକଟରେ କାମ୍ବୋଡିଆ ସୈନିକମାନେ ମୁଏନ ଥାମ୍ ମନ୍ଦିରକୁ ତାରଜାଲିଘେରା କରିଥିବା ବେଳେ ଥାଇଲାଣ୍ଡ ସୈନିକମାନେ ରକେଟ ଓ ଡ୍ରୋନ ମାଡ଼ କରି ଏହାକୁ ଉଡ଼ାଇ ଦେଇଥିଲେ। ଟା ମୁଏନ ଥାମ୍ ମନ୍ଦିର ଏଭଳି ସ୍ଥାନରେ ଅବସ୍ଥିତ, ଏହା କେଉଁ ଦେଶରେ ସାମିଲ ରହିବ ତାହା ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇପାରୁନି। ତେବେ କାମ୍ବୋଡିଆ କହିବା କଥା ଖମେର ସାମ୍ରାଜ୍ୟ କାମ୍ବୋଡିଆର ଅଂଶ ହୋଇଥିବାବେଳେ ଏହା କାମ୍ବୋଡିଆବାସୀଙ୍କ ଉପାସନା ପୀଠ ରହି ଆସିଛି। ଖମେର ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ସଭ୍ୟତା। ନବମ ଶତାବ୍ଦୀରୁ ୧୫ଶହ ଶତାବ୍ଦୀ ଯାଏ ଏହା ସମୃଦ୍ଧ ଥିଲା। ଖମେରମାନେ ଉଭୟ ଥାଇଲାଣ୍ଡ ଓ ଭିଏତ୍‌ନାମର କିଛି ଅଞ୍ଚଳକୁ ଶାସନ କରିଥିବା କାମ୍ବୋଡିଆ ପକ୍ଷରୁ କୁହାଯାଇଛି। ସେପଟେ ଥାଇଲାଣ୍ଡ କହୁଛି ଏହି ମନ୍ଦିର ଚାରିପଟ ଥିବା ଜମି ତାହାର। ଥାଇଲାଣ୍ଡ ପ୍ରିୟାହ ଭିହେର ମନ୍ଦିର ଉପରେ ବାରମ୍ବାର ନିୟନ୍ତ୍ରଣ ଦାବି କରୁଛି, ଯାହାକୁ ନେଇ କାମ୍ବୋଡିଆ ୧୯୫୯ରେ ମାମଲାକୁ ଅନ୍ତର୍ଜାତୀୟ କୋର୍ଟରେ ଉପସ୍ଥାପନ କରିଥିଲା। ୧୯୬୨ରେ ଅଦାଲତ କହିଥିଲେ ଏହି ମନ୍ଦିର କାମ୍ବୋଡିଆର ଏବଂ ଥାଇଲାଣ୍ଡ ତା'ର ସୈନିକ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲେ କିନ୍ତୁ ଆଖପାଖ ଅଞ୍ଚଳ ନିଜର ବୋଲି ଦାବି କରୁଛି।

ବାଲିପନ୍ତାଲ,ନଗର,ଅସ୍ତରଙ୍ଗ,ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ହିମାଳୟ ଜୈବ ବିବିଧତାର ଗନ୍ତାଘର। ଏହା ହେଉଛି ଦୁର୍ଲଭ ଔଷଧୀୟ ବୃକ୍ଷ ଓ ପୁଷ୍ପର ଭଣ୍ଡାର। ଏପରିକି ସେଠାରେ ଥିବା ଆହୁରି ଅନେକ ବୃକ୍ଷ ସମ୍ପର୍କରେ ଉଦ୍ଭିଦବିଜ୍ଞାନୀମାନେ ତଥ୍ୟ ହାସଲ କରିପାରିନାହାନ୍ତି। ତେବେ ଯେଉଁସବୁ ବିରଳ ବୃକ୍ଷ ସମ୍ପର୍କରେ ଏବେ ଜଣାପଡ଼ିଛି ସେଗୁଡ଼ିକ ମଧ୍ୟରୁ ହିମାଳୟର ଆଶ୍ଚର୍ଯ୍ୟ ଭାବେ ଜଣାଶୁଣା ସିକିମ୍ ସୁନ୍ଦରୀ ଅନ୍ୟତମ। ଏହାର ବିରଳ ଫୁଲ ଅନେକ ଦଶନ୍ଧି ପରେ ଗତ ବର୍ଷ ଡିସେମ୍ବରେ ଫୁଟିବା ଆରମ୍ଭ ହୋଇଛି, ଯାହା ପ୍ରକୃତିପ୍ରେମୀ ଓ ଉଦ୍ଭିଦବିଜ୍ଞାନୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପୂର୍ଣ୍ଣ ରୂପେ ଫୁଟିଲା ପରେ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସିକିମ୍ ସୁନ୍ଦରୀ ଗଛ ଅନେକ ବର୍ଷ ଅନ୍ତରରେ ୨ ମିଟର ଉଚ୍ଚଯାଏ ବଢ଼େ ଓ ଫୁଲ ଫୁଟେ। ଏହି ସମୟରେ ଏହା ଏକ ଟାୱାର ଭଳି ଦେଖାଯାଏ। ମଞ୍ଜି ଧରିବା ପରେ ଗଛର ଜୀବନଚକ୍ର ସମ୍ପୂର୍ଣ୍ଣ ହୋଇଥାଏ। ସମୁଦ୍ର ପତ୍ତନଠାରୁ ୪,୦୦୦ରୁ ୪,୮୦୦ ମିଟର ଉଚ୍ଚରେ ଫୁଟେ ଏହି ଫୁଲ। ସ୍ଥାନୀୟ ଲୋକେ ଏହାକୁ ବିଶେଷକରି ପାରମ୍ପରିକ ଚିକିତ୍ସାରେ ବ୍ୟବହାର କରିଥାନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ଜାନୁଆରୀ ୧୯୭୭

- ଉପରାଷ୍ଟ୍ରପତି ବି.ଡି. ଜଟ୍ଟି ଶହୀଦନଗରଠାରେ 'ଇଣ୍ଡିଆନ ମେଟାଲ୍ସ କମ୍ପାନୀ ଦାତବ୍ୟ ସଂସ୍ଥା' ପକ୍ଷରୁ ପ୍ରତିଷ୍ଠିତ ହେଉଥିବା ଏକ ଅବସର ବିନୋଦନ କେନ୍ଦ୍ର ଓ ଶିଶୁ ଉଦ୍ୟାନର ଭିତ୍ତି ସ୍ଥାପନ କରିଛନ୍ତି।
- ଚାଷନଳା କୋଇଲା ଖଣି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣା ଜମି, ଚାକିରି ସହ ପରିବାର ପିଛା ୧୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ସଖିରେ ସେହି ମତି ବରଷା କରେ ରତି
ଧରାରେ ଉପୁଜାଇ ପୁଲକ
ତନୁରେ ତନୁ ମିଶି ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | | | | | | 4 |
| | | | | | 1 | | | |
| 2 | | 5 | | | | | | 3 |
| 7 | | | | 4 | 2 | | 3 | |
| | 8 | | | 6 | | | | |
| | | 9 | | | | 5 | 6 | |
| | 4 | | | | 7 | 6 | | 1 |
| | | | | | | | | |
| | | | 3 | | 6 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 4 | 1 | 9 | 8 | 3 | 5 | 2 |
| 5 | 1 | 3 | 4 | 7 | 2 | 9 | 8 | 6 |
| 2 | 8 | 9 | 5 | 6 | 3 | 7 | 1 | 4 |
| 3 | 5 | 7 | 8 | 4 | 1 | 2 | 6 | 9 |
| 8 | 9 | 2 | 6 | 3 | 7 | 1 | 4 | 5 |
| 1 | 4 | 6 | 2 | 5 | 9 | 8 | 7 | 3 |
| 6 | 7 | 8 | 3 | 2 | 5 | 4 | 9 | 1 |
| 9 | 2 | 5 | 7 | 1 | 4 | 6 | 3 | 8 |
| 4 | 3 | 1 | 9 | 8 | 6 | 5 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଧୁବାବୁ ପେନ୍‌ସନ ହିତାଧିକାରୀ ହଟହଟା

ମହାଶୟ,

ପୂର୍ବରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନୂତନ ବିନ୍ୟାସରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ହେବାରୁ ଆଇଏଫ୍ଏସ୍‌ସି କୋଡ୍ ପରିବର୍ତ୍ତନ ଯୋଗୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରୁ ମଧୁବାବୁ ପେନ୍‌ସନ ଯୋଜନା ଭତ୍ତା ପାଉଥିବା ହିତାଧିକାରୀମାନେ ନଭେମ୍ବର ଓ ଡିସେମ୍ବର ୨୦୨୫ର ଭତ୍ତା ପାଇ ନାହାନ୍ତି। ଫଳରେ ସେମାନେ ଦୁର୍ଦ୍ଦିନରେ ରହିଛନ୍ତି। ସତ୍ୟବାଦୀ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ କ'ଣ ଏହି ଅସୁବିଧା ସମ୍ବନ୍ଧରେ ଜ୍ଞାତ ନୁହନ୍ତି ? କ'ଣ କଲେ ହିତାଧିକାରୀମାନେ ଭତ୍ତା ପାଇବେ ସେ କଥା କୁହାଯାଉନାହିଁ। କିନ୍ତୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରେ ଅନୁସନ୍ଧାନ କଲେ ସେମାନେ ବ୍ଲକ୍‌ରୁ ଟଙ୍କା ଆସିନାହିଁ ବୋଲି କହୁଛନ୍ତି। ଯଦି ଏହା ସତ ହୁଏ ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ହିତାଧିକାରୀମାନେ ଭତ୍ତା ପାଇବାରେ ବିଳମ୍ବ ହେଉଛି ବୋଲି ବୁଝିବାକୁ ପଡ଼ିବ। ଅତି ଶୀଘ୍ର ସମସ୍ୟା ସମାଧାନକରି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ।

-ରାମଚନ୍ଦ୍ର ଦାଶ,ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗଡ଼କୁଣ୍ଡ,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିବେକାନନ୍ଦ



@ ବିକାଶ



@ ଧୀରେନ



@ ହିମାଂଶୁ



@ ବଳରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ

## ଜାତୀୟ ଯୁବ ଦିବସ

ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)

ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ନିର୍ମାଣର ଆଧାର ଓ ଚାରିତ୍ରିକ ମୂଲ୍ୟବୋଧର ପ୍ରତୀକ। ସେ ଭାରତର ଯୁବ ସମାଜ ପାଇଁ ଅସୀମ ପ୍ରେରଣାର ଉତ୍ସ। ଯୁବବର୍ଗଙ୍କ ପ୍ରତି ତାଙ୍କର ଅତୁଟ ଭରସା ଥିଲା ଏବଂ ଯୁବ ସମାଜ ହିଁ ଭାରତର ଭାଗ୍ୟ ପରିବର୍ତ୍ତନ କରିପାରିବ ବୋଲି ସେ ସର୍ବଦା କହୁଥିଲେ। ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା, ଶୃଙ୍ଖଳା ଓ ଆତ୍ମବିଶ୍ୱାସକୁ ସେ ଶିକ୍ଷାର ମୂଳମନ୍ତ୍ର ବୋଲି ବିଶ୍ୱାସ କରୁଥିଲେ। ପାଶ୍ଚାତ୍ୟ ବିଜ୍ଞାନ ସହ ବେଦାନ୍ତର ସମନ୍ୱୟକୁ ସେ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟର ନ୍ୟୁ କନ୍‌ଭେନ୍‌ଶନ ହଲ୍‌ରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ କିପରି ଯୁବସମାଜକୁ ପ୍ରେରଣା ପ୍ରଦାନ କରୁଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସେ କହିଲେ, ଯୁବ ସଶକ୍ତୀକରଣ ପାଇଁ ଶିକ୍ଷା ସହିତ ସରକାର ବିଭିନ୍ନ ଯୁବ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ଖେଳକୁଦରେ ଉତ୍କର୍ଷ ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନେକ ଯୋଜନା ରୂପାୟନ କରାଯାଇଛି। ଓଡ଼ିଶା ଏବେ ଦେଶର 'ଖେଳ ରାଜଧାନୀ' ଭାବେ ପରିଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ କରିଥିଲେ।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ଓଡ଼ିଶାର ଯୁବବର୍ଗ ଆଜି ବିଶ୍ୱସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଫିଟ୍ ଇଣ୍ଡିଆ ମିଶନ ଦେଶବ୍ୟାପୀ ଏକ ଆନ୍ଦୋଳନରେ ପରିଣତ ହେବା ସହ ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ଓ ସଫଳ ଜୀବନଶୈଳୀ ନିମନ୍ତେ ଅନୁପ୍ରାଣିତ କରୁଛି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡ. ଯଜ୍ଞେଶ୍ୱର ଦଣ୍ଡପାଟ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

## ଗ୍ୟାସ୍ ସିଲିଣ୍ଡର ବୋଝେଇ ଗାଡ଼ି ଧକ୍କାରେ ଯୁବକ ମୃତ

ଭୁବନେଶ୍ୱର,୧୨।୧(ତ୍ରିନାଥ ମହାନ୍ତି)

କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜୀବ ଭବନ ନିକଟରେ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟାଟା ଏସିଇ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଜୀବନ ଯାଇଛି। ଯୁବକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ଘର ପିପିଲି ଅଞ୍ଚଳରେ ହୋଇଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନାନୁସାରେ, ସୋମବାର ରାତି ୭.୩୦ ସମୟରେ ବାଇକ୍‌ଚାଳକ ଜଣଙ୍କ ଭୁବନେଶ୍ୱର କ୍ଲବ୍ ପାର୍ଶ୍ୱରୁ ପାୱାର ହାଉସ୍ ଅଭିମୁଖେ ଯାଉଥିଲେ। ହେଲେ ରାଜୀବ ଭବନ ନିକଟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଗ୍ୟାସ୍ ସିଲିଣ୍ଡର ବୋଝେଇ ଟାଟା ଏସିଇ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଯୁବକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଗାଡ଼ି ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ସନ୍ଧ୍ୟା ୬ଟା ସମୟରେ ହଂସପାଳ ଛକରେ ମଧ୍ୟ ଜଣେ ବାଇକ୍ ଚାଳକଙ୍କ ଉପରେ ଟ୍ରକ୍ ମାଡ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସାମାଜିକ ପରିବର୍ତ୍ତନରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଜରୁରୀ

## 'ଯୁବ ଶକ୍ତି ଟ୍ରଷ୍ଟ'ର ଉଦ୍‌ଘାଟନ

ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)

ଓଡ଼ିଶାରେ ଯୁବ ସଶକ୍ତୀକରଣ ଓ ସମାବେଶୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଯୁବ-ଚାଳିତ ସାମାଜିକ ବିକାଶ ସଂଗଠନ 'ଯୁବ ଶକ୍ତି ଟ୍ରଷ୍ଟ'ର ଉଦ୍‌ଘାଟନ ହୋଇଯାଇଛି। ସୋମବାର ପ୍ରେସ୍‌କ୍ଲବଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ, ଏମ୍‌ପି ଶିବାଶିଷ ଖୁଣ୍ଟିଆ, 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ ଏବଂ ଯୁବ ନେତା ମନ୍ମଥ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ ପରିବର୍ତ୍ତନରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଜରୁରୀ ବୋଲି ଅତିଥିମାନେ କହିବା ସହିତ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ବହୁମୂଲ୍ୟ ମତ ରଖିଥିଲେ। ନେତୃତ୍ୱ ବିକାଶ, ଦକ୍ଷତା ବୃଦ୍ଧି ଏବଂ ସାମାଜିକ ନବସୃଜନ ମାଧ୍ୟମରେ ଓଡ଼ିଶାର ଯୁବକମାନଙ୍କୁ ସଶକ୍ତ କରିବା ଏହି ଟ୍ରଷ୍ଟର ମୁଖ୍ୟ ଲକ୍ଷ୍ୟ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା କୁମାର ମଲ୍ଲିକ କହିଥିଲେ। ଏହି ଅବସରରେ ସମାଜସେବା, ପରିବେଶ ସୁରକ୍ଷା ଏବଂ ଜନସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ, ସମାଜସେବୀ, ସାମାଜିକ ଉଦ୍ୟୋଗୀ ଏବଂ ନଦୀ ବିଶେଷଜ୍ଞମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ସଫଳ ମହିଳା ଉଦ୍ୟୋଗୀମାନେ ଯୋଗଦେଇ ସେମାନଙ୍କର ସଂଘର୍ଷ ଓ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଏହା ଉପସ୍ଥିତ ଯୁବତୀମାନଙ୍କୁ ନେତୃତ୍ୱ ନେବା ପାଇଁ ବେଶ୍ ଅନୁପ୍ରାଣିତ କରିଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ପିସିସି ସଭାପତି ଭକ୍ତ ଚରଣ ଦାସ, ଏମ୍‌ପି ଶିବାଶିଷ ଖୁଣ୍ଟିଆ, 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ, ଯୁବ ନେତା ମନ୍ମଥ ରାଉତରାୟ ଓ ଯୁବ ଶକ୍ତି ଟ୍ରଷ୍ଟର ପ୍ରତିଷ୍ଠାତା କୁମାର ମଲ୍ଲିକ।

## ବାଇକ୍ ଚୋରି: ୨ ଅଭିଯୁକ୍ତଙ୍କୁ ୨ ବର୍ଷ ୭ ମାସ ଲେଖାଏ ଜେଲଦଣ୍ଡ

**ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ):** ତମାଣ୍ଡୋ ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡାରେ ରହୁଥିବା ସନ୍ତୋଷ ସାହୁଙ୍କ ବାଇକ୍ ଚୋରି ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୧ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତ ମନୀଷ ପଟ୍ଟନାୟକ ଓ ବବୁଲୁ ଆଚାରୀଙ୍କୁ ୨ବର୍ଷ ୭ ମାସ ଲେଖାଏ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି।

**MUNICIPAL OFFICE: KENDRAPARA**
**ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା**
E-mail:kendraparamunicipality@gmail.com
Notice No.118/KM, Date:09.01.26
**"e" Procurement Notice**

**No.C-2037:** Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.

Further details can be seen from the procurement portal i.e. www.tendersorissa.gov.in.
OIPR-
**Sd./- Executive Officer, Kendrapara Municipality**

# ପ୍ରଣବ ଦାସ ପାଇବେ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ'

ପୁରୁଣା ଭୁବନେଶ୍ୱର,୧୨।୧
(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସ ଚଳିତବର୍ଷ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୪ତମ ଜୟନ୍ତୀ ଅବସରରେ ଆସନ୍ତା ୧୫ ତାରିଖରେ ବୁଦ୍ଧ ମନ୍ଦିରଠାରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ପ୍ରମୋଦ ପତି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଏବଂ ସମ୍ପାଦକ ଗୋଲକ ବିହାରୀ ସିଂହ ସୂଚନା ଦେଇଛନ୍ତି। ଚଳଚ୍ଚିତ୍ର ଶେଷ ପ୍ରତୀକ୍ଷା, ହାକିମ ବାବୁ ଓ ଅଗ୍ନି ସଂକେତ ପାଇଁ ପ୍ରଣବ ରାଜ୍ୟ ପୁରସ୍କାର ପାଇବା ସହ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କମିଟିର ବିଚାରକ ରହି ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି।

# କୋର୍ଟରେ ଓକିଲଙ୍କ ଜରିଆରେ ପକ୍ଷ ରଖିଲେ ପୀୟୂଷ

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)

### ଯାତ୍ରାରେ ଚୁକ୍ତି ଖିଲାପ ନେଇ ବିବାଦ



ଯାତ୍ରା ପାର୍ଟି ସହ ଚୁକ୍ତି ଖିଲାପ ଅଭିଯୋଗରେ ଅପେରା ସୂର୍ଯ୍ୟ ମନ୍ଦିର ମାଲିକ ପ୍ରମୋଦ ସ୍ୱାଇଁଙ୍କ ଦ୍ୱାରା କରାଯାଇଥିବା ମାମଲାରେ କୋର୍ଟ ଯାତ୍ରା ଅଭିନେତା ହରିଶଙ୍କର ତ୍ରିପାଠୀ ଓରଫ ପୀୟୂଷ ତ୍ରିପାଠୀଙ୍କୁ ମଞ୍ଚ ଚଢ଼ିବା ଉପରେ ବାରଣ ସହ ସୋମବାର ବ୍ୟକ୍ତିଗତ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପୀୟୂଷ ଭୁବନେଶ୍ୱର ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍)ଙ୍କ କୋର୍ଟରେ ନିଜେ ହାଜର ନ ହୋଇ ଓକିଲଙ୍କ ଜରିଆରେ ପକ୍ଷ ରଖିଛନ୍ତି। ସେହିପରି ସିଂହବାହିନୀ ଯାତ୍ରା ପାର୍ଟି ସଞ୍ଜୀବ ପାଢ଼ୀଙ୍କୁ ନୋଟିସ୍ ହୋଇଥିବା ବେଳେ ସେ ମଧ୍ୟ ହାଜର ନ ହୋଇ ଓକିଲଙ୍କ ଜରିଆରେ ପକ୍ଷ ରଖିଛନ୍ତି। ଫଳରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ମାମଲା ଘୁଞ୍ଚିଛି। ପୀୟୂଷଙ୍କ ଓକିଲ ବିଭୁପ୍ରସାଦ ତ୍ରିପାଠୀ କହିଛନ୍ତି, ପୀୟୂଷଙ୍କ ବିରୋଧରେ ଯେଉଁ ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ କପୋଳକଳ୍ପିତ। ଅପେରା ସୂର୍ଯ୍ୟମନ୍ଦିର ସହ କୌଣସି ଚୁକ୍ତିନାମାରେ ପୀୟୂଷ ଦସ୍ତଖତ କରି ନ ଥିଲେ। ପୀୟୂଷଙ୍କ ଲୋକପ୍ରିୟତା ଅଧିକ ହୋଇଥିବାରୁ ତାଙ୍କୁ ମଞ୍ଚ ଚଢ଼ାଇ ନ ଦେବାକୁ ଉଦ୍ୟମ କରାଯିବାକୁ ନେଇ ବିବାଦ ହୋଇଛି। କୋର୍ଟଙ୍କ ରାୟ ମାଧ୍ୟମରେ ଏହି ବିବାଦ ଖୁବଶୀଘ୍ର ସମାଧାନ ହେବ ବୋଲି ସେ କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ପୀୟୂଷ ପୂର୍ବରୁ ସୂର୍ଯ୍ୟ ମନ୍ଦିର ପାର୍ଟିରେ ରହିବା ସହ ୨୦୨୬ ଜୁନ୍ ପର୍ଯ୍ୟନ୍ତ ଏହି ଚୁକ୍ତି ଥିଲା। ହେଲେ ଏହି ଚୁକ୍ତି ସରି ନ ଥିବାବେଳେ ପୀୟୂଷ ଗତବର୍ଷ ସିଂହବାହିନୀ ମାଲିକଙ୍କଠାରୁ ଅଗ୍ରିମ ଟଙ୍କା ଓ କାର୍ ମଧ୍ୟ ନେଇଯାଇଥିଲେ। ସେ ୨୦୨୫ ଯାତ୍ରା ଋତୁରେ ସିଂହବାହିନୀରେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସୂର୍ଯ୍ୟମନ୍ଦିର ଓ ସିଂହବାହିନୀ ପାର୍ଟି ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ବିବାଦ ହେବାରୁ ଯାତ୍ରା ମାଲିକ ସଂଘ ପୀୟୂଷଙ୍କୁ ବର୍ଷେ ବିଶ୍ରାମ ଦେଇଥିଲେ। ଏପରିକି ଯାତ୍ରା ମାଲିକ ସଂଘ ବୈଠକ କରି ଆଲୋଚନା ଦ୍ୱାରା ବିବାଦ ସମାଧାନ କରିବାକୁ ଚାହିଁଥିଲେ। ଗତ ଏପ୍ରିଲ ୧୧ରେ ହୋଇଥିବା ବୈଠକରେ ପୀୟୂଷ ଯାତ୍ରାପାର୍ଟି ସୂର୍ଯ୍ୟମନ୍ଦିର ମାଲିକଙ୍କୁ ୬୦ଲକ୍ଷ ଏବଂ ସିଂହବାହିନୀ ମାଲିକଙ୍କୁ ୫୫ଲକ୍ଷ ଟଙ୍କା ଫେରାଇ ଦେଇଥିଲେ। ଏପରି କି ବର୍ଷେ ଯାତ୍ରା କରିବେ ନାହିଁ ବୋଲି ମଧ୍ୟ ପୀୟୂଷ କହିଥିଲେ। ହେଲେ ସେ ଗତ ୫ ତାରିଖରେ ସିଂହବାହିନୀ ଯାତ୍ରା ମଞ୍ଚରେ ଚଢ଼ିଥିଲେ। ସିଂହବାହିନୀର 'ତୁ ମୋ ବଜରଙ୍ଗୀ' ନାଟକରେ ମୁଖ୍ୟ ଚରିତ୍ରରେ ଅଭିନୟ ଆରମ୍ଭ କରିଥିଲେ। ଏହାକୁ ନେଇ ସୂର୍ଯ୍ୟ ମନ୍ଦିର ପକ୍ଷରୁ କୋର୍ଟରେ ମାମଲା ରୁଜୁ ହୋଇଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ**
**ଭୁବନେଶ୍ୱର - 751001**
**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,04,600/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ଷ୍ଟାଫ କ୍ୱାର୍ଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛନ୍ତି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **28 ଜାନୁଆରୀ, 2026 ଅପରାହ୍ନ 02:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି (Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ :** ₹ 35,40,000.00, **EMD :** ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-
ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

**ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼**
PR-993/Q/25-26

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

**ପରିବେଶୀୟ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇଡ୍‌କୋ ପ୍ଲଟ୍ ନଂ. ଏସ୍‌୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ" ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।**

**ସ୍ଥାନ: ମୁମ୍ବାଇ** — **ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
**e-Procurement Notice**
**BID IDENTIFICATION NO.RWKSNG-online-08/25-26**

**No.O-2027:**1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR-
**Sd./- Superintending Engineer, Rural Works Division, Kesinga**

**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470
**'e' Procurement Notice No. BDO-RPS-02 of 2025-26**

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | **13.01.2026** at 10.00 Hours | **28.01.2026** at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website **"https://tendersodisha.gov.in"**
All corrigendum/ cancellation of tender if any, will only be uploaded in the above website.
OIPR-
**Sd./- BLOCK DEVELOPMENT OFFICER, RAGHUNATHPUR**

**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
**NOTICE INVITING TENDER (NIT)**
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**

Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.

The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.

**By Order of Collector-cum-Chairperson, SS, Jagatsinghpur**
**Sd./- DEO-cum-DPC**
**SS, Jagatsinghpur**

## ସଂକ୍ଷେପରେ

### ପଲ୍ଲୀରେ ପ୍ରଶାସନ, ୧୧୫ ଅଭିଯୋଗ ପଞ୍ଜୀକୃତ

ବାଲକାଟି,୧୨।୧(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ସରକଣା ଗ୍ରାମ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ୭୭ଟି ଗ୍ରାମୀଣ ଗୃହ ସମ୍ବନ୍ଧୀୟ, ୧୪ଟି ଭତ୍ତା ସମ୍ବନ୍ଧୀୟ, ୯ଟି ଯୋଗାଣ ସମ୍ବନ୍ଧୀୟ, ୩୨ଟି ଅନ୍ୟାନ୍ୟ ସମ୍ବନ୍ଧୀୟ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ସ୍ଥାନୀୟ ସରପଞ୍ଚ ବିଷ୍ଣୁ ପ୍ରିୟା ସାହୁ, ସମିତି ସଭ୍ୟା ସଂଯୁକ୍ତା ବିଶ୍ୱାଳ ଓ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ସ୍ୱଚ୍ଛ ଶିକ୍ଷାନୁଷ୍ଠାନକୁ ମିଳିବ ୫୦ ହଜାର ଟଙ୍କା ପୁରସ୍କାର ରାଶି

## ସ୍ୱଚ୍ଛ ସର୍ବେକ୍ଷଣରେ ସ୍ଥାନ ପାଇବାକୁ ଅଣ୍ଟା ଭିଡିଲା ବିଏମ୍‌ସି

■ପରିବେଶ ପରିଷ୍କାର ରଖିବାକୁ ନିଜର ସ୍ୱତନ୍ତ୍ର ଯୋଜନା କରିବେ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ଶ୍ରେଷ୍ଠ ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ୫୦ହଜାର ଟଙ୍କାର ନଗଦ ପୁରସ୍କାର ରାଶି। ବିଏମ୍‌ସିର ୩ଟି ଜୋନ୍‌ରେ ଶ୍ରେଷ୍ଠ ୩ଟି ବିଦ୍ୟାଳୟକୁ ୫୦ ହଜାର ଲେଖାଏଁ ଟଙ୍କା ପ୍ରଦାନ କରାଯିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ସୋମବାର ବିଏମ୍‌ସି ମୁଖ୍ୟାଳୟର ଏକାମ୍ର ହଲରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ତାଲିମ ଶିବିରରେ ଏହି ଘୋଷଣା କରାଯାଇଛି। ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିମନ୍ତେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଦ୍ୟାଳୟ ପରିବେଶ ପରିଷ୍କାର ରଖିବା ପାଇଁ ନିଜର ସ୍ୱତନ୍ତ୍ର ଯୋଜନା କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ୱତନ୍ତ୍ର ଭାବେ ତାଲିମ ଦେବା ସହ ସେମାନଙ୍କ ମଧ୍ୟରେ ସ୍ୱଚ୍ଛତା ତଥା ସ୍ୱଚ୍ଛ ସର୍ବେକ୍ଷଣ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଲିମ କାର୍ଯ୍ୟକ୍ରମରେ ୧୩୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସହିତ ଆଇଇସି ଆସିଷ୍ଟାଣ୍ଟମାନେ ଯୋଗଦେଇଥିଲେ। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ। ଫେବୃଆରୀରୁ ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ଆରମ୍ଭ ହେବ। ଏଥିପାଇଁ କେନ୍ଦ୍ରୀୟ ଟିମ୍ କିମ୍ବା ତୃତୀୟ ପକ୍ଷ ଭୁବନେଶ୍ୱର ପରିଦର୍ଶନରେ ଆସିବେ। ତେଣୁ ଆମେ ଆମ ସହରର ପରିମଳ ପରିଚାଳନା ନିୟମ ମାନିବା ସହ ଅନ୍ୟଙ୍କୁ ମଧ୍ୟ ସଚେତନ କରାଇବା ଆବଶ୍ୟକ। ସେହିପରି ସ୍ୱଚ୍ଛତାକୁ ସଂସ୍କାର ଅଭିମୁଖୀ କରିବାରେ ଶିକ୍ଷାନୁଷ୍ଠାନଗୁଡିକର ପ୍ରମୁଖ ଭୂମିକା ରହିଛି। ଏଥିସହ ନାଗରିକମାନଙ୍କର ମଧ୍ୟ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ତେଣୁ ସହରକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବାକୁ ବିଏମ୍‌ସି ପକ୍ଷରୁ ଆହ୍ୱାନ ଦିଆଯାଇଛି। ନିଜ ବିଦ୍ୟାଳୟରୁ ବାହାରୁଥିବା ବର୍ଜ୍ୟକୁ ଓଦା ଓ ଶୁଖିଲା ଅଲଗା ଅଲଗା କରି ଦେବା ସହ ବିପଦପୂର୍ଣ୍ଣ ଇଲେକ୍ଟ୍ରୋନିକ ବର୍ଜ୍ୟକୁ ମଧ୍ୟ ସ୍ୱତନ୍ତ୍ର ଭାବେ ଅଲଗା କରି ବିଏମ୍‌ସି ସଫେଇ ଗାଡିକୁ ଦେବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା ସହ ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ଅବଗତ କରାଇବା ଜରୁରୀ। ସହରର ପ୍ରତ୍ୟେକ ବାସିନ୍ଦା ନିଜ ଘରୁ ବା ବଗିଚାରୁ ବାହାରୁଥିବା ଯେ କୌଣସି ବର୍ଜ୍ୟକୁ ଏଣେତେଣେ ନ ପକାଇ ଓଦା, ଶୁଖିଲା ଓ ଇଲେକ୍ଟ୍ରୋନିକ ବର୍ଜ୍ୟକୁ ଅଲଗା କରି ବିଏମ୍‌ସି ସଫେଇ ଗାଡିକୁ ଦେବାକୁ କୁହାଯାଇଛି। ଭୁବନେଶ୍ୱରର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ରାସ୍ତା, ପାର୍କ, ଖେଳପଡିଆ, ଡ୍ରେନ, କଞ୍ଜରଭେନ୍ସି ଲେନ୍, ଜଳାଶୟ, ମନ୍ଦିର, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଏବଂ କାର୍ଯ୍ୟାଳୟ ଯେପରି ସ୍ୱଚ୍ଛ ଓ ସବୁଜ ରହିବ ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ ମେୟର ଅନୁରୋଧ କରିଛନ୍ତି।

## ବଣମାଳୀ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ



ସମାରୋହରେ ସାହିତ୍ୟିକ ଜୟକୃଷ୍ଣ ତ୍ରିପାଠୀଙ୍କ ସହ ଅନ୍ୟ ଅତିଥି ଓ କବିମାନେ।

ପୁରୁଣା ଭୁବନେଶ୍ୱର,୧୨।୧(ସୁଭାଷ ଚନ୍ଦ୍ର ପ୍ରଧାନ)

ବଣମାଳୀ ସାହିତ୍ୟ ସଂସଦ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ କବି ସମ୍ମିଳନୀ ସ୍ଥାନୀୟ ପୁରୁଷୋତ୍ତମ କଲେଜ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଜୟକୃଷ୍ଣ ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇ ସମ୍ପ୍ରତି ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ବିପିନ ବେହେରାଙ୍କ ପଞ୍ଚାଧିକ ମଣିଷ, ନିରଞ୍ଜନ ନାୟକଙ୍କ ଘର, ଆଶୁତୋଷ ଦାସଙ୍କ ଅଲେଖା ଇସ୍ତାହାର, ହେମନ୍ତ ପ୍ରଧାନଙ୍କ ରଥେ ତୁ

### ମାଗୁଣି ସ୍ୱାଇଁଙ୍କୁ ଗୁରୁ ଗୌରବ ସମ୍ମାନ

ବାମନ' ଦୃଷ୍ଟାନ୍ତ କବିତା ଭଳି ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ବରିଷ୍ଠ କବି ମାଗୁଣି ସ୍ୱାଇଁଙ୍କୁ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦ ସଭାପତି ଡ.ରଜନୀ ରଞ୍ଜନ ସଭାପତିତ୍ୱ କରିଥିଲେ। ଉପସଭାପତି ଦୀନବନ୍ଧୁ ବେହୁରା ସ୍ୱାଗତ ଭାଷଣ, ସମ୍ପାଦକ ପ୍ରମୋଦ କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। କବି ସଚ୍ଚିକାନ୍ତ ମହାପାତ୍ର ଏବଂ ଆଶୁତୋଷ ଦାଶ କବିତା ଆସରରେ ସଂଯୋଜନା କରିଥିଲେ।

## ଆଦିବାସୀ ସାହିତ୍ୟ, ସଂସ୍କୃତି ଅଧ୍ୟୟନ ମାଧ୍ୟମରେ ସମାଜର ସାମଗ୍ରିକ ସ୍ୱରକୁ ଉପସ୍ଥାପନ କରାଯାଉ

ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)

'ଓଡ଼ିଆ ସାହିତ୍ୟ' ଭାରତୀୟ ସାହିତ୍ୟ ପରମ୍ପରାରେ ଏକ ସମୃଦ୍ଧ ଓ ଗୌରବମୟ ସ୍ଥାନ ଅଧିକାର କରିଛି। ଏହାର ମୂଳଭିତ୍ତି ହେଉଛି ଲୋକଜୀବନ, ଲୋକସଂସ୍କୃତି ଓ ମୌଖିକ ପରମ୍ପରା। ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଅଧ୍ୟୟନ ମାଧ୍ୟମରେ ସମାଜର ସାମଗ୍ରିକ ସ୍ୱରକୁ ଉପସ୍ଥାପନ କରାଯାଇ ପାରେ। ମୌଖିକ ସାହିତ୍ୟ ଓଡ଼ିଆ ସାହିତ୍ୟର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସୋମବାର ସାହିତ୍ୟ ଏକାଡେମୀ ଏବଂ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳଠାରେ 'ଓଡ଼ିଆ ସାହିତ୍ୟରେ ଆଦିବାସୀ ମୌଖିକ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ସାହିତ୍ୟ ଏକାଡେମୀର ଆବାହକ ଡ. ଗୌରହରି ଦାସ ସଭାପତିତ୍ୱ କରିଥିଲେ। କିସ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଡ. ବାସନ୍ତୀ ମହାନ୍ତି, ଡ. ଦେବାଶିଷ ପାତ୍ର, ଡ. ସଞ୍ଜୟ କୁମାର ବାଗ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନାଟ୍ୟକାର ତଥା ସମାଲୋଚକ ପ୍ରଫେସର ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ଡ. ଦେବାଶିଷ ମହାପାତ୍ର, ଡ. ରଶ୍ମିତା ତ୍ରିପାଠୀ ଏବଂ ଡ.ସୁଜାତା ସାହାଣୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ।

# 'ଯୁବଗୋଷ୍ଠୀ ରାଷ୍ଟ୍ର, ପ୍ରକୃତି ପାଇଁ ଦିନକୁ ଘଣ୍ଟାଏ ଦିଅନ୍ତୁ'

## ୧୨ ଯୁବ ପ୍ରତିଭା ପୁରସ୍କୃତ



ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)

ଯୁବଗୋଷ୍ଠୀ ସଂକଳ୍ପବଦ୍ଧ ହୋଇ ନିଜ ରାଷ୍ଟ୍ର ଓ ପ୍ରକୃତି ପାଇଁ ଦିନକୁ ଏକ ଘଣ୍ଟା ସମୟ ଦେବା ନିହାତି ଆବଶ୍ୟକ। ଯୁବକମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାତା। ସେମାନଙ୍କ ତ୍ୟାଗ ସମର୍ପଣ ଓ ଅବଦାନ ସଦା ଫଳପ୍ରଦ ବୋଲି ସିଓ୍ୱାଇଏସ୍‌ଡିର ସହ ସ୍ଥାପକ ପି.କେ. ସାହୁ କହିଛନ୍ତି। ସୋମବାର ସିଓ୍ୱାଇଏସ୍‌ଡି ଠାରେ ଜାତୀୟ ଯୁବ ଦିବସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ସେ କହିଲେ ବିବେକାନନ୍ଦ କମ୍ ବୟସରେ ଆମେରିକାର ଶିକାଗୋ ସଭାରେ ନିଜର ଓଜସ୍ୱିନୀ ଭାଷଣ ଦ୍ୱାରା ଭାରତୀୟ ସଂସ୍କୃତିକୁ ପ୍ରତିପାଦିତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଯୁବବର୍ଗ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସିଓ୍ୱାଇଏସ୍‌ଡିର ଅନ୍ୟତମ ସହ ସ୍ଥାପକ ଜଗଦାନନ୍ଦ ରାଜ୍ୟରେ ଏବେ କମୁଥିବା ଜଙ୍ଗଲ, ପରିବେଶ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ଡ. ବିଶ୍ୱମୋହନ ଜେନା ଯୁବ ସ୍ୱେଚ୍ଛାସେବା ଓ ସାମାଜିକ କାର୍ଯ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରି ଜାତି ଗଢ଼ଣ ଓ ଯୁବ ସଂଲଗ୍ନତାରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର ଲକ୍ଷ୍ୟ ଉପରେ ମତ ରଖିଥିଲେ। ଏହି ଅବସରରେ ସାମ୍ପ୍ରତିକ ସମସ୍ୟା ଓ ସ୍ଥିତିକୁ ମୁକାବିଲା କରି ସମାଜର ବିକାଶ ତଥା ପ୍ରତିକୂଳ ପରିସ୍ଥିତିର ପରିବର୍ତ୍ତନ ଲକ୍ଷ୍ୟରେ ଆଇନ, ମନସ୍ତତ୍ତ୍ୱ, ସେବା, ସଚେତନତା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକଙ୍କ ସହ କାର୍ଯ୍ୟ କରୁଥିବା ଶ୍ରେଷ୍ଠ ୧୨ଜଣ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ ସିଂ, ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ, ଡ. ବିକାଶ ଦାସ ଅତିଥି ଭାବେ ଉପସ୍ଥିତ ଥିଲେ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ଏବିଭିପି ପକ୍ଷରୁ ଶୋଭାଯାତ୍ରା




ବାଲିପାଟଣା,୧୨।୧(ଅଭିମନ୍ୟୁ ନାୟକ)

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ସୋମବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଲିପାଟଣା ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ମେଳଣ ପଡ଼ିଆରୁ ଏହି ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ପ୍ରମୁଖ ସଡ଼କ ଦେଇ ବାଲିପାଟଣା ଛକ ନିକଟରେ ଶେଷ ହୋଇଥିଲା। ଭୁବନେଶରର ନଗର ସମ୍ପାଦକ ଗଙ୍ଗାଧର ପାଢୀ, ସୌମ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୀପକ କୁମାର ସ୍ୱାଇଁ, ଶାଶ୍ୱତ କୁମାର ରଥ, ଶୁଭ୍ରାଂଶୁ ପ୍ରଧାନ, ସୌମ୍ୟ ରଞ୍ଜନ ବିଶ୍ୱାଳ, ମୁକେଶ ବେହେରା, ଦିବ୍ୟଜିତ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖୋଲିବ ସିଲିକନ୍ ଟେକ୍ ଲାବ୍, ଓପିଆର୍‌ବିର ଭିତିରି ସମ୍ପର୍କ

## ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା

■୭ ପରୀକ୍ଷାର୍ଥୀଙ୍କୁ ସମନ କରିଛି ସିବିଆଇ

ଭୁବନେଶ୍ୱର,୧୨।୧(ତ୍ରିନାଥ ମହାନ୍ତି)

ପୋଲିସ ଏସ୍ଆଇ ଜାଲିଆତି ମାମଲାରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ(ଓପିଆର୍‌ବି)ର ଭୂମିକା ସନ୍ଦେହ ଘେରକୁ ଆସିଛି। ସବୁ ଜାଣିଶୁଣି ଓପିଆର୍‌ବି କିଭଳି ସିଲିକନ୍ ଟେକ୍ ଲାବ ହାତକୁ ସବୁ ଟେକିଦେଲେ ତାହାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ସିଲିକନ୍ ଟେକ୍ ଲାବ୍ ଏବଂ ଓପିଆର୍‌ବି ଭିତରେ ଥିବା ମଧୁଚନ୍ଦ୍ରିକାକୁ ପଦାକୁ ଆଣିବା ପାଇଁ ସିବିଆଇ ତଦନ୍ତକୁ ଜୋର୍‌ଦାର କରିଛି। ସୋମବାର ପୁଣି ଆଉ ୭ ଆଶାୟୀ ପରୀକ୍ଷାର୍ଥୀଙ୍କୁ ସିବିଆଇ ସମନ କରିଛି। ସିବିଆଇ ଅଫିସରେ ହାଜର ହୋଇ ପରୀକ୍ଷାର୍ଥୀ ମାନେ ନିଜ ନିଜ ପକ୍ଷ ରଖିବେ। ସେମାନଙ୍କ ବୟାନ ନିଆଯିବାପରେ ଓପିଆର୍‌ବି ଏବଂ ସିଲିକନ୍‌ର ଅସଲ ଚେହେରା ଜଣାପଡ଼ିବ ବୋଲି କୁହାଯାଇଛି। ଆଶାୟୀ ପରୀକ୍ଷାର୍ଥୀ ହାଜର ହେବାପରେ ସେମାନଙ୍କଠାରୁ ଯେଉଁ ତଥ୍ୟ ମିଳିବ ସେହି ଆଧାରରେ ସିବିଆଇ ତଦନ୍ତର ଦିଗ ଆଗକୁ ବଢ଼ାଇବ।

ମିଳିଥିବା ତଥ୍ୟ ଅନୁସାରେ, ସମ୍ପୂର୍ଣ୍ଣ ଜାଲିଆତିରେ ସିଲିକନ୍ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ୍ ବଡ଼ ଗେମ୍ କରିଥିଲା। ସିଲିକନ୍ ମନଇଚ୍ଛା ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟକୁ ସହାୟତା ପାଇଁ କାମ ଦେଇଥିଲେ। ଏଥିପାଇଁ ସିଲିକନ୍ ଓପିଆର୍‌ବି କିମ୍ବା ଆଇଟିଆଇକୁ ଅବଗତ ମଧ କରି ନ ଥିଲା। ସିଲିକନ୍ ପ୍ରଥମେ ୫ ସେଟ୍‌ର ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲା। ଉକ୍ତ ପ୍ରଶ୍ନପତ୍ର ସେଟ୍‌କୁ ସିଲିକନ୍ ଓପିଆର୍‌ବିକୁ ଦେଇଥାନ୍ତା। ଓପିଆର୍‌ବି ୫ ନମ୍ବର ସେଟରୁ ପରୀକ୍ଷା ପାଇଁ ସିଲେକ୍ଟ କରିଥାନ୍ତା। ସିଲିକନ୍ ଏମ୍‌ଡି ସୁରେଶ ନାୟକ ଆଉ ଏକ ସେଟ ରଖିବା ପାଇଁ କହିଥିଲେ। ସୁରେଶଙ୍କ କଥାରେ ୩ ନମ୍ବର ସେଟ୍ ବା ପ୍ୟାକେଟକୁ ଚୟନ କଲେ। କୋଲ୍‌କାତାର ପ୍ରିଣ୍ଟିଂ ପ୍ରେସ୍‌କୁ ଓପିଆର୍‌ବିର ଅଧିକାରୀ ଓ ସୁରେଶ ନାୟକ ଯାଇଥିଲେ। ଗତ ସେପ୍ଟେମ୍ବର ୯ରେ ସୁରେଶ ସରସ୍ୱତୀ ପ୍ରେସ୍‌କୁ ପ୍ରଶ୍ନପତ୍ର ପ୍ରିଣ୍ଟିଂ ପାଇଁ ଦେଇଥିଲେ। ପରେ ସେହିଦିନ ସନ୍ଧ୍ୟାରେ ପ୍ରିଣ୍ଟିଂ କର୍ମଚାରୀଙ୍କୁ ସେଟ୍-୩ର ପ୍ରଶ୍ନ ସେଟ-୫ରେ ଭୁଲରେ ପକାଇଥିବା କହିଥିଲେ। ପ୍ରିଣ୍ଟିଂ ପାଇଁ ଓପିଆର୍‌ବି ୫ନମ୍ବର ସେଟ୍ ସିଲେକ୍ଟ କରିଥିଲେ। ୧୦ ସେପ୍ଟେମ୍ବରରେ ପ୍ରଶ୍ନପତ୍ର ପ୍ରିଣ୍ଟିଂ ପାଇଁ ପ୍ରେସକୁ ଗଲା। ପୂର୍ବରୁ ୫ ନମ୍ବର ପ୍ୟାକେଟରେ ଥିବା ସେଟ୍ ୩ର ପ୍ରଶ୍ନପତ୍ର ସୁରେଶଙ୍କ ପାଖରେ ଥିଲା। ପରେ ଶଙ୍କର ପୃଷ୍ଟି ସହ ମିଶି ୨୫ ଲକ୍ଷ ଟଙ୍କାରେ ପ୍ରଶ୍ନପତ୍ର ଲିକ୍‌ର ବଡ଼ ଡିଲ୍ ସୁରେଶ କରିଥିଲେ। ମଧ୍ୟସ୍ଥ ମୁନା ମହାନ୍ତି ଓ ଅନ୍ୟମାନେ ବି ଏଥିରେ ସାମିଲ ହୋଇଥିଲେ। ଯେଉଁଥିପାଇଁ ୨ଥର ଏସ୍ଆଇ ପରୀକ୍ଷା ବାତିଲ୍ କରାଯାଇଥିଲା। ସିବିଆଇର ପ୍ରାଥମିକ ଚାର୍ଜଶିଟରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୫ ମାର୍ଚ୍ଚରୁ ପୋଲିସ୍ ଏସ୍ଆଇ ପରୀକ୍ଷା ଜାଲିଆତି ପାଇଁ ସମସ୍ତ ପ୍ରସ୍ତୁତି ସହ ଆଶାୟୀ ପରୀକ୍ଷାର୍ଥୀଙ୍କଠାରୁ ୨୫ ଲକ୍ଷ ଟଙ୍କା ଆଦାୟ ହୋଇ ସାରିଥିଲା। ଏହା ସତ୍ତ୍ୱେ ଗତ ଅଗଷ୍ଟ ୪ରେ ସିଲିକନ୍‌କୁ କ୍ରାଇମ୍‌ବ୍ରାଞ୍ଚ କ୍ଲିନ୍‌ଚିଟ୍ ଦେବା ଘଟଣା ପରୋକ୍ଷରେ କ୍ରାଇମ୍‌ବ୍ରାଞ୍ଚର କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ସିବିଆଇର ତଦନ୍ତ ଶେଷ ହେବା ପରେ ଏହାର ରହସ୍ୟ ଖୋଲିବ ବୋଲି ଆଲୋଚନା ହେଉଛି।


यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଢେଙ୍କାନାଳ ମୁଖ୍ୟ ଶାଖା**
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରା, ୨) ଶ୍ରୀମତୀ କଞ୍ଚନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ | ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୩ / ୦୭.୦୧.୨୦୨୬ | ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୨.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୨୮.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ ନିମ୍ନରେ ପ୍ରଦାନ କରାଗଲା।

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀମତୀ କଞ୍ଚନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ, ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୧୨.୦୧.୨୦୨୬ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୧: ଶ୍ରୀମତୀ କଞ୍ଚନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୧୧,୨୨୦.୫୦ / ଅମାନତ ଜମା ରାଶି: ଟ.୭୧,୧୨୨.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ମେଟାଲ ମ୍ୟାନେଜମେଣ୍ଟ ସଲ୍ୟୁସନ୍ ପ୍ରା. ଲିଃ., ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.-ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍-୭୫୧୦୧୨ / ଜାମିନ୍‌ଦାରମାନେ: ୧) ଶ୍ରୀ ନିର୍ମଳ କୁମାର ଝା, ଫ୍ଲାଟ୍ ନଂ.: ଏ୯, ୩ୟ ମହଲା, ଲର୍ଡ ଗୁଞ୍ଜନ ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୧, ୨) ଶ୍ରୀମତୀ ଉର୍ମିଳା ପରିଡା, ସ୍ୱାମୀ: ବଟକୃଷ୍ଣ ପରିଡା, ୱାର୍ଡ ନଂ.: ୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ସାମନ୍ତ ସାହି, ମଙ୍ଗଳାବାଗ, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧, ୩) ଶ୍ରୀ ବିଜୟ କୁମାର ଶତପଥି, ପିତା: ମହେଶ୍ୱର ଶତପଥି, ୪) ଶ୍ରୀ ଜୟକୃଷ୍ଣ ଶତପଥି, ପିତା: ମହେଶ୍ୱର ଶତପଥି, ଉଭୟଙ୍କ ଠିକଣା- ସା: ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.: ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ୧୨.୦୧.୨୦୨୬ ସୁଦ୍ଧା ଟ.୮,୦୩,୪୨୮.୯୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୨: ଉର୍ମିଳା ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୩, କ୍ଷେତ୍ର: ଏକର୦.୦୨୭ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୪, କ୍ଷେତ୍ର: ଏକର୦.୨୨୧ଡିସିମିଲି ରୁ ଏକର୦.୦୯୭ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୨୪୮ଡିସିମିଲିରୁ ଏକର୦.୧୨୪ଡିସିମିଲି, ଖାତା ନଂ.: ୪୫, ଅନୁରୂପ ସାବକ ପ୍ଲଟ୍ ନଂ.: ୨୭୨ ଏବଂ ଖାତା ନଂ.: ୮୪, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୪୮, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅର୍ଜୁନ ଗରାବଡୁ, ଦକ୍ଷିଣ: ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବ: ଦଇ ସାହୁ, ପଶ୍ଚିମ: ମୁଖ୍ୟ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୬୫,୨୮,୫୯୦/- / ଅମାନତ ଜମା: ଟ.୧୬,୫୨,୮୫୯/- / ବିଡ୍ ବୃଦ୍ଧି ରାଶି: ଟ.୧,୬୫,୨୮୬/-

**ଯାଜପୁର ରୋଡ୍ ମୁଖ୍ୟ ଶାଖା, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୧୨୫୬୬୪୪୪୫, ଇମେଲ: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ପରିଡା, ପିତା: ୰ ନୃସିଂହ ଚରଣ ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ ସହ-ଆବେଦନକାରୀ ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିକାସିନୀ ପରିଡା, ସ୍ୱାମୀ: ଅଭୟ କୁମାର ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫, ୨) ଶ୍ରୀ କେଶବ ଚନ୍ଦ୍ର ସାହୁ, ପିତା: ଭଗବାନ ସାହୁ, ସା: ତାରାକୋଟ, ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫ | ୧୨.୦୧.୨୦୨୬ ସୁଦ୍ଧା ଟ.୧୧,୧୭,୯୮୧.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୬ ତମ ବାର୍ଷିକ ଉତ୍ସବ ସୋମବାର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ବୁଦ୍ଧିଜୀବୀ ତଥା ବରିଷ୍ଠ ଖବରଦାତା ଧୀରେନ୍ଦ୍ର ନାଥ ଦାଶ, ସମ୍ମାନିତ ଅତିଥି ଭାବେ ବିଡିଓ ଦେବାଶିଷ ନାୟକ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଆଲୁମ୍ନି କମିଟି ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଅଭିଭାବକ କମିଟି ସଭାପତି ଚକ୍ରଧର ମହାରଣା, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ କର, ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର ବିବରଣୀ ପାଠ କରିଥିଲେ। ଖୁବ୍ କମ୍‌ଦିନ ମଧ୍ୟରେ ଉକ୍ତ ବିଦ୍ୟାଳୟର ନବକଳେବର ହେବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ ଓ ମହାପୁରୁଷ ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆମ୍ଭେ ସମ୍ପ୍ରତି ସମୟରେ କିଭଳି ଉପଯୋଗ କରିଛେ, ତାହାକୁ ସମୀକ୍ଷା କରିବା ସହ ସମାଜ ଗଠନରେ ଜୀବନକୁ ଉତ୍ସର୍ଗୀକୃତ କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ଦେଖାଯାଇଛି। ମୃତା ହେଲେ ସଦର ଥାନା ଅଧୀନ ଶାସନ ଦାମୋଦରପୁରର ରୋଜାଲିନ୍ ପରିଡ଼ା। ଚିକିତ୍ସା ଅବହେଳାରୁ ତାଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ମୃତା ରୋଜାଲିନ୍ ଗତ ୧୦ରେ ଗର୍ଭଯନ୍ତ୍ରଣା ଅନୁଭବ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ପରେ ତାଙ୍କର ଏକ କନ୍ୟାସନ୍ତାନ ଜନ୍ମହେବା ସହ ସୁସ୍ଥ ଅବସ୍ଥାରେ ନିଜ କକ୍ଷକୁ ଆସିଥିଲେ। କିନ୍ତୁ ସୋମବାର ସେ ହଠାତ୍ ଅସୁସ୍ଥ ହୋଇପଡ଼ିବା ପରେ ଶଯ୍ୟାରୁ ତଳକୁ ଖସିପଡ଼ିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ତାଙ୍କୁ ଦେଖୁଥିବା ବେଳେ ସେ ପ୍ରାଣ ହରାଇ ସାରିଥିଲେ। ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗରେ ଅଭିଯୋଗ କରିଥିଲେ। ଫଳରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା। କୌଣସି ପ୍ରକାର ଅଘଟଣ ଆଶଙ୍କାକରି କୁମ୍ଭାରପଡ଼ା ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ପୋଲିସ ଅଧିକାରୀ ରୋଜାଲିନ୍‌ଙ୍କ ପରିବାରକୁ ବୁଝାଶୁଝା କରିଥିଲେ ମଧ୍ୟ ମୃତ୍ୟୁର ଠିକ୍ କାରଣ ସମ୍ପର୍କରେ ନ ଜାଣିବା ପର୍ଯ୍ୟନ୍ତ ମୃତଦେହ ନେବେନାହିଁ ବୋଲି ଜିଦ୍‌ରେ ଅଟଳ ରହିଥିଲେ।

# ଭାରତର ପରିଚୟ ସୃଷ୍ଟି କରିଥିଲେ ସ୍ୱାମୀ ବିବେକାନନ୍ଦ

ଗୋପ,୧୨।୧(ଭାରତୀ ଭୂଷଣ ଉପାଧ୍ୟାୟ)

**ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ**

ସ୍ୱାମୀ ବିବେକାନନ୍ଦ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବ ଗୌରବର ପ୍ରତୀକ ଥିଲେ। ସେ କେବଳ ଯୁବ ସମାଜ ପାଇଁ କାର୍ଯ୍ୟ କରୁ ନ ଥିଲେ। ବିଶ୍ୱରେ ଭାରତର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ସୋମବାର ଗୋପ ବ୍ଲକ ଅନ୍ତର୍ଗତ କୁଶୁପୁରସ୍ଥିତ ରାମେଶ୍ୱର ମନ୍ଦିର ପରିସରରେ ଆୟୋଜିତ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ପ୍ରାନ୍ତ ପ୍ରମୁଖ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶାର ଅନିଲ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ବିବେକାନନ୍ଦ କେନ୍ଦ୍ରର ସଭାପତି ତଥା ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଭାତ କୁମାର ପାଢ଼ୀ, ସଞ୍ଜୟ କୁମାର ବରାଳ, ବେଣୁଧର ପାଇକରାୟ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗଦର୍ଶକ, ଯୁବ ସମାଜ ଗଠନ ଦିଗରେ କାର୍ଯ୍ୟ ଓ ଆଧ୍ୟାତ୍ମିକ ଦିଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ୱାମୀ ବିବେକାନନ୍ଦ କେନ୍ଦ୍ର କୁଶୁପୁର ଶାଖା ଓ କୋଣାର୍କ ଜ୍ଞାନ ମଞ୍ଚ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ବୃକ୍ଷରୋପଣ କ୍ଷେତ୍ରରେ ସୁଶାନ୍ତ କୁମାର ପ୍ରଧାନ, କୃଷି କ୍ଷେତ୍ରରେ ସମରେନ୍ଦ୍ର ସିଂ, ସାମ୍ବାଦିକ କ୍ଷେତ୍ରରେ ଭାରତୀ ଭୂଷଣ ଉପାଧ୍ୟାୟ, ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ନାଥ ପ୍ରଧାନ, ରଶ୍ମିରଞ୍ଜନ ପଟ୍ଟନାୟକ, ଦିଲୀପ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିବା ବେଳେ ଶାଶ୍ୱତ ରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।




କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୨୮.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ,** ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | **୧୨.୦୧.୨୦୨୬ ସୁଦ୍ଧା ଟ.୭,୪୮,୮୮୪.୧୦** + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୧୧,୨୨୦.୫୦ / ଅମାନତ ଜମା ରାଶି: ଟ.୭୧,୧୨୨.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ମେଟାଲ ମ୍ୟାନେଜମେଣ୍ଟ ସଲ୍ୟୁସନ୍ ପ୍ରା. ଲିଃ.,** ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.-ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍-୭୫୧୦୧୨ / **ଜାମିନ୍‌ଦାରମାନେ: ୧) ଶ୍ରୀ ନିର୍ମଳ କୁମାର ଝା,** ଫ୍ଲାଟ୍ ନଂ.: ଏ୯, ୩ୟ ମହଲା, ଲର୍ଡ ଗୁଞ୍ଜନ ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୧, **୨) ଶ୍ରୀମତୀ ଉର୍ମିଳା ପରିଡା,** ସ୍ୱାମୀ: ବଟକୃଷ୍ଣ ପରିଡା, ୱାର୍ଡ ନଂ.: ୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ସାମନ୍ତ ସାହି, ମଙ୍ଗଳାବାଗ, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧, **୩) ଶ୍ରୀ ବିଜୟ କୁମାର ଶତପଥି,** ପିତା: ମହେଶ୍ୱର ଶତପଥି, **୪) ଶ୍ରୀ ଜୟକୃଷ୍ଣ ଶତପଥି,** ପିତା: ମହେଶ୍ୱର ଶତପଥି, ଉଭୟଙ୍କ ଠିକଣା- ସା: ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.: ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | **୧୨.୦୧.୨୦୨୬ ସୁଦ୍ଧା ଟ.୮,୦୩,୪୨୮.୯୦** + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୨:** ଉର୍ମିଳା ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୩, କ୍ଷେତ୍ର: ଏକର୦.୦୨୭ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୪, କ୍ଷେତ୍ର: ଏକର୦.୨୨୧ଡିସିମିଲି ରୁ ଏକର୦.୦୯୭ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୪୮ଡିସିମିଲିରୁ ଏକର୦.୧୨୪ଡିସିମିଲି,** ଖାତା ନଂ.: ୪୫, ଅନୁରୂପ ସାବକ ପ୍ଲଟ୍ ନଂ.: ୨୭୨ ଏବଂ ଖାତା ନଂ.: ୮୪, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୪୮, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅର୍ଜୁନ ଗରାବଡୁ, ଦକ୍ଷିଣ: ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବ: ଦଇ ସାହୁ, ପଶ୍ଚିମ: ମୁଖ୍ୟ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୬୫,୨୮,୫୯୦/- / ଅମାନତ ଜମା: ଟ.୧୬,୫୨,୮୫୯/- / ବିଡ୍ ବୃଦ୍ଧି ରାଶି: ଟ.୧,୬୫,୨୮୬/-**

**ଯାଜପୁର ରୋଡ୍ ମୁଖ୍ୟ ଶାଖା, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୧୨୫୬୬୪୪୪୫, ଇମେଲ: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ପରିଡା,** ପିତା: ୰ ନୃସିଂହ ଚରଣ ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ **ସହ-ଆବେଦନକାରୀ ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିକାସିନୀ ପରିଡା,** ସ୍ୱାମୀ: ଅଭୟ କୁମାର ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫, **୨) ଶ୍ରୀ କେଶବ ଚନ୍ଦ୍ର ସାହୁ,** ପିତା: ଭଗବାନ ସାହୁ, ସା: ତାରାକୋଟ, ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫ | **୧୨.୦୧.୨୦୨୬ ସୁଦ୍ଧା ଟ.୧୧,୧୭,୯୮୧.୦୦** + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୩: ଶ୍ରୀ ଅଭୟ କୁମାର ପରିଡା,** ପିତା: ୰ ନୃସିଂହ ଚରଣ ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୧, ପ୍ଲଟ୍ ନଂ.: ୫୮୦/୧୧୬୪, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା (୧) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, (୨) ଖାତା ନଂ.: ୬, ପ୍ଲଟ୍ ନଂ.: ୧୦୫(ଅଂଶ), କ୍ଷେତ୍ର: ଏକର୦.୦୦୬ ଡିସିମିଲି, (୩) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୨୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୭୦ ଡିସିମିଲି, ମୌଜା: ଡୋଲିପୁର, ତହସିଲ: ବ୍ୟାସନଗର, ଥାନା: କୋରେଇ, ଥାନା ନଂ. ୪୩୬, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ରହଲ୍ଲାଦ ପରିଡା, ଉତ୍ତର: ପ୍ରହଲ୍ଲାଦ ପରିଡା, ଦକ୍ଷିଣ: ନୃସିଂହ ଚରଣ ପରିଡା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୩,୧୫,୮୪୦/- / ଅମାନତ ଜମା: ଟ.୬,୩୧,୫୮୪/- / ବିଡ୍ ବୃଦ୍ଧି ରାଶି: ଟ.୬୩,୧୫୮/-**

**କଲେଜ ରୋଡ୍ ଶାଖା, ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୮୨୯୬୯, ଇମେଲ: ubin0818127@unionbankofindia.bank**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ, ପିତା: ୰ ଅର୍ଜୁନ ଚରଣ ସାହୁ / ସହ-ଋଣଗ୍ରହୀତା: ଶ୍ରୀମତୀ ସାବିତ୍ରୀ ସାହୁ,** ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ସାତସୋଳା, ପୋ: ମଞ୍ଜୁରୀ ରୋଡ୍, ଭାୟା: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୧ | **୧୨.୦୧.୨୦୨୬ ସୁଦ୍ଧା ଟ.୪,୨୧,୪୭୭.୦୪** + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ନଂ.-୪: ଶ୍ରୀ ସୁରେନ୍ଦ୍ର ସାହୁ,** ପିତା: ୰ ଅର୍ଜୁନ ଚରଣ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୬୮/୫୧୫, ପ୍ଲଟ୍ ନଂ.: ୨୩୫୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ସାତସୋଳା, ଥାନା: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅଦ୍ୱୈତ ସାହୁ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ମେଲଣ ପଡ଼ିଆ, ପଶ୍ଚିମ: ସର୍ବସାଧାରଣ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୬୪,୨୧୦/- / ଅମାନତ ଜମା: ଟ.୧,୪୬,୪୨୧/- / ବିଡ୍ ବୃଦ୍ଧି ରାଶି: ଟ.୧୪,୬୪୨/-**

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତାମାନେ: ୧) **ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ,** ସ୍ୱତ୍ୱାଧିକାରୀ: **ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି,** ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) **ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି,** ସ୍ୱାମୀ: ହେମନ୍ତ କୁମାର ମୁଦୁଲି / **ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି,** ପିତା: ଶରତ କୁମାର ମୁଦୁଲି, **୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି,** ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲୀ, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | **୧୨.୦୧.୨୦୨୬ ସୁଦ୍ଧା ଟ.୧୦,୫୨,୭୦୬.୫୪** + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୫: ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲାଗାଁ, ଏସ୍‌ଆରଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୯,୭୩,୭୦୦.୦୦ / ଅମାନତ ଜମା: ଟ.୧,୯୭,୩୭୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୯,୭୩୭.୦୦**

**ଇ-ନିଲାମ ତାରିଖ ଏବଂ ସମୟ: ୨୮.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com**

**ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ**

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : **https://baanknet.com, www.unionbankofindia.co.in** ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର
ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ନବାହ୍ନ ପାରାୟଣ ଯଜ୍ଞ ପୂର୍ଣ୍ଣାହୁତି**

ବାଘମାରୀ (ମିହିର ରଞ୍ଜନ ମହାପାତ୍ର): ଗଁପୁରସ୍ଥିତ ସୋମନାଥ ଦେବଙ୍କ ପୀଠରେ ନବାହ୍ନ ପାରାୟଣ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ନଅଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ବିଦ୍ୱାନ ପ୍ରବଚକମାନେ ଯୋଗଦେଇ ରାମକଥା ଆଲୋଚନା କରିଥିଲେ। ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା ଓ ତାଙ୍କ ସହଧର୍ମିଣୀ ସଚଳା ପଣ୍ଡା କର୍ତ୍ତାକର୍ତ୍ତୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପ୍ରଧାନ ଯଜ୍ଞାଚାର୍ଯ୍ୟ ଭାବେ ପଣ୍ଡିତ ବସନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଗାୟକ ଗଗନ ବିହାରୀ ମହାପାତ୍ର, ଶ୍ୟାମ ସୁନ୍ଦର ସାହୁ, କାଳନ୍ଦୀ ଚରଣ ରଣା, ନୀଳମଣି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ୨ ଟ୍ରକ୍ ଜବତ

ନିରାକାରପୁର,୧୨।୧(ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ଥାନା ପୋଲିସ ସୋମବାର ସିଧେଶ୍ୱର ଛକ ନିକଟରେ ଚଢ଼ାଉ କରି ମାଙ୍କଡ଼ା ପଥର ବୋଝେଇ ୨ ଟ୍ରକ୍ ଜବତ କରିଛି। ତେବେ ଉଭୟ ଗାଡ଼ିର ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା (ନଂ.୧୦,୧୧/୨୬) ରୁଜୁ ହୋଇଛି। ଏହି ମାଙ୍କଡ଼ା ପଥର କେଉଁ ଖଣିରୁ ଆସୁଥିଲା ଏବଂ କେଉଁଆଡ଼େ ଯାଉଥିଲା, କାଗଜପତ୍ର ଠିକ ଅଛି ନା ନାହିଁ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି।

### ଜାତୀୟ ଯୁବ ଦିବସ

ବାଣପୁର, ୧୨।୧ (ଦିଲୀପ କୁମାର ସ୍ୱାଇଁ): ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ଦର୍ଶନ ବିଭାଗ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ (ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ)ଙ୍କ ମିଳିତ ପ୍ରୟାସରେ ସୋମବାର ଜାତୀୟ ଯୁବ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନର ଅର୍ଥନୀତି ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡ.ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଶୁରପ୍ରତାପ ନରେନ୍ଦ୍ର ସିଂହ ବର୍ମା ସଭାପତିତ୍ୱ କରିଥିଲେ। ବିବେକାନନ୍ଦ କେନ୍ଦ୍ର ବାଣପୁରର ସତ୍ୟ ନାରାୟଣ ଷଡ଼ଙ୍ଗୀ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମତ୍ତା, ବାଣିଜ୍ୟ ବିଭାଗ ମୁଖ୍ୟ ଓ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଜୟନ୍ତ କୁମାର ବିହାରୀ, ପୂର୍ବତନ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଗୋଦାବରୀଶ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଲକ୍ଷ୍ମୀପ୍ରିୟା ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଦର୍ଶନ ବିଭାଗ ମୁଖ୍ୟ ହିଟଲର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଶ୍ୱିନୀ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ସେମିରେ ମେଣ୍ଢାଶାଳ

■ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବୋଲଗଡ଼/କଳାପଥର,୧୨।୧ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ): ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ କାଦୁଅବେରେଣୀ ଖେଳପଡ଼ିଆରେ ଚାଲିଥିବା ଚତୁର୍ଦ୍ଦଶତମ ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ମେଣ୍ଢାଶାଳ ଏବଂ କୁମାରବସ୍ତ ଟିମ ମଧ୍ୟରେ ହୋଇଥିଲା। ଟସ୍ ଜିତି ମେଣ୍ଢାଶାଳ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୭୬ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୨୦ଓଭରରେ ୬ ଉଇକେଟ ବିନିମୟରେ ୧୭୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ମେଣ୍ଢାଶାଳ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପାର୍ଥସାରଥୀ ରାୟଗୁରୁ ଏବଂ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ମେଣ୍ଢାଶାଳ ଟିମ୍‌ର ଲିପୁ ବରାଳ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୋଦୁଅବେରେଣୀ ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ମଞ୍ଚେଶ୍ୱର ଏବଂ ଅତ୍ରି ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# 'ଯୁବପିଢ଼ି ଆତ୍ମବିଶ୍ୱାସର ସହ ଆଗକୁ ବଢ଼'

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଛାତ୍ର ଜୀବନରେ ଶୃଙ୍ଖଳା, ସହନଶୀଳତା, ଏକାଗ୍ରତା, ସମୟାନୁବର୍ତ୍ତିତା ଜରୁରୀ। ସ୍ୱାମୀ ବିବେକାନନ୍ଦ କହିଥିଲେ ଜାଗ, ଉଠ, ଯେଉଁ ପର୍ଯ୍ୟନ୍ତ ତୁମେ ତୁମର ଲକ୍ଷ୍ୟ ହାସଲ କରିନାହିଁ, ସେ ପର୍ଯ୍ୟନ୍ତ ବିଶ୍ରାମ ନିଅ ନାହିଁ। ସ୍ୱାମୀଜୀଙ୍କ ଏହି ବାର୍ତ୍ତା ଦେଶର ଯୁବପିଢ଼ିଙ୍କୁ ସମର୍ପଣ, ଦେଶପ୍ରେମ ଭାବ ଜାଗ୍ରତ ସହ ଏକ ସମୃଦ୍ଧ, ସଶକ୍ତ ରାଷ୍ଟ୍ର ନିର୍ମାଣରେ ଏକ ମାର୍ଗଦର୍ଶକ ହୋଇ ରହିଛି ବୋଲି ପ୍ରଫେସର ଅଶୋକ ନନ୍ଦ କହିଛନ୍ତି। ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ସମାରୋହ ସମିତି ଆନୁକୂଲ୍ୟରେ ଟାଙ୍ଗିଆପଡ଼ା ସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଏବଂ ଜାତୀୟ ଯୁବ ଦିବସ ସମାରୋହ ଅନୁଷ୍ଠାନର ଅଧ୍ୟକ୍ଷ ଶିକ୍ଷାବିତ୍ ଡ.ଧିରେନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଡ. ନନ୍ଦ କହିଥିଲେ ଯେ, ବିଶ୍ୱସ୍ତରରେ ଭାରତୀୟ ସଂସ୍କୃତି,



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ବେଦାନ୍ତ ଦର୍ଶନ ଏବଂ ଅଧ୍ୟାତ୍ମିକ ଚେତନା ପ୍ରତିଷ୍ଠା କରିଥିଲେ। ବିବେକାନନ୍ଦ ବଳିଷ୍ଠ ଚିନ୍ତାଧାରା ଦେଶର ଯୁବପିଢ଼ିଙ୍କୁ ଅନୁସାଶନ, ଭକ୍ତି, ଅଧ୍ୟାତ୍ମିକତା, ଆତ୍ମବିଶ୍ୱାସ, ବିଶ୍ୱ ଭାତୃତ୍ୱର ଭାବ ସହ ଚରିତ୍ର ନିର୍ମାଣର ପଥ ଦେଖାଇଥିଲେ। ମୁଖ୍ୟ ବକ୍ତା ସାମାଜିକ କର୍ମୀ ପ୍ରଭାତ ପାଣିଗ୍ରାହୀ କହିଥିଲେ ଯେ, ସ୍ୱାମୀଜୀ ପ୍ରଚଣ୍ଡ ରାଷ୍ଟ୍ରଭକ୍ତ, ଦାର୍ଶନିକ, ଆଧ୍ୟାତ୍ମିକ ଦିଗଦର୍ଶକ ତଥା ପାଶ୍ଚାତ୍ୟ ରାଷ୍ଟ୍ରରେ ସନାତନ ଧର୍ମ, ସଂସ୍କୃତିର ବିଜୟ ବୈଜୟନ୍ତୀ ବାନା ଉଡ଼ାଇ ଦେଶର ଗୌରବ ବଢ଼ାଇଥିଲେ। ୧୯୮୪ ମସିହାରେ ଭାରତ ସରକାର ଯୁବ ସଶକ୍ତୀକରଣ ଉଦ୍ଦେଶ୍ୟରେ ସ୍ୱାମୀଜୀଙ୍କ ଜୟନ୍ତୀଙ୍କୁ ଜାତୀୟ ଯୁବ ଦିବସ ଭାବେ ପାଳନ ପାଇଁ ନିଷ୍ପତ୍ତି ନେଇଥିଲେ। ଚଳିତ ବର୍ଷ ବିଷୟ ବସ୍ତୁ ରହିଥିଲା ନିଜକୁ ପ୍ରଜ୍ୱଳିତ କର, ବିଶ୍ୱକୁ ପ୍ରଭାବିତ କର। ନିଜର ଅନ୍ତର୍ନିହିତ ପ୍ରତିଭାକୁ ଜାଗ୍ରତ କରି ମାନବ ସେବା, ରାଷ୍ଟ୍ରର ପ୍ରଗତିରେ କର୍ଣ୍ଣଧାରରେ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱାମୀଜୀ ରାମକୃଷ୍ଣ ମିଶନ ମାଧ୍ୟମରେ ସେ ମାନବତାର ସେବାକୁ ଈଶ୍ୱରଙ୍କ ସେବାଭାବେ ମୂଳଦୁଆ ପକାଇଥିଲେ। ବ୍ୟକ୍ତି ନିର୍ମାଣ ଦ୍ୱାରା ରାଷ୍ଟ୍ର ନିର୍ମାଣ ତାଙ୍କ ବାର୍ତ୍ତା ରହିଥିଲା। ସମ୍ମାନିତ ବକ୍ତାଭାବେ ବିଶ୍ୱହିନ୍ଦୁ ପରିଷଦର ବିଭାଗ ସମ୍ପାଦକ ବିଭୂଧେନ୍ଦ୍ର ବିଦ୍ୟାଧର ସ୍ୱାମୀଜୀଙ୍କ ବାଲ୍ୟଜୀବନ, ଶ୍ରୀରାମକୃଷ୍ଣ ପରମହଂସଙ୍କ ସହ ସାକ୍ଷାତକାର, ପରିବ୍ରାଜକ, ଚିକୋଗା ଧର୍ମ ସଭା ସମ୍ପର୍କରେ ଆଲୋକପାତ କରି ଶୃଙ୍ଖଳିତ ଜୀବନଶୈଳୀ ପାଇଁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଡ.ନନ୍ଦ ସ୍ୱାମୀଜଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପରୋପକାର, ଅନ୍ୟର ସେବାକୁ ପ୍ରାଥମିକତା ଦେବାକୁ କହିଥିଲେ। ସକରାତ୍ମକ ଭାବ ରଖି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ବାସନ୍ତୀ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର ଓମ୍ ବିବେକାନନ୍ଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ର, ଅତିଥିମାନେ ରାଷ୍ଟ୍ରଗାନ ବନ୍ଦେ ମାତରମ୍ ଗାନ କରିଥିଲେ।



ଏନ୍‌ଆର୍ ଫାଉଣ୍ଡେଶନ ସାତପଡ଼ାର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅତିଥିମାନେ ସାହିତ୍ୟ ପତ୍ରିକା 'ସୃଜନୀ' ଉନ୍ମୋଚନ କରୁଛନ୍ତି।

## ଆନ୍ତଃରାଜ୍ୟ ମହିଳା ଭଲିବଲ ପ୍ରତିଯୋଗିତା

କୃଷ୍ଣପ୍ରସାଦ,୧୨।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ଏନ୍.ଆର୍ ଫାଉଣ୍ଡେଶନ ସାତପଡ଼ାର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ସାତପଡ଼ା ବିଦ୍ୟାଳୟ କ୍ରୀଡାଙ୍ଗନରେ ଉଦ୍‌ଘାଟିତ ହୋଇଯାଇଛି। ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବାକର ପ୍ରସାଦ ହରିଚନ୍ଦନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ସ୍କିଲ ଅଥରିଟି ଅଫ ଇଣ୍ଡିଆ ଅବସରପ୍ରାପ୍ତ ମହାପ୍ରବନ୍ଧକ ଭୁବନାନନ୍ଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ଜାଲି, ମୁଖ୍ୟ ବକ୍ତା ପୂର୍ବତନ ଅଧ୍ୟାପକ ପ୍ରମୋଦ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଯୁବ ଉଦ୍ୟୋଗୀ ଜୟନ୍ତ ମହାନ୍ତି, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ସାରସ୍ୱତ ସାହିତ୍ୟ ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା ସୃଜନୀ ଉନ୍ମୋଚିତ ହୋଇଥିଲା। ଅଞ୍ଚଳର ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ସାରସ୍ୱତ ସଂସଦର ସଭାପତି ରବୀନ୍ଦ୍ର ବାରିକଙ୍କ ନିଜସ୍ୱ ଲେଖନୀରୁ (ଅନୁଭବ)କବିତା ସଂକଳନ ଆତ୍ମ ପ୍ରକାଶ ପାଇଥିବା ବେଳେ ଏହା ଫାଉଣ୍ଡେଶନ ଦ୍ୱାରା ପ୍ରକାଶିତ ହୋଇଥିଲା। ଚଳିତ ବର୍ଷ ଭଲିବଲ ପ୍ରତିଯୋଗିତାରେ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ପୋଲିସ, କୋଲକାତା, ନାଗପୁର ୬ଟି ମହିଳା ଦଳ ଏଥିରେ ଭାଗ ନେଇଛନ୍ତି। ଏହି ଅବସରରେ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ମା'ମାନଙ୍କୁ ନେଇ ଖେଟି ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଖୋର୍ଦ୍ଧାର ପାଇକ ଆଖଡ଼ା ପ୍ରଦର୍ଶନ ହୋଇଥିଲା। ସାରସ୍ୱତ ସାହିତ୍ୟ ସଂସଦ ସଭାପତି ରବୀନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ମାଝୀ, ଉପସଭାପତି ଶିବରାମ ମହାପାତ୍ର, ସାଧାରଣ ସମ୍ପାଦକ ଫାଲଗୁନୀ ଜାଲି, କୋଷାଧ୍ୟକ୍ଷ ରଘୁନାଥ ପ୍ରସାଦ ହରିଚନ୍ଦନ, ସାଂସ୍କୃତିକ ସମ୍ପାଦକ ଅନନ୍ତ ବେହେରା, କ୍ରୀଡ଼ା ସମ୍ପାଦକ ଲକ୍ଷ୍ମୀଧର ପରିଡ଼ା, ରଞ୍ଜିତ ଜେନା, ଅଭିଷେକ ହରିଚନ୍ଦନ, ଦିଗନ୍ତ ଜେନା, ତୁଷାରକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପନ ହେବ।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ



ବେଗୁନିଆ,୧୨।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ପକ୍ଷରୁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମୋନାଲି ବେହେରା, ରୋନାଲିସା ପାତ୍ର, ସୁଶ୍ରୀ ସଙ୍ଗୀତା ରଥ ପ୍ରମୁଖ ଉପସ୍ଥିତ ଥିଲେ। ବାଳିକାମାନଙ୍କୁ ସୁରକ୍ଷା ଦେବା ଆଭିମୁଖ୍ୟ ନେଇ ଉକ୍ତ ଶିବିର ଆସନ୍ତା ୨୧ ତାରିଖରେ ଉଦ୍‌ଯାପିତ ହେବ। ଏବେକାର ସମାଜରେ ବାଳିକା ଓ ମହିଳାମାନଙ୍କୁ ସୁରକ୍ଷା ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନିଜ ସୁରକ୍ଷା ନେଇ ସଭିଏ ସତର୍କ ରହିବା ସହିତ ସଚେତନ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ କେବଳ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଅଧ୍ୟାପିକା ସ୍ମିତିମୟୀ ବସନ୍ତିଆ ଓ ପ୍ରିୟମ୍ବଦା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକଭାବେ ରାମେଶ୍ୱରୀ ଜେନା ଏବଂ ଅଞ୍ଜଳି ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ସାମୂହିକଭାବେ ଗାନ କଲେ ବନ୍ଦେ ମାତରମ୍



ଟାଙ୍ଗୀ,୧୨।୧ (ରଘୁନାଥ ସାହୁ)

ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ୧୫୦ତମ ପୂର୍ତ୍ତୀ ଅବସରରେ ସାମୂହିକଭାବେ ବନ୍ଦେ ମାତରମ୍ ଗାନ କରାଯିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ, ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଞ୍ଚସଖା ଶିକ୍ଷା ସେତୁ ସଭାନେତ୍ରୀ ରାଜେଶ୍ୱରୀ ହାଲଦାର, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ରତ୍ନ ମଣ୍ଡଳ, ଅଙ୍ଗନୱାଡ଼ି କର୍ମୀ ଭାରତୀ ଦେଇ, କାବେରୀ ମଣ୍ଡଳ, ଉମା ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ 'ଅମ୍ଳାନ ପ୍ରତିଭା'ଶୀର୍ଷକ କବିତା ପାଠ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମନୋରମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୂପାଲୀ ପାତ୍ର ପ୍ରତ୍ୟେକ ଦିନ ବିଦ୍ୟାଳୟ ଛୁଟି ପୂର୍ବରୁ ନିପୁଣ ଓଡ଼ିଶା ଗୀତ ସହିତ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ସାମୂହିକ ଗାନ ଅଭ୍ୟାସ କରାଯିବ ବୋଲି ଶପଥ ପାଠ କରାଇଥିଲେ। ମୋଟ ୧୭୮ଜଣ ଏହି ସାମୂହିକ ଗାନରେ ଅଂଶଗ୍ରହଣ କରିଥିଲେ। ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ, ସୌଦାମିନୀ ମଣ୍ଡଳ, ସୁଫଳା ମଣ୍ଡଳ, ସସ୍ମିତା ହାଲଦାର, ମଲୀନା ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଝାଁଳ(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ପଞ୍ଚପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳସ୍ଥ ଜଗମୋହନ ଉଚ୍ଚ ବିଦ୍ୟାଳୟରେ ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତୀ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ତର୍କ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିସହ ଆତ୍ମନିର୍ଭର ଭାରତ ଉପରେ ସ୍ୱଦେଶୀ ସଂକଳ୍ପ ପାଠ ମଧ୍ୟ କରାଯାଇଥିଲା। ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ଯୁବଶକ୍ତି ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ'

ବେଗୁନିଆ,୧୨।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଜତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ସ୍ୱାଗତ ସମ୍ଭାଷଣ ପୂର୍ବକ ଉତ୍ସବ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ଅଧ୍ୟକ୍ଷତା କରି ବିବେକାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ବିବେକାନନ୍ଦଙ୍କ ଜୀବନର ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବଶକ୍ତି ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ମତପ୍ରକାଶ ପାଇଥିଲା। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ.ସୋମନାଥ ବିଶୋୟୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ଦର୍ଶନ ଏବଂ ପାଶ୍ଚାତ୍ୟ ଭୂମିରେ ଭାରତର ଜାତୀୟ ସ୍ୱାଭିମାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସଲିଳ କୁମାର ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ନିକଟସ୍ଥ ଶ୍ରୀ ଦେବୌଶୁକ୍ଳ ଯଜୁର୍ବେଦ କାଣ୍ଡ ବେଦପାଠଶାଳାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡ.କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀ କାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା ଏବଂ ବେଦ ବିଦ୍ୟାର୍ଥୀମାନେ ଉପସ୍ଥିତ ରହି ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ।

## ବିବେକାନନ୍ଦ ଥିଲେ ବେଦାନ୍ତ ଦର୍ଶନର ବାର୍ତ୍ତାବହ

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ସ୍ୱାମୀ ବିବେକାନନ୍ଦ ବେଦାନ୍ତ ଦର୍ଶନର ଥିଲେ ବାର୍ତ୍ତାବହ। ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ଯୁଗ ଯୁଗ ଲାଗି ପ୍ରେରଣା ଦେଇଚାଲୁଥିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ରାଜଧାନୀ ମହାବିଦ୍ୟାଳୟ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ (ଏସ୍‌ଭିଏଲ୍‌ଏସ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ମନ୍ମଥନାଥ ଘଡ଼େଇ, ଡ. ସଂଘମିତ୍ରା ଜେନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ.ଚିନ୍ତାମଣି ରାଉତ, ଲୋକ ସଂସଦ ଖୋର୍ଦ୍ଧା ଜିଲା ସମ୍ପାଦକ ପ୍ରାଧ୍ୟାପକ ଡ. ଚନ୍ଦ୍ରମଣି ନାୟକ ଏବଂ ଧରିତ୍ରୀର ଉପବାର୍ତ୍ତା



ଜାତୀୟ ଯୁବଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଯୋଗ ଦେଇ ଛାତ୍ର ସମାଜ ଶୃଙ୍ଖଳିତ ଭାବେ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ 'ବନ୍ଦେ ମାତରମ୍' ଗାନ କରାଯିବା ସହ ସ୍ୱଦେଶ ମନ୍ତ୍ର ପାଠ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଲୋକ ସଂସଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଡ.ସନ୍ଧ୍ୟାରାଣୀ ନାୟକ ଓ ଅଧ୍ୟାପକ ଡ. ଆଶିଷ ରାଠୋର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚକାପଦାକୁ ହରାଇ ବାଙ୍କୀ ବିଜୟୀ

ବାଘମାରୀ, ୧୨।୧(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଗ୍ରାମ ଖେଳପଡ଼ିଆରେ ମା'ଗମେହିଁ କ୍ରିକେଟ କ୍ଲବର ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଲିଗ୍ ମ୍ୟାଚ୍ ସୋମବାର ବାଙ୍କୀ କ୍ରିକେଟ କ୍ଲବ ଏବଂ ଚକାପଦା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ବାଙ୍କୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୬ ରନ ସଂଗ୍ରହ କରିଥିଲା। ଜବାବରେ ଚକାପଦା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୩୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ବାଙ୍କୀ ଟିମର ବୁନା ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁନା ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦୋଳଗୋବିନ୍ଦ ଏବଂ ତରୁଣ ପ୍ରହରାଜ ମ୍ୟାଚ ପରିଚାଳନା କରିଥିଲେ। ବିଶ୍ୱଜିତ୍ ଏବଂ ସୁନିଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଜୟ ମହାପାତ୍ର ଏବଂ ପ୍ରକାଶ ମାର୍ଥା ଧାରାବିବରଣୀ ପ୍ରଦାନ କରିଥିଲେ।

## ଜଗା ୟୁନାଇଟେଡ୍ ସେମିରେ

ଜଟଣୀ,୧୨।୧(ରବୀନ୍ଦ୍ରନାଥ ମହାକୁଡ଼)

**ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଜଟଣୀର ଫ୍ରେଣ୍ଡସ ପାରାଡାଇସ କ୍ରୀଡା ସଂଘ ପକ୍ଷରୁ କୁଶମାଟି ଛଣଘର ଖେଳପଡ଼ିଆରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଅଲ୍‌ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଜଗା ୟନାଇଟେଡ୍ ଏବଂ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୩-୧ ଗୋଲରେ ଜଗା ୟନାଇଟେଡ୍ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବାମଦେବ ଟୁଡୁ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ରେଫରିଭାବେ ସେଖାୱତ ଖାନ, ରମେଶ ପାଇକରାୟ, ପ୍ରିୟବ୍ରତ ବାହାନିନୀପତି, କେଦାର ବରାଳ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଏବଂ ପ୍ରଫେସର ବିଜୟ କିଶୋର ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥି ଜଣେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଅବ୍ୟକ୍ତ ଲାୟନ୍ସକୁ ହରାଇ କୁମାରବସ୍ତ ଚାମ୍ପିୟନ



ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ବ୍ଲୁ ବାର୍ଡ କ୍ରିକେଟ କ୍ଲବ(ବିବିସିସି) ଆନୁକୂଲ୍ୟରେ ଗୁରୁଜଙ୍ଗ ଖେଳପଡ଼ିଆରେ ୧୩ତମ ବିବିସିସି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଖୋର୍ଦ୍ଧା, କୁମାରବସ୍ତ ଓ ବିବିସିସିର ଦୁଇଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ଉତ୍ତର ଖୋର୍ଦ୍ଧା ଓ କୁମାରବସ୍ତ ମଧ୍ୟରେ ହୋଇଥିଲା। ଏଥିରେ କୁମାରବସ୍ତ ବିଜୟୀ ହୋଇ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗର ବ୍ରିଜେଶ ଟାଇଗର ଓ ଅବ୍ୟକ୍ତ ଲାୟନ୍ସ ମଧ୍ୟରେ ହୋଇଥିଲା। ଏଥିରେ ଅବ୍ୟକ୍ତ ଲାୟନ୍ସ ବିଜୟୀ ହୋଇ କୁମାରବସ୍ତ ସହ ଫାଇନାଲ ମ୍ୟାଚ୍ ଖେଳିଥିଲା। ଫାଇନାଲ ମ୍ୟାଚରେ କୁମାରବସ୍ତ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଅତିଥିଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, କୁଞ୍ଜବିହାରୀ ବଡ଼ଜେନା, ରାମଚନ୍ଦ୍ର ସାମନ୍ତରାୟ ଏବଂ ପୂର୍ବତନ କ୍ରିକେଟର ମଳୟେଶ ପ୍ରଧାନ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଭଲ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସମସ୍ତ ଖେଳାଳିଙ୍କୁ ସତ୍ୟଶଙ୍କର ରାଉତରାୟ ପ୍ରୀତି ଉପହାର ପ୍ରଦାନ କରିଥିଲେ। ସୁଧୀର ସାହୁ, ରବିନାରାୟଣ ରାଉତରାୟ, ଦୁଃଶାସନ ବେହେରା, ବିଶ୍ୱଜିତ ମହାନ୍ତି, ସୂର୍ଯ୍ୟ ନାରାୟଣ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଏସ୍‌ଏମ୍‌ଓ୍ୱାଇସି ଚନ୍ଦ୍ରାପୁଟ ବିଜୟୀ

ବେଗୁନିଆ,୧୨।୧(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ରାଇଜିଂ ସ୍ପୋର୍ଟିଂ ୟୁଥ୍ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ଏସ୍‌ଏମ୍‌ଓ୍ୱାଇସି ଚନ୍ଦ୍ରାପୁଟ ବାଲୁଗାଁ ଏବଂ କୁସୁମାଟି ଏସ୍‌ସି ଜଟଣୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ଏସ୍‌ଏମ୍‌ଓ୍ୱାଇସି ଚନ୍ଦ୍ରାପୁଟ ଟିମ୍ ବିଜୟୀ ହୋଇଛି। ଚିତ୍ତରଞ୍ଜନ ପରିଡ଼ା, ଏମ୍.ଏସ୍. ବେଗ, ବୈକୁଣ୍ଠ ମହାପାତ୍ର ଏବଂ ବଳଭଦ୍ର ପାଟଶାଣୀ ମ୍ୟାଚ୍ ପରିଚାଳନା କରିଥିଲେ। ପଣ୍ଡିତ ଜଗନ୍ନାଥ ମିଶ୍ର ବେଦ ପାଠ କରିଥିଲେ। ରାଜା ଖାନ ମୁଖ୍ୟ ଅତିଥି, ରବିନାରାୟଣ ଚମ୍ପତି, ଦାଶରଥୀ ରଣସିଂହ, ଦାଶରଥୀ ନରେନ୍ଦ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସାଧୁଚରଣ ଚମ୍ପତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଚିନ୍ତାମଣି ସାମନ୍ତରାୟ ଚନ୍ଦ୍ରାପୁଟ ଟିମ୍‌କୁ ୫ଶହ ଟଙ୍କା ପ୍ରଦାନ କରିଥିଲେ। ସଞ୍ଜୟ କୁମାର ବାହୁବଳେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ।

**ନୟାହାଟ ଫାଣ୍ଡି ଅଧିକାରୀଙ୍କ ପିତୃ ବିୟୋଗ**

ଯୋଗେଶ୍ୱରପୁର,(ରଶ୍ମି ରଞ୍ଜନ ସାହୁ)- ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକଙ୍କ ପିତା ବଳରାମ ମଲିକ (୮୮)ଙ୍କ ନିଜସ୍ୱ ବାସଭବନ କାକଟପୁର ଥାନା ଅଞ୍ଚଳର ଲତାହରଣ ପଞ୍ଚାୟତର ଧୁରୁଜଙ୍ଗ ଗ୍ରାମରେ ରବିବାର ପରଲୋକ ଘଟିଛି। ବଳରାମ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧାର୍ମିକ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଆଖପାଖ ଅଞ୍ଚଳର ବ୍ୟକ୍ତିବିଶେଷ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଲତାହରଣ ପଞ୍ଚାୟତ ସହିତ ଧୁରୁଜଙ୍ଗ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ମରଶରୀରକୁ ତାଙ୍କ ନିଜ ଗ୍ରାମ ମଶାଣିରେ ଶେଷକୃତ୍ୟ କରାଯାଇଥିଲା। ବଡ ପୁଅ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ମୁଖାଗ୍ନି ଦେଇଥିଲେ। ସେଠାରେ ୩ ପୁଅ, ୨ ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୧।୨୦୨୬

| | |
|---|---|
| ୫,୯୭,୬୦୭ ଟଙ୍କା | |
| ସୁନା | ୨.୭୫୦ ଗ୍ରାମ୍ |
| ରୁପା | ୭୬.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

ପିପିଲି,୧୨।୧(ଦୁର୍ଗା ମାଧବ ମିଶ୍ର)

ପିପିଲି ଅନ୍ତର୍ଗତ ଆରୁହା ଜଇସ୍‌ପାଟଣା ଠାରେ ମା' ଭଗବତୀ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଏକଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ବିଭିନ୍ନ ଜିଲାରୁ ୮ଟି ଭଲିବଲ୍ ଦଳ ଯୋଗ ଦେଇଥିଲେ। ଫାଇନାଲରେ ପୁରୀ ଏବଂ ସଙ୍ଗଲାଇ ଶାସନ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ଖେଳରେ ପୁରୀ ଦଳ ସଙ୍ଗଲାଇ ଶାସନକୁ ହରାଇ ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟକୁ ସ୍ଥାନୀୟ ସରପଞ୍ଚ ସୌଦାମିନୀ ଦାସ ଏବଂ ସମିତିସଭ୍ୟା କବିତା ଖଟୋଇ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାରତ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ଦାଶରଥି ଶତପଥୀ, ବିଶିଷ୍ଟ କ୍ରୀଡ଼ାବିତ ସୁଦର୍ଶନ ପଟ୍ଟନାୟକ ଉଦ୍‌ଯାପନୀ କ୍ରୀଡ଼ାରେ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ ପୁରୀକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସଅପ୍ ଦଳ ସଙ୍ଗଲାଇକୁ ରନର୍ସଅପ୍ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ ଭଗବତୀ କ୍ଲବର ମୁଖ୍ୟ ତଥା ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କ ପିପିଲିର ବୋର୍ଡ ଡାଇରେକ୍ଟର ପର୍ଶୁରାମ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଦସ୍ୟ ଜଗଦୀଶ ସାହୁ, ଭ୍ରମରବର ଦାସ, ଜିତେନ୍ଦ୍ର ପରିଡ଼ା, ସୁବାସ ମିଶ୍ର, ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଖେଳ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

### ସ୍ମାରକୀ ପୁରସ୍କାର ଟ୍ରଷ୍ଟର ବାର୍ଷିକ ପୁରସ୍କାର ବିତରଣ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ସ୍ମାରକୀ ପୁରସ୍କାର ଟ୍ରଷ୍ଟ ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ. ଚତୁର୍ଭୁଜ ଭୂୟାଁ ଓ ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଡ. ଶ୍ରୀକାନ୍ତ ପଣ୍ଡା, ଡ. ସବ୍ୟସାଚୀ ପଟ୍ଟନାୟକ, ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ରେଣୁକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ବିଷୟଗତ, ସାଂସ୍କୃତିକ, ସାମାଜିକ, ପାରମ୍ପରିକ କ୍ଷେତ୍ରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୪୧ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ଅନୁପମା ପଣ୍ଡା ପାଞ୍ଚଜଣଙ୍କୁ ଟ୍ରଫି, ଖାତା, କଲମ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମଧୁମିତା ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସୁଜାତା ପ୍ରଧାନ, ରଶ୍ମିତା ତ୍ରିପାଠୀ, ମନସ୍ୱିନୀ ମିଶ୍ର ପୁରସ୍କାର ଉତ୍ସବ ପରିଚାଳନା କରିଥିଲେ।

# ତ୍ରୁଟିଶୂନ୍ୟ ଧାଡ଼ି ଦର୍ଶନକୁ ଗୁରୁତ୍ୱ

- ଧାଡ଼ି ଦର୍ଶନ ସମ୍ପର୍କିତ ବୈଠକ
- ଶ୍ରୀମନ୍ଦିର ଯାଇ ଅନୁଧ୍ୟାନ କଲେ ଜିଲାପାଳ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)



ଧାଡ଼ି ଦର୍ଶନ ନେଇ ଅନୁଷ୍ଠିତ ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଆଗକୁ ନାଟମଣ୍ଡପ ପରିସରରେ ଧାଡ଼ି ଦର୍ଶନ ନେଇ ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ଧାଡ଼ି ଦର୍ଶନ ଆରମ୍ଭ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସୋମବାର ଅପରାହ୍ନରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଧାଡ଼ି ଦର୍ଶନ ବା ଶୃଙ୍ଖଳିତ ଦର୍ଶନ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି।

ପୂର୍ବରୁ ର୍‌ୟାମ୍ପରେ ଥିବା ତ୍ରୁଟିକୁ ସଂଶୋଧନ କରିବା ପାଇଁ କମିଟି ବୈଠକରେ ପ୍ରସ୍ତାବ ଦେଇଛି। ସେହିପରି ବୈଠକ ପରେ ଜିଲାପାଳ ପରିଡ଼ା ଶ୍ରୀମନ୍ଦିର ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ସୂଚନା ଦେଇ କହିଛନ୍ତି, ଶୃଙ୍ଖଳିତ ଦର୍ଶନ ପାଇଁ କରାଯାଉଥିବା ସିଷ୍ଟମ ବା ର୍‌ୟାମ୍ପ୍ ତ୍ରୁଟିଶୂନ୍ୟ ହେବ। ମହାପ୍ରଭୁଙ୍କ ନୀତିକାନ୍ତିରେ ଯେପରି ବାଧା ସୃଷ୍ଟି ନ ହେବ ଏବଂ ଭକ୍ତ ଭଲଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେନେଇ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ଅନେକ ନୀତି ରହିଛି, ଏଥିପାଇଁ ପ୍ରତିଦିନ ଭୋଗମଣ୍ଡପ ସମୟରେ ର୍‌ୟାମ୍ପ୍‌କୁ କାଢ଼ିବାକୁ ପଡ଼ିବ। ତେଣୁ ର୍‌ୟାମ୍ପ୍‌ଗୁଡ଼ିକୁ ଯେମିତି ଅତି କମ୍ ସମୟରେ କାଢ଼ିହେବ ଓ ଲଗାଯାଇପାରିବ ସେନେଇ ପରିଚାଳନା କମିଟି ଓ ସେବାୟତମାନେ ଯେଉଁ ପ୍ରସ୍ତାବ ଦେଇଥିଲେ ତାହାରି ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଧାଡି ଦର୍ଶନ ଫଳରେ ଯେପରି ନୀତିକାନ୍ତିରେ ବ୍ୟାଘାତ ଓ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ନ ହେବ ସେନେଇ ଦେଖାଯାଇଥିଲା। ଧାଡ଼ି ଦର୍ଶନ ନିମନ୍ତେ ର୍‌ୟାମ୍ପ୍ ପ୍ରସ୍ତୁତ କରୁଥିବା ଓବିସିସି ଅଧିକାରୀ ଓ ଆଇଆଇଟି ପ୍ରଫେସରମାନେ ମଡେଲ ଉପରେ ଏକ ପ୍ରଜେଣ୍ଟେଶନ ଦେଖାଇଥିଲେ। ଏକ ମାସ ମଧ୍ୟ ସମୟ ନେଇଛନ୍ତି। ତେବେ ଆସନ୍ତା ୧୭ରେ ହେବାକୁଥିବା ପରିଚାଳନା କମିଟି ବୈଠକରେ ଧାଡ଼ି ଦର୍ଶନ ଉପରେ ଆଲୋଚନା ହେବାର ଅଛି। ଆଶା କରାଯାଉଛି ଖୁବ୍‌ଶୀଘ୍ର ଧାଡ଼ି ଦର୍ଶନ ବା ଶୃଙ୍ଖଳିତ ଦର୍ଶନ ଆରମ୍ଭ ହେବ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀଙ୍କ ସମେତ ଓବିସିସି ଅଧିକାରୀ, ଆଇଆଇଟି ପ୍ରଫେସର, ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ବୈଷୟିକ କମିଟି ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାଞ୍ଜା ସୂତା ବିକ୍ରି, ବ୍ୟବହାର ନ କରିବାକୁ ପରାମର୍ଶ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

**ପୁରୀ ସହରରେ ବିଶେଷ ଅଭିଯାନ**

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର ହେବା ସହ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଧାମ। ପ୍ରତିଦିନ ଲକ୍ଷ ଲକ୍ଷ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ବଡ଼ଦାଣ୍ଡ ସହିତ ସହରର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ବର୍ତ୍ତମାନ ଗଳିକନ୍ଦିରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଗୁଡ଼ି ଉଡ଼ାଉଛନ୍ତି। ଅନେକ ସମୟରେ ଦେଖିବାକୁ ମିଳୁଛି, ରାଜ୍ୟର ବିଭିନ୍ନ ସହରଗୁଡ଼ିକରେ ମାଞ୍ଜା ସୂତାକୁ ନେଇ ଛୋଟବଡ଼ ଅଘଟଣ ଦେଖାଯାଉଛି। ପୁରୀରେ ଏପରି ପରିସ୍ଥିତିରେ ମାଞ୍ଜା ଲାଗିଥିବା ଗୁଡ଼ି ସୂତା ଦ୍ୱାରା ଦୁର୍ଘଟଣା ଏଡେଇବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ସହରରେ ଏକ ଅଭିଯାନ କରାଯାଇଛି। ବଡ଼ଦାଣ୍ଡ ଓ ତାହା ସଂଲଗ୍ନ ଅଞ୍ଚଳରେ ମାଞ୍ଜା ସୂତା ସଂସ୍ପର୍ଶରେ ଆସି ଦୁଇଚକିଆ ଯାନ ଆରୋହୀ ଓ ପଦଚାରୀମାନେ ଆହତ ହେବାର ସମ୍ଭାବନା ହେତୁ ପୋଲିସ ପକ୍ଷରୁ ଏହାକୁ ଏଡାଇବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି।

ଅଭିଯାନ ଅନ୍ତର୍ଗତ ସହରର ବିଭିନ୍ନ ଗୁଡ଼ି ଦୋକାନ ଓ ବ୍ୟବସାୟୀଙ୍କ ନିକଟରୁ ମୋଟ ୭୦ ବଣ୍ଡଲ୍ ମାଞ୍ଜା ଗୁଡ଼ି ସୂତା ଜବତ କରାଯାଇଛି। ଅବୈଧ ଭାବେ ମାଞ୍ଜା ସୂତା ବିକ୍ରି କରୁଥିବା ବ୍ୟକ୍ତିମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ପ୍ରୟୋଜନ ଅନୁସାରେ ସମ୍ପୃକ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୋଲିସ ସ୍ପଷ୍ଟ କରିଛି ଯେ, ମାଞ୍ଜା ସୂତା ବ୍ୟବହାର ଏବଂ ବିକ୍ରୟ ଆଇନତଃ ଅପରାଧ। ଏହା ମାନବ ଜୀବନ ସହିତ ପକ୍ଷୀ, ପଶୁ ଓ ପରିବେଶ ପାଇଁ ମଧ୍ୟ ଭୟଙ୍କର। ସାଧାରଣ ଜନତାଙ୍କୁ ଅନୁରୋଧ ସହର ଓ ବଡ଼ଦାଣ୍ଡ ଅଞ୍ଚଳରେ ମାଞ୍ଜା ଲାଗିଥିବା ଗୁଡ଼ି ଉଡ଼ାନ୍ତୁ ନାହିଁ। ଯଦି କେହି ମାଞ୍ଜା ସୂତା ବିକ୍ରୟ କିମ୍ବା ବ୍ୟବହାର କରୁଥିବା ଦେଖିବେ, ତେବେ ନିକଟସ୍ଥ ଥାନାକୁ କିମ୍ବା ୧୧୨କୁ କଲ୍ କରି ସୂଚନା ଦିଅନ୍ତୁ। ଆଗାମୀ ଦିନରେ ମଧ୍ୟ ଏପରି ଅଭିଯାନ ଆହୁରି କଡ଼ା କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ସୋମବାର ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ଓ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ, ପୌରପାଳିକା, ଭାରତ ବିକାଶ ପରିଷଦ, ସମ୍ପର୍କ ଓ ମାଇଁ ଯୁବା ପୁରୀ ଶାଖାର ମିଳିତ ସହଯୋଗରେ ଦିଗବାରେଣୀ ଛକଠାରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସ୍ୱାମୀ ବିବେକାନନ୍ଦ ଯୁବବର୍ଗ ଓ ଯୁବ ଶକ୍ତିର ପ୍ରେରଣାର ଉତ୍ସ ବୋଲି କହିଥିଲେ। ଯୁବ ବୟସରେ ବିବେକାନନ୍ଦ ବିଦାୟ ନେଇଥିଲେ ମଧ୍ୟ ତାଙ୍କର କାର୍ଯ୍ୟ, ତ୍ୟାଗ, ଜ୍ଞାନ ଓ ପାରଦର୍ଶିତା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡର ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ୍ ସଙ୍ଗୀତକୁ ସାମୂହିକ ଗାନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆତ୍ମନିର୍ଭର ଭାରତର ଶପଥ ପାଠ ସମସ୍ତଙ୍କୁ କରାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଦିଗ୍‌ଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ, ପ୍ୟାରୀମୋହନ ପଟ୍ଟନାୟକ, ପତିତପାବନ ସାମନ୍ତରାୟ, ନଳିନୀ ମଲିକ, କିଶୋର ପାତ୍ର, ଲାଲା ଅନନ୍ତ କୁମାର, ଅର୍ଜିତ ପଟ୍ଟନାୟକ, ରମାକାନ୍ତ ସାହୁ, ଅଭିଜିତ ପଣ୍ଡା ଉପସ୍ଥିତ ଥିଲେ। ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ସଚିବ ସନ୍ତୋଷ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ମହାପ୍ରଭୁଙ୍କ ଦୁଧ ମେଲାଣ ନୀତି ସମ୍ପନ୍ନ



ଶ୍ରୀ ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ମହାପ୍ରଭୁଙ୍କ ଦୁଧ ମେଲାଣ ନୀତି ଅନୁଷ୍ଠିତ ହେଉଛି ।

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ପୌଷମାସ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ସଂକ୍ରାନ୍ତି ନୀତି ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ସୋମବାର ଦୁଧ ମେଲାଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ପାଣିପଡ଼ି ଦକ୍ଷିଣୀ ଘର ଭୋଗ ଅନୁଷ୍ଠିତ ହୋଇଥିଲା। ଭୋଗ ସମ୍ପନ୍ନ ହେବା ପରେ ଦକ୍ଷିଣୀ ଘରୁ ମହାଜନ ସେବକମାନେ ହସ୍ତରେ ଶ୍ରୀରାମକୃଷ୍ଣଙ୍କୁ ଧରି ରତ୍ନସିଂହାସନ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ଆଜ୍ଞାମାଳ ଆଣି ରାମକୃଷ୍ଣଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ହସ୍ତରେ ଆଣି ପଣ୍ଡା ଦୁଆର ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ଓ କାହାଳୀ ସହ ମହାଭୋଇ ସେବକ ରୋଷଶାଳା ପରିସରକୁ ଯାଇ ଦୁଧ ଭାର ନେଇ ଆସିଥିଲେ। ଠାକୁରଙ୍କୁ ବିମାନବଡୁ ସେବକମାନେ ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ପୂର୍ବରୁ ଏକ ଗାଈବାଛୁରି ରହିଥାନ୍ତି। ତାଙ୍କଠାରୁ ଦୁଧ ଅଣାଯାଇ ଠାକୁରଙ୍କୁ ଦୁଧ ମଣୋହି କରାଯାଇଥିଲା। ଶୀତଳ ଭୋଗ କରାଯାଇ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥବଲ୍ଲଭ ମଠରେ ସମସ୍ତ ନୀତି ସମ୍ପାଦନ ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଠାକୁରଙ୍କୁ ମା' ମହାଲକ୍ଷ୍ମୀ ମନ୍ଦିର ପରିସରରେ ପଡ଼ିଥିବା ଖଟଶେଯ ଉପରେ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ଦୁଧ ମଣୋହି କରାଯିବା ସହ ବନ୍ଦାପନା ଏବଂ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ।

## ଦଲିଲ ଲେଖକ ମୋହରିର ମହାସଂଘର ରାଜ୍ୟସ୍ତରୀୟ ସମାବେଶ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ଟାଉନ୍ ହଲ୍‌ଠାରେ ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ମହାସଂଘର ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଲିଲ ଲେଖକ ମୋହରିରଙ୍କର ବୃତ୍ତିଗତ ସୁରକ୍ଷା ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ରାଜ୍ୟର ସମସ୍ତ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ କାର୍ଯ୍ୟରତ ଦଲିଲ ଲେଖକ ମୋହରିର ଓ ଏମାନଙ୍କ ସହଯୋଗୀ ଶୃଙ୍ଖଳାର ସହ ଜନସାଧାରଣଙ୍କ ବିଭିନ୍ନ ପ୍ରକାରର ଦଲିଲ ଲେଖି ରେଜିଷ୍ଟ୍ରେଶନ ପାଇଁ ପ୍ରସ୍ତୁତ କରିଥାନ୍ତି। ଜନସାଧାରଣଙ୍କଠାରୁ ଆବଶ୍ୟକ ସମସ୍ତ ଦସ୍ତାବିଜ ତନଖିକରି ପକ୍ଷଙ୍କଠାରୁ ସମସ୍ତ ବିଷୟ ଅବଗତ ହୋଇ ବିଭିନ୍ନ ଆଇନକୁ ତର୍ଜମା କରି ଦଲିଲ ରେଜିଷ୍ଟ୍ରେଶନ ପାଇଁ ପ୍ରସ୍ତୁତ କରନ୍ତି। ସମାବେଶରେ କେତେକ ଦାବି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିମଧ୍ୟରେ ଦଲିଲ ଲେଖକଙ୍କ ପାଇଁ ସରକାରୀସ୍ତରରେ ୧ନଂ. ଏକ ୱେଲ୍‌ଫେୟାର ଫଣ୍ଡ ଖୋଲାଯାଉ। ୬୦ରୁ ଊର୍ଦ୍ଧ୍ୱ ବୟସର ଦଲିଲ ଲେଖକ, ମୋହରିରଙ୍କୁ ସରକାର ପେନ୍‌ସନ ଦେବାର ବ୍ୟବସ୍ଥା କରନ୍ତୁ। ଯଦି ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ କରାଯାଏ ଦଲିଲ ବୃତ୍ତିଗତ କ୍ଷତି ହେବା ସମ୍ଭାବନା ରହିଛି। କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସଭାପତି ବଂଶୀଧର ବେହେରା, ସାଧାରଣ ସମ୍ପାଦକ ଅଶୋକ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।

## କ୍ରୀଡ଼ା ଛାତ୍ରାବାସରେ ଜାତୀୟ ଯୁବ ଦିବସ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ପ୍ରତ୍ୟେକ ବର୍ଷ ଜାନୁଆରୀ ୧୨ ତାରିଖକୁ ଦେଶ ପାଳନ କରିଥାଏ ଜାତୀୟ ଯୁବ ଦିବସ। ଯୁବ ଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କୁ ସ୍ମରଣ ଓ ତାଙ୍କ ଆଦର୍ଶ ସମ୍ପର୍କରେ ସ୍ତୁତିଚାରଣ କରି ସୋମବାର ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ଷ୍ଟାଡିୟମସ୍ଥିତ କ୍ରୀଡ଼ା ଛାତ୍ରାବାସରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏଥିରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସ୍ୱାମୀ ବିବେକାନନ୍ଦ ଜଣେ ଦୃଢ଼ମନା, ଶୃଙ୍ଖଳିତ ଜୀବନଚର୍ଯ୍ୟା, ଆଦର୍ଶ ଓ ଚରିତ୍ରବାନ ବ୍ୟକ୍ତି ଭାବେ ବିଶ୍ୱରେ ପରିଚିତ। ଯୁବବର୍ଗ ବିବେକାନନ୍ଦଙ୍କ ଜୀବନରୁ ଶିକ୍ଷା ଲାଭ କରି ନିଷ୍ଠାପର ଭାବେ ନିଜ ଲକ୍ଷ୍ୟରେ ଆଗେଇ ସଫଳ ହେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

## ଅନୁଶାସନହୀନତା ଯୁବଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରୁଛି

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ଅନୁଶାସନହୀନତା ଯୁବଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରୁଛି ବୋଲି ୩୦ତମ ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମିଶନ ଓଡ଼ିଶା, ମାଇଁ ଭାରତ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ମିଳିତ ସହଯୋଗରେ 'ଯୁବ ଓ ଅନୁଶାସନହୀନତା' ଶୀର୍ଷକ ଆଲୋଚନାଚକ୍ର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଜୀବନ ସୁରକ୍ଷା ସୋସାଇଟିର ସଭାପତି ହିମାଂଶୁ ଦାସ, ଦାନ ଉତ୍ସବର ରାଜ୍ୟ ଅଧ୍ୟକ୍ଷ ବିପିନ୍ ମହାନ୍ତି, ଶିକ୍ଷାବିତ୍ ଡ. ଅଭିମନ୍ୟୁ ଭୂୟାଁ, ମାଇଁ ଭାରତର ଜିଲା ସଂଯୋଜକ ଅଶୋକ ବେହେରା, ଉତ୍କଳ ବିଦ୍ୱତ ପରିଷଦର ରାଜ୍ୟ ସଭାପତି ମନୋଜ ରଥ, ନ୍ୟାଶନାଲ ମିଡିଆ ଫାଉଣ୍ଡେଶନର ରାଜ୍ୟ ମୁଖପାତ୍ର ଶ୍ୟାମାପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ନକାରାତ୍ମକ ଭାବନା, ନିଶାଯୁକ୍ତ ଜୀବନ ଓ ଅବସାଦ ଭିତରୁ ବାହାରି ଆସି ଯୁବଗୋଷ୍ଠୀ ଏକ ଶୃଙ୍ଖଳିତ ଓ ବିକଶିତ ସମାଜ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ।

ଅନୁଷ୍ଠାନର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଜନମଞ୍ଚରେ ଶହଶହ ଯୁବା-ଯୁବ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ, ଆଧ୍ୟାତ୍ମିକଚେତନା ଓ ବିନୟତା ଉପରେ ବିଭିନ୍ନ ସକାରାତ୍ମକ ମତ ଉପସ୍ଥାପନ କରିଥିଲେ। ଏକଲାପଣ ଓ ଅବସାଦରୁ ଦୂରେଇବା, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଅପରାଧ କାହାଣୀ, ଅଶ୍ଳୀଳ ଓ ଅରୁଚିକର ଦୃଶ୍ୟକୁ ପଛରେ ପକାଇ, ଯୁବଗୋଷ୍ଠୀ ଆତ୍ମନିର୍ଭର ହେବାର ସଂକଳ୍ପ ନେବା ସହ ଏକ ସମୃଦ୍ଧ ଭାରତବର୍ଷ ପାଇଁ ସ୍ୱପ୍ନ ଦେଖନ୍ତୁ।

ଏହି ଅବସରରେ ବିଚାରକ ଶିକ୍ଷାବିତ୍ ଡକ୍ଟର କୈଳାଶ ଚନ୍ଦ୍ର ଚିକାୟତରାୟ ଓ ବରିଷ୍ଠ ଅଧିବକ୍ତା ପୁଷ୍କର ମହାପାତ୍ରଙ୍କ ମନୋନୟନରେ ୧୦ଜଣ ଶ୍ରେଷ୍ଠ ପ୍ରଶ୍ନକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୀନା ସାହୁ ଓ ପ୍ରୀତି ପତି, ପରିବେଶ ପାଇଁ ସାମାଜିକ କର୍ମୀ ପ୍ରଦୀପ ଦଳାଇ, ସେଣ୍ଟ୍ ଜନ୍ ଆମ୍ବୁଲାନ୍ସର ସବ୍ୟସାଚୀ ସେନାପତି, ଅଜୟ କୃଷ୍ଣ ଦାସ ଓ ବିଶିଷ୍ଟ କ୍ରିକେଟ୍ ଦେବରାଜ ଦାସଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୟନ୍ତୀ ମହାପାତ୍ର, କେଦାରନାଥ ମହାପାତ୍ର, ଶିବରାମ ପ୍ରଧାନ, ଦୀପକ ପାତ୍ର, ଶାନ୍ତିଲତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଜମିପଟ୍ଟା ସଂଶୋଧନ ଦାବିରେ ଚକବନ୍ଦୀ ଅଫିସ୍ ଘେରାଉ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)



ଜମି ବନ୍ଦୋବସ୍ତ ସମସ୍ୟାକୁ ନେଇ ବିଭିନ୍ନ ଗ୍ରାମର ବାସିନ୍ଦା ଚକବନ୍ଦୀ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

ଜମିପଟ୍ଟାରେ ଥିବା ଜମିଦାର କଲମରେ ଓଡ଼ିଶା ସରକାର ନାମ ଉଲ୍ଲେଖ କରି ଜମିପଟ୍ଟା ହସ୍ତାନ୍ତର କରିବା ଦାବିକରି ସୋମବାର ଆଞ୍ଚଳିକ ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ଚାରିନଳାସ୍ଥିତ ଚକବନ୍ଦୀ ଓ ବନ୍ଦୋବସ୍ତ ଅଫିସରେ ତାଲା ପକାଯାଇଛି। ଜମିପଟ୍ଟା ସଂଶୋଧନ କରି ପ୍ରଜାଙ୍କୁ ହସ୍ତାନ୍ତର ଦାବିରେ ବାଟଗାଁ, ସମଙ୍ଗରା, ବାଲିଗୁଆଳି, ମଙ୍ଗରାଜପୁର, ଆଳିକିଆ, ରେଣ୍ଟୁଆ, ନାଗପାଟଣା ଗ୍ରାମ ସହ ଅନ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମର ଗ୍ରାମବାସୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଫିସ ବନ୍ଦକରି ଧାରଣା ଦେଇଛନ୍ତି। ଜମିପଟ୍ଟାରେ ଜମିଦାର କଲମରେ 'ଓଡ଼ିଶା ସରକାର' ନାମ ଉଲ୍ଲେଖ କରି ତୁରନ୍ତ ପ୍ରଜାଙ୍କୁ ଯୋଗାଇ ଦେବାକୁ ଦାବି ହୋଇଛି।

ଆଞ୍ଚଳିକ ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ, ପୁରୀ ସଦରର ସଭାପତି ଶଶିଭୂଷଣ ଶତପଥୀ କହିଛନ୍ତି, ୧୯୨୩-୨୮ ମସିହା ବନ୍ଦୋବସ୍ତ ମୁତାବକ, ସ୍ଥିତିବାନ୍ ପ୍ରଜା ଭାବେ ତତ୍କାଳୀନ ଜମିଦାରଙ୍କୁ ଭୂ-ରାଜସ୍ୱ ଖଜଣା ପଇଠ ଦେଇ ପୁରୁଷାନୁକ୍ରମେ ସ୍ଥିତିବାନ୍ ପ୍ରଜା ଭାବେ ଭୋଗଦଖଲରେ ରହିଆସୁଛୁ। ମାତ୍ର ୧୯୭୪ ମସିହାରେ ଓଡ଼ିଶା ଜମିଦାରି ଉଚ୍ଛେଦ ଆଇନ-୧୯୫୧ରେ ସଂଶୋଧନ ଆସିବା ପରେ ସମସ୍ୟା ଦେଖାଦେଇଥିଲା। ପରବର୍ତ୍ତୀ ସମୟରେ ୧୯୭୭ ମସିହା ବନ୍ଦୋବସ୍ତ ଜମିପଟ୍ଟାର ଜମିଦାର କଲମରେ 'ଶ୍ରୀଜଗନ୍ନାଥ ମହାପ୍ରଭୁ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି, ପୁରୀ' ଉଲ୍ଲେଖ ରହିଗଲା। ୧୯୮୮ରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଦାରି ଉଚ୍ଛେଦ ନିଷ୍ପତ୍ତିକୁ ଠିକ୍ ଦର୍ଶାଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକ୍ରମେ ଶ୍ରୀମନ୍ଦିର ପରିଚାଳନା କମିଟିର ତତ୍କାଳୀନ ମୁଖ୍ୟ ପ୍ରଶାସକଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗଠାରୁ ଜମିଦାରି ଉଚ୍ଛେଦ ବାବଦ ଉଚିତ କ୍ଷତିପୂରଣ ଗ୍ରହଣ କରିସାରିଛନ୍ତି। ରାଜସ୍ୱ ବିଭାଗର ଅବହେଳା ଯୋଗୁ ଜମିପଟ୍ଟାର ଜମିଦାରି କଲମରେ 'ଓଡ଼ିଶା ସରକାର' ନାମ ଉଲ୍ଲେଖ କରାଯାଇପାରି ନାହିଁ। ମାତ୍ର ପ୍ରଜାମାନେ ୧୯୭୭ ମସିହାରୁ ଆଜିପର୍ଯ୍ୟନ୍ତ ଭୂ-ରାଜସ୍ୱ ଖଜଣା ଓଡ଼ିଶା ସରକାରଙ୍କୁ ପଇଠ କରିଆସୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସକ ନିଜ କ୍ଷମତା ବଳରେ ୨୦୧୨ ମସିହାଠାରୁ ଭୂ-ସମ୍ପତ୍ତି ବିକ୍ରି, ବନ୍ଧକ ଉପରେ ରୋକ୍ ଲଗାଇଛନ୍ତି। ଶ୍ରୀମନ୍ଦିର ପ୍ରଶାସକ ଅଯଥା ଚକବନ୍ଦୀରେ ପକ୍ଷ ରଖି ପ୍ରଜାମାନଙ୍କୁ ହଇରାଣ କରୁଛନ୍ତି। ତେଣୁ ଆଇନ ବିଭାଗ ଏଥିରେ ତ୍ୱରିତ ସୁଧାର ଆଣିବାକୁ ସେ ଦାବି କରିଛନ୍ତି। ଜମିପଟ୍ଟାରେ ସଂଶୋଧନ କରାଯାଇ ବିଧିବଦ୍ଧ ଭାବେ ମୌଜାର ପ୍ରଜାମାନଙ୍କୁ ଏହା ହସ୍ତାନ୍ତର କରିବାକୁ ଦାବି କରାଯାଇଛି। ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁରହିବ ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି।

## ଫଟୋରେ ଖବର




ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ବଡ଼ଦାଣ୍ଡରେ ଜାତୀୟ ଯୁବ ଦିବସ ପାଳନ କରାଯାଇ ବିବେକାନନ୍ଦଙ୍କ ବାଣୀ ପ୍ରଚାର କରାଯାଉଛି।




ପୁରୀ ବେଳାଭୂମିରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ପୁରୀ ରାମକୃଷ୍ଣ ମିଶନ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବାଲିଅନ୍ତା,୧୨ା୧(ନୀଳମାଧବ ସାହୁ): ବାଲିଅନ୍ତା ବଜାର ଛକ ନିକଟରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗରେ ଏକ ହାଇୱା ଗାଡ଼ିକୁ ବାଲିଅନ୍ତା ଥାନା ପୋଲିସ ଜବତ କରିଛି। ଏହି ଅଭିଯୋଗରେ ପୋଲିସ ହାଇୱା ଚାଳକଙ୍କୁ ଗିରଫକରିସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବିକାଶ ବେହେରା(୩୮)। ପୋଲିସ ଥାନାରେ ମାମଲା(ନଂ.୧୦/୨୬) ରୁଜୁ କରିଛି। ଥାନା ଅଧିକାରୀ ଅନିଲ କୁମାର ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ଟିମ୍ ରବିବାର ବିଳମ୍ବିତ ରାତିରେ ଛକରେ ପାଟ୍ରୋଲିଙ୍ଗ କରୁଥିଲା। ହଂସପାଳ ପଟରୁ ଦ୍ରୁତଗତିରେ ଆସୁଥିବା ଏକ ବାଲି ବୋଝେଇ ଟ୍ରକ୍‌କୁ ପୋଲିସ ଟିମ୍ ଅଟକାଇ ଥିଲା। ଛାନ୍‌ଭିନ୍ ସମୟରେ ଚାଳକ ବାଲି ପରିବହନର ଆବଶ୍ୟକ କାଗଜପତ୍ର ପୋଲିସକୁ ଦେଖାଇପାରି ନ ଥିଲେ।

# ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ମନା

**ପ୍ରଶ୍ରୟ ଦେଲେ ଯାତ୍ରା କମିଟି ଉପରେ ହେବ କାର୍ଯ୍ୟାନୁଷ୍ଠାନ**

- ମହିଳାଙ୍କ ସୁରକ୍ଷାକୁ ଗୁରୁତ୍ୱ, ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ
- ଦୁଇ ସିଫ୍ଟରେ ମୁତୟନ ହେବେ ପୋଲିସ

ଭୁବନେଶ୍ୱର,୧୨ା୧(ତ୍ରିନାଥ ମହାନ୍ତି)

ଖଣ୍ଡଗିରି କୁମ୍ଭମେଳାରେ ଆଇନଶୃଙ୍ଖଳା ରକ୍ଷା ସହ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୋମବାର ଖଣ୍ଡଗିରି ଥାନା ପୋଲିସ ଏବଂ ଯାତ୍ରା କମିଟି ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତାକୁ ନେଇ ଆଲୋଚନା ହୋଇଛି। ଯେଉଁ ଯାତ୍ରା କମିଟି ଅଶ୍ଳୀଳ ନୃତ୍ୟକୁ ପ୍ରୋତ୍ସାହନ ଦେବ ବା କରାଇବ, ଉକ୍ତ କମିଟି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଏଥର ଯାତ୍ରା ପେଣ୍ଡାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିବ। ସେହିପରି ଯାତ୍ରା ପେଣ୍ଡାଲର ପ୍ରବେଶ ପଥ ସୁଗମ କରିବା ସହ ଜରୁରୀକାଳୀନ ଦ୍ୱାର ରଖିବାକୁ କୁହାଯାଇଛି। ପୋଲିସ ମଧ୍ୟ ଏହାକୁ ପ୍ରତିଦିନ ଯାଞ୍ଚ କରିବ। ଯେପରି ଯାତ୍ରା ଦେଖିବା ସମୟରେ କୌଣସି ମହିଳା ଅସଦାଚରଣ କିମ୍ବା ଲୁଟ୍‌ପାଟର ଶିକାର ନ ହୁଅନ୍ତି, ସେଥିଲାଗି ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ମେଳା ଓ ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ପ୍ରାୟ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଦିନ ୨ଟାରୁ ରାତି ୧୧ଟା ଓ ରାତି ୧୧ଟାରୁ ପରଦିନ ସକାଳ ପର୍ଯ୍ୟନ୍ତ ଦୁଇଟି ସିଫ୍ଟରେ ୧୦ଜଣ ପୋଲିସ ଅଧିକାରୀ ନିୟୋଜିତ ହେବେ। ଏଥିସହିତ ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିବ। ପୋଲିସର ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ବସି ଅଧିକାରୀମାନେ ସିସିଟିଭି ମାଧ୍ୟମରେ ମେଳା ଉପରେ ନଜର ରଖିବେ। ସାଦା ପୋଷାକରେ ମହିଳା ଓ ପୁରୁଷ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସେମାନେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଫୁଟ୍ ପାଟ୍ରୋଲିଂ କରିବେ। ସେପଟେ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ବ୍ୟବସ୍ଥା ହୋଇଛି। ୨୦ଜଣ ଟ୍ରାଫିକ କନ୍‌ଷ୍ଟେବଲ ଓ ଜଣେ ଅଧିକାରୀ ଟ୍ରାଫିକ ପରିଚାଳନା ଦାୟିତ୍ୱରେ ରହିବେ। ଆହୁରି ମଧ୍ୟ ଅନେକ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିବା ଥାନା ଅଧିକାରୀ କହିଛନ୍ତି।

# ଚଳଚ୍ଚିତ୍ର 'ନୀଲୁ' ପାଇଁ ବିଶ୍ୱସ୍ତରୀୟ ସଫଳତା ଆଣିଲା 'ୱେଭ୍ସ ଫିଲ୍ମ ବଜାର'

ଭୁବନେଶ୍ୱର, ୧୨ା୧(ବନ୍ଦନା ସେଠୀ)

ଭାରତୀୟ କାହାଣୀଗୁଡ଼ିକୁ ବିଶ୍ୱ ଚଳଚ୍ଚିତ୍ର ଶିଳ୍ପ ସହ ଯୋଡିବାରେ 'ୱେଭ୍ସ ଫିଲ୍ମ ବଜାର' ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ପାଲଟିଛି। ଏହା ଜରିଆରେ ଭାରତୀୟ ଆନିମେଟେଡ୍ ଫିଚର ଫିଲ୍ମ 'ନୀଲୁ' ଫ୍ରାନ୍ସ, ସ୍ପେନ୍ ଏବଂ ବେଲଜିୟମ୍‌କୁ ନେଇ ପ୍ରମୁଖ ସହ-ପ୍ରଯୋଜନା ପ୍ରକଳ୍ପରେ ପରିଣତ ହୋଇଛି। ସରସ୍ୱତୀ ବୁୟାଲା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। ଚଳଚ୍ଚିତ୍ରଟି ଭାରତରେ ରହୁଥିବା ଜଣେ ଆଦିବାସୀ ଯୁବତୀ ନୀଲୁଙ୍କ କାହାଣୀ ଉପରେ ପର୍ଯ୍ୟବସିତ, ଯିଏକି କନ୍ୟାଭ୍ରୁଣ ହତ୍ୟା ଷଡ଼ଯନ୍ତ୍ରର ମୁକାବିଲା କରୁଛି। ଆନିମେଶନ ମାଧ୍ୟମରେ ନୀଲୁ ଏହି ଗମ୍ଭୀର ସାମାଜିକ ସମସ୍ୟାକୁ ଆବେଗ ଓ ସମ୍ବେଦନଶୀଳତା ସହିତ ସମାଧାନ କରନ୍ତି। ଏହି ଚଳଚ୍ଚିତ୍ରଟି ଶକ୍ତିଶାଳୀ କାହାଣୀ ସହିତ ଏକ ଦୃଢ଼ ବାର୍ତ୍ତା ଦେଉଛି। ୟୁରୋପୀୟ ପ୍ରଯୋଜକ ଜାଭିୟର ୟାମାମୋଟୋ ଏବଂ ସାଇମନ ବାରିଓନୁଏଭୋ ଏହି ପ୍ରକଳ୍ପରେ ଯୋଗ ଦେବା ଚଳଚ୍ଚିତ୍ର ପାଇଁ ଏକ ପ୍ରମୁଖ ସଫଳତା ଆଣି ଦେଇଥିଲା। ସେହିପରି ସେମାନଙ୍କ ସମ୍ପୃକ୍ତି ସହିତ 'ନୀଲୁ' ଚଳଚ୍ଚିତ୍ର ସ୍ପେନ, ଫ୍ରାନ୍ସ ଏବଂ ବେଲଜିୟମର ଅଂଶୀଦାରମାନଙ୍କ ସହିତ ଏକ ଅଧିକୃତ ଅନ୍ତର୍ଜାତୀୟ ସହ-ପ୍ରଯୋଜନା ପ୍ରକଳ୍ପ ପାଲଟିଥିଲା।



ଏହି ଚଳଚ୍ଚିତ୍ରକୁ ନେଇ ଏକ ଗ୍ରାଫିକ ଉପନ୍ୟାସ ଏବଂ ଏକ ୱେବ୍‌ଟୁନ ସିରିଜ ପାଇଁ ଯୋଜନା ଚାଲିଛି। ଚଳଚ୍ଚିତ୍ରଟି ଲସ୍‌ଆଞ୍ଜେଲ୍‌ସରୁ ପ୍ରାରମ୍ଭିକ ନିବେଶ ପାଇସାରିଛି ଏବଂ ଅଧିକ ୟୁରୋପୀୟ ପାଣ୍ଠି ପାଇବା ପାଇଁ ବର୍ତ୍ତମାନ ଫରାସୀ ଭାଷାରେ ଏହାର ଅନୁବାଦ କରାଯାଉଛି। ଏହି ଘଟଣାକ୍ରମ ଭାରତୀୟ ଆନିମେଟେଡ ପ୍ରକଳ୍ପଗୁଡ଼ିକ ପ୍ରତି ବୃଦ୍ଧି ପାଉଥିବା ଅନ୍ତର୍ଜାତୀୟ ବିଶ୍ୱାସକୁ ଦର୍ଶାଉଛି ବୋଲି ସୂଚନା ଦିଆଯାଇଛି।

# ବାଇକ୍‌କୁ ଧକ୍କାଦେଲା କଣ୍ଟେନର: ଚାଳକ ମୃତ

ବାଲିଅନ୍ତା,୧୨ା୧(ନୀଳମାଧବ ସାହୁ)

ପାହାଳ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ହଂସପାଳ କୁଆଖାଇ ବ୍ରିଜ୍ ନିକଟ ଫ୍ଲାଏଓଭର ଗଡ଼ାଣିରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କଣ୍ଟେନର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ନୟାପଲ୍ଲୀ ଥାନା ଅଧୀନ ସାଲିଆସାହିର ଦିଲୀପ ବେହେରା। ବାଇକ୍ ପଛରେ ବସିଥିବା ଯୁବକ ସୁଶାନ୍ତ କୁମାର ବେହେରା(୩୯) ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ଘଟାଇ ଦ୍ରୁତଗତିରେ ଖସିପଳାଉଥିବା କଣ୍ଟେନରକୁ ଲୋକେ ପଳାଶୁଣୀ ନିକଟରେ ଧରି ପୋଲିସ ଜିମା ଦେଇଥିଲେ। ପାହାଳ ପୋଲିସ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଦିଲୀପ ରଙ୍ଗମିସ୍ତ୍ରୀ କାର୍ଯ୍ୟ କରନ୍ତି। ନଖରା ଅଞ୍ଚଳରେ କାମସାରି ସନ୍ଧ୍ୟା ପ୍ରାୟ ୬ଟାରେ ଦିଲୀପ ଓ ତାଙ୍କ ସହଯୋଗୀ ସୁଶାନ୍ତ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ହଂସପାଳ ଫ୍ଲାଏଓଭରବ୍ରିଜ୍‌ରେ ଗଡ଼ୁଥିବା ବେଳେ ପଛରୁ ଆସୁଥିବା ଏକ କଣ୍ଟେନର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତାର ବାମ ଓ ଡାହାଣ ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଡାହାଣ ପାର୍ଶ୍ୱକୁ ଦିଲୀପ ପଡ଼ିଯାଇଥିବା ବେଳେ ତାଙ୍କ ଉପରେ କଣ୍ଟେନରର ପଛଚକା ଚଢ଼ିଯାଇ ଥିଲା। ଫଳରେ ଦିଲୀପଙ୍କ ଶରୀର ଅଣ୍ଟା ପାଖରୁ ଦି'ଖଣ୍ଡ ହୋଇଯାଇଥିଲା। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହେଉଥିଲା। ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ମୁକାବିଲା କରିବା ସହ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିଛି।

# ଜମୁଛି 'ଶିଶିର ସରସ' ମେଳା

**ଏମ୍‌କେୟୁୱାଇ, ସହଯୋଗୀ ଉଦ୍ୟୋଗ ସମ୍ପର୍କରେ ସଚେତନ ହେଲେ ଉଦ୍ୟୋଗୀ ଓ ଚାଷୀ**



ଶିଶିର ସରସ ମେଳା ମଞ୍ଚରେ ଶିଳ୍ପୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୨ା୧(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ଓର୍ମାସ ଓ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାର ରବିବାର ଥିଲା ତୃତୀୟ ଦିବସ। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଥିବାବେଳେ ପ୍ରବଳ ଭିଡ଼ ଜମୁଛି। ଲୋକେ କିଣାକିଣି, ଖିଆପିଆ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି। ଏଥିସହ ଉଦ୍ୟୋଗୀ, କାରିଗର ଓ ବିଶେଷଜ୍ଞଙ୍କୁ ନେଇ କର୍ମଶାଳା, ଆଲୋଚନାଚକ୍ର ଆଦି ଆୟୋଜନ କରାଯାଉଛି। ରବିବାର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ଓ ସହଯୋଗୀ ଉଦ୍ୟୋଗ ପ୍ରୋତ୍ସାହନ ପଦକ୍ଷେପ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉଦ୍ୟୋଗପତି ଆଦିଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା। ଏମ୍‌କେୟୁୱାଇ ଅଧୀନରେ ମିଳୁଥିବା ସବ୍‌ସିଡି, ବ୍ୟାଙ୍କ ଋଣ ଓ ପ୍ରାଯୁକ୍ତିକ ସହାୟତା ବିଷୟରେ ସହଜ ଭାବେ ବ୍ୟାଖ୍ୟା କରାଯାଇଥିଲା। ଏହା ସହିତ ପଶୁପାଳନ, ମତ୍ସ୍ୟଚାଷ, ଖାଦ୍ୟ ପ୍ରକ୍ରିୟାକରଣ, ମୂଲ୍ୟ ସଂଯୋଜନ ଓ ଗ୍ରାମୀଣ ଉଦ୍ୟୋଗ ସମ୍ପର୍କିତ ସୁଯୋଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କର୍ମଶାଳାରେ ମାନବ ସମ୍ବଳ ପ୍ରତିଷ୍ଠାନ ଭାବେ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲି. (ଆପିକଲ୍)ର ଅଧିକାରୀମାନେ ଯୋଗଦେଇ ଗ୍ରାମୀଣ ଉଦ୍ୟୋଗ ସ୍ଥାପନା ପାଇଁ ଉପଲବ୍ଧ ସରକାରୀ ସହାୟତା ଓ ଯୋଜନା ସମନ୍ୱୟ ବିଷୟରେ ସୂଚନା ଦେଇଥିଲେ। କର୍ମଶାଳାରେ ପ୍ରାୟ ୧୫୦ରୁ ଅଧିକ ଏସ୍‌ଏଚଜି ସଦସ୍ୟ ଏବଂ ଚାଷୀମାନେ ଅଂଶଗ୍ରହଣ କରିଥିଲେ।

# ବିବେକାନନ୍ଦ ଥିଲେ ବେଦାନ୍ତ ଦର୍ଶନର ବାର୍ତ୍ତାବହ

**ରାଜଧାନୀ ମହାବିଦ୍ୟାଳୟ ଓ ଏସ୍‌ଭିଏଲ୍‌ଏସ୍ ପକ୍ଷରୁ ଯୁବ ଦିବସ ପାଳିତ**

ଭୁବନେଶ୍ୱର,୧୨ା୧(ଅନୁରାଧା ମହାରଣା)

ସ୍ୱାମୀ ବିବେକାନନ୍ଦ ବେଦାନ୍ତ ଦର୍ଶନର ଥିଲେ ବାର୍ତ୍ତାବହ। ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ଯୁଗ ଯୁଗ ଲାଗି ପ୍ରେରଣା ଦେଇଚାଲୁଥିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ରାଜଧାନୀ ମହାବିଦ୍ୟାଳୟ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ (ଏସ୍‌ଭିଏଲ୍‌ଏସ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ମନ୍ମଥନାଥ ଘଡ଼େଇ, ଡ. ସଂଘମିତ୍ରା ଜେନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ.ଚିନ୍ତାମଣି ରାଉତ, ଲୋକ ସଂସଦ ଖୋର୍ଦ୍ଧା ଜିଲା ସମ୍ପାଦକ ପ୍ରାଧ୍ୟାପକ ଡ. ଚନ୍ଦ୍ରମଣି ନାୟକ ଏବଂ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଯୋଗ ଦେଇ ଛାତ୍ର ସମାଜ ଶୃଙ୍ଖଳିତ ଭାବେ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ 'ବନ୍ଦେ ମାତରମ୍' ଗାନ କରାଯିବା ସହ ସ୍ୱଦେଶ ମନ୍ତ୍ର ପାଠ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଲୋକ ସଂସଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଡ.ସନ୍ଧ୍ୟାରାଣୀ ନାୟକ ଓ ଅଧ୍ୟାପକ ଡ. ଆଶିଷ ରାଠୋର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜଧାନୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ଯୁବ ଦିବସ ଅବସରରେ ମଞ୍ଚାସୀନ ଅତିଥି।

# ନନ୍ଦନକାନନ, ଉଦ୍ଭିଦ ଉଦ୍ୟାନକୁ ୩୫ ପୁରସ୍କାର



**ପୁଷ୍ପ ପ୍ରଦର୍ଶନୀ ଉତ୍ସବ**

ବାରଙ୍ଗ,୧୨ା୧(ଲିଙ୍ଗରାଜ ରାଉତ)

ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର (ଆର୍‌ପିଆର୍‌ସି)ରେ ଆୟୋଜିତ ଉଦ୍ୟାନ ପ୍ରତିଯୋଗିତା ଏବଂ ଫୁଲପ୍ରଦର୍ଶନୀ-୨୦୨୬ରେ ନନ୍ଦନକାନନ ଓ ବାଟାନିକାଲ୍ ଗାର୍ଡେନ ୩୫ଟି ପୁରସ୍କାର ହାତେଇବାରେ ସକ୍ଷମ ହୋଇଛି। ପାତ୍ରଯୁକ୍ତ ଉଦ୍ଭିଦ ପ୍ରଦର୍ଶନୀ ଓ ଭୂମି ପ୍ରଦର୍ଶନୀ ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପାତ୍ରଯୁକ୍ତ ଉଦ୍ଭିଦ ପ୍ରଦର୍ଶନୀରେ ନନ୍ଦନକାନନ ବିଭିନ୍ନ ପ୍ରକାର ଗୋଲାପ, କ୍ଷୁଦ୍ର ଗୋଲାପ ସହ ଅନେକ ମିଶ୍ରିତ ଉଦ୍ଭିଦ ଶ୍ରେଷ୍ଠ ପୁରସ୍କାର ଜିତିଛି। ଏହାସହିତ ପାତ୍ର ଯୁକ୍ତ ଉଦ୍ଭିଦ ଏବଂ କ୍ଷୁଦ୍ର ଉଦ୍ୟାନରେ ଦ୍ୱିତୀୟ ପୁରସ୍କାର ପାଇଛି। କଣ୍ଟାଫୁଲ ବର୍ଗରେ ପ୍ରଥମ ପୁରସ୍କାର ଓ ହଳଦିଆ ହାଇବ୍ରିଡ୍ ଗୋଲାପ ଆଦିରେ ଅତିରିକ୍ତ ପୁରସ୍କାର ପାଇଛି। ଉଦ୍ୟାନ ଏବଂ ଭୂଦୃଶ୍ୟ ପ୍ରଦର୍ଶନୀରେ ନନ୍ଦନକାନନ ନର୍ସରୀ, ରାଜ୍ୟ ଉଦ୍ଭିଦ ଉଦ୍ୟାନର ବର୍ଜ୍ୟବସ୍ତୁ ପରିଚାଳନା ଉଦ୍ୟାନ, ଅର୍କିଡ୍ ହାଉସ ଆଦି ପ୍ରଥମ ପୁରସ୍କାର ପାଇଛି। ଗ୍ଲାସ ହାଉସ, ରୋଜ୍ ଗାର୍ଡେନ, ଗେଷ୍ଟ ହାଉସ ଉଦ୍ୟାନ, ଇଭଲ୍ୟୁଶନ ଗାର୍ଡେନ, ବନସାଇ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, କାକଟସ ହାଉସ, ହାଇଡ୍ରୋଫାଇଟ ଉଦ୍ୟାନ, ମୋଗଲ ଉଦ୍ୟାନ ଏବଂ ପ୍ରଜାପତି ଉଦ୍ୟାନ ପାଇଁ ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପାଇଛି। କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁ ଏହି ସଫଳତା ମିଳିପାରିଛି ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ନିର୍ମାଣ କାର୍ଯ୍ୟରେ ଉନ୍ନତମାନର ସାମଗ୍ରୀ, ଠିକ୍ ମୂଲ୍ୟ ନିର୍ଦ୍ଧାରଣ ଜରୁରୀ: ମନ୍ତ୍ରୀ

ଭୁବନେଶ୍ୱର, ୧୨ା୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ବଳରେ ବର୍ତ୍ତମାନ ରାଜ୍ୟର ବିକାଶକୁ ତ୍ୱରିତ ବେଗରେ ଆଗେଇନେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ନିୟମିତ ନିଯୁକ୍ତି ପ୍ରକ୍ରିୟା ଫଳରେ ବିଭାଗରେ ଦକ୍ଷ ଇଞ୍ଜିନିୟରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ନିର୍ମାଣ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ଉନ୍ନତମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଏବଂ ଏହାର ଠିକ୍ ମୂଲ୍ୟ ନିର୍ଦ୍ଧାରଣ ଜରୁରୀ। ଫଳରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ରାସ୍ତା ଓ କୋଠା ନିର୍ମାଣ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ନିର୍ମାଣ ହେବାକୁ ଥିବା ରାସ୍ତା, କୋଠାବାଡ଼ି ଆଦିରେ ବ୍ୟବହୃତ ଇଟା, ବାଲି, ଗୋଡ଼ି ସମେତ ବିଭିନ୍ନ ଇନ୍‌ଡୋର ଓ ଆଉଟ୍‌ଡୋର ସାମଗ୍ରୀ, ବିଲ୍ଡିଂ ସାମଗ୍ରୀ, ପ୍ରି-ଫାବ୍ରିକେଟେଡ୍ ନିର୍ମାଣ ସାମଗ୍ରୀ, ରାସ୍ତା ଓ କୋଠାବାଡ଼ିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଛି। ଗୁଣବତ୍ତାଯୁକ୍ତ ସାମଗ୍ରୀର ବ୍ୟବହାର ଏବଂ ଏହାର ଠିକ୍ ମୂଲ୍ୟ ନିର୍ଦ୍ଧାରଣ ଦ୍ୱାରା ଭିତ୍ତିଭୂମିର ସ୍ଥାୟିତ୍ୱ ବୃଦ୍ଧି ପାଇବା ସହିତ ନିର୍ମାଣଜନିତ ଖର୍ଚ୍ଚ କମ୍ ହୋଇପାରିବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଛି। ଭିତ୍ତିଭୂମି ନିର୍ମାଣରେ ବ୍ୟବହୃତ ସାମଗ୍ରୀର ମାନକୁ ଗୁରୁତ୍ୱ ଦେବା ସହ ଜାରି ରହିଥିବା କାର୍ଯ୍ୟଗୁଡ଼ିକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜୟଦେବ ବିହାର-ନନ୍ଦନକାନନ ରୋଡ୍ ଏବଂ ଫ୍ଲାଏ ଓଭର, ନୂଆ ଲୋକସେବା ଭବନ ପ୍ରକଳ୍ପ ନେଇ ଆଲୋଚନା ହୋଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନେଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।

# ବିଜେବି କଲେଜରେ ଆଇନ ସହାୟତା କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୨ା୧(ଅନୁରାଧା ମହାରଣା)

ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱରଙ୍କ ପକ୍ଷରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇନ ବିଭାଗରେ ଏକ ଆଇନ ସହାୟତା କ୍ଲିନିକ ଉଦ୍‌ଘାଟିତ ହୋଇଯାଇଛି। ଆଇନ ବିଭାଗର ଛାତ୍ରୀଛାତ୍ର ଏହି ଆଇନ ସହାୟତା କ୍ଲିନିକକୁ ପରିଚାଳନା କରିବେ। ସାଧାରଣ ଜନତାଙ୍କୁ ମାଗଣା ଆଇନ ସେବା ଯୋଗାଇ ଦେବେ। ଆଇନଗତ ସହାୟତା ଓ ପରାମର୍ଶ ଦେବେ ଓ ଜିଲା ଆଇନ ସେବା ପ୍ରାଧିକରଣଙ୍କ ସହ ନିରନ୍ତର ଯୋଗାଯୋଗ କରି ଆଇନ ସେବାରୁ ବଞ୍ଚିତ ଜନସାଧାରଣଙ୍କୁ ତ୍ୱରିତ ଆଇନ ସେବା ଯୋଗାଇ ଦେବା ପାଇଁ ଚେଷ୍ଟା କରିବେ। ଏହି ପରିପ୍ରେକ୍ଷୀରେ ପ୍ରାଧିକରଣଙ୍କ ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତିରେ 'ନିଶାମୁକ୍ତ ଭାରତ ପାଇଁ ନିଶା ସଚେତନତା ଏବଂ ସୁସ୍ଥତା ନେଭିଗେଶନ' ସମ୍ପର୍କିତ କାର୍ଯ୍ୟକ୍ରମ ତଥା ଆଇନ ସଚେତନତା ଶିବିରର ଆୟୋଜନ କରାଯାଇଛି। ଜାତୀୟ ଯୁବ ଦିବସ ପାଳନ ପରିପ୍ରେକ୍ଷୀରେ ସମସ୍ତଙ୍କୁ ନିଶାଠାରୁ ଦୂରେଇ ରହି ନିଶାମୁକ୍ତ ଭାରତ ପାଇଁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ-ଅଦାଲତ ଜଜ୍ ଶ୍ରୀକାନ୍ତ ମିଶ୍ର, ଅତିରିକ୍ତ ଜିଲା ଜଜ୍ ବନ୍ଦନା କର, ରାଜକିଶୋର ଲେଙ୍କା, ସଚିବ ସଲୋମି ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ଝୁମିକି ରଥ, ଆଇନ ବିଭାଗ ମୁଖ୍ୟ କୀର୍ତ୍ତି ରଞ୍ଜନ ମହାନ୍ତି, କୋର୍ସ ଡାଇରେକ୍ଟର ସନ୍ତୋଷ ବେଜ ପ୍ରମୁଖ ଉପସ୍ଥିତ ଥିଲେ।



ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସୋମବାର ବୁଦ୍ଧ ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସିପିଆଇଏମ୍ ନେତା ଜନାର୍ଦ୍ଦନ ପତିଙ୍କ ଲିଖିତ ପୁସ୍ତକ 'ସ୍ୱାମୀ ବିବେକାନନ୍ଦ ଓ ହିନ୍ଦୁତ୍ୱ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଓକିଲ ସଂଘର ବାର୍ଷିକ ବଣଭୋଜି

ବାରଙ୍ଗ,୧୨ା୧(ଲିଙ୍ଗରାଜ ରାଉତ)

ଚୂଡଙ୍ଗ ନିକଟସ୍ଥ ମାସାରଙ୍ଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବାରଙ୍ଗ ଓକିଲସଂଘର ବାର୍ଷିକ ବଣଭୋଜି ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ହାଇକୋର୍ଟ ବାରଆସୋସିଏସନର ସଭାପତି ମନୋଜ କୁମାର ମିଶ୍ର, ସଂଘ ସଭାପତି ପ୍ରଭାତ କୁମାର ଲେଙ୍କା, ଉପ-ସଭାପତି କୃଷ୍ଣ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବ୍ରତ ମହାପାତ୍ର, କୋଷାଧ୍ୟକ୍ଷ ବିଜୟ କୁମାର ବସ୍ତିଆ, ପ୍ରମୋଦ କୁମାର ଦାସ ସୁଶ୍ରୀ ପିଙ୍କି ଜେନା, ରୋହନ ଜେନା, ଅକ୍ଷୟ କୁମାର ପତି, ସୁବର୍ଣ୍ଣ କେଶରୀ ପଣ୍ଡା ଆଦି ଓକିଲମାନେ ଯୋଗଦେଇ ସଂଘର ଭବିଷ୍ୟତ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘରେ ନୂତନ ଭାବେ ଯୋଗଦେଇଥିବା ଓକିଲମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ସମ୍ପାଦକ ସୁବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ସମର୍ପିତ ଆଇପିଏସ୍ ଅଧିକାରୀ ଥିଲେ ସୁଶୀଲ ପ୍ରଧାନ'

କଟକ,୧୨ା୧(କାର୍ତ୍ତିକ ସାହୁ)

ପୂର୍ବତନ ଆଇପିଏସ୍ ଅଧିକାରୀ ସ୍ୱର୍ଗତ ସୁଶୀଲ କୁମାର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି। କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଛି। ଏଥିସହ ସଂଘ ପକ୍ଷରୁ ସ୍ୱର୍ଗତ ପ୍ରଧାନଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଧ୍ୟକ୍ଷତା କରି କହିଲେ, ସୁଶୀଲ ପ୍ରଧାନ ଜଣେ ସମର୍ପିତ, ଦକ୍ଷ ଓ କର୍ମଠ ଆଇପିଏସ୍ ଅଧିକାରୀ ଥିଲେ। ଚାକିରି ଜୀବନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସେ ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରି ଓଡ଼ିଶା ପୋଲିସର ମର୍ଯ୍ୟାଦା ଓ ସୁନାମ ବଢ଼ାଇଛନ୍ତି। ସେହିପରି ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଲେ, ସ୍ୱର୍ଗତ ପ୍ରଧାନ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଆଇନ ଓ ଶାସନ ବ୍ୟବସ୍ଥା ପରିଚାଳନାରେ ତାଙ୍କର ଉତ୍କୃଷ୍ଟତା ସର୍ବଦା ସ୍ୱୀକୃତିପ୍ରାପ୍ତ ଥିଲା ଏବଂ ଜଟିଳ ପରିସ୍ଥିତିରେ ତାଙ୍କର ସୁଦୃଢ଼ ନେତୃତ୍ୱ ସମସ୍ତଙ୍କୁ ପ୍ରେରଣା ଦେଇଆସିଥିଲା। ରାଜ୍ୟ ଆଇପିଏସ୍ ସଂଘର ସମ୍ପାଦକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ପ୍ରଧାନ ନିଷ୍ଠାପର ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ଏବଂ ରାଜ୍ୟପାଳ ପଦକ ଭଳି ଗରିମାମୟ ସମ୍ମାନପ୍ରାପ୍ତ ହୋଇଥିବା କହିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେଶନ) ଦୟାଳ ଗଙ୍ଗୱାର, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡ଼ଙ୍ଗୀ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମୀନା, ଡିଆଇଜି (କାର୍ମିକ) ବି. ଯୁଗୋଳ କିଶୋର, ଡିଆଇଜି (କ୍ରାଇମବ୍ରାଞ୍ଚ) ସଭାରେ ଉପସ୍ଥିତ ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ବି. ଗଙ୍ଗାଧର, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଉପସ୍ଥିତ ଥିଲେ। ଏଡିଜି (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ପରିଚାଳନା କରିଥିଲେ।




ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ନୀରବ ପ୍ରାର୍ଥନା କରୁଛନ୍ତି।

**ନାଗରିକଙ୍କ ଦାୟିତ୍ୱବୋଧ ବଢ଼ାଏ 'ବନ୍ଦେ ମାତରମ୍'**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ମହାବିଦ୍ୟାଳୟରେ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ରଶ୍ମୀ ରାଉତରାୟ ପୌରୋହିତ୍ୟ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ପ୍ରଭାକର ମିଶ୍ର ଅତିଥିଭାବେ ଯୋଗଦେଇ ବନ୍ଦେ ମାତରମ୍ ଦେଶପ୍ରେମ, ଜାତୀୟ ଏକତା ଓ ନାଗରିକଙ୍କ ଦାୟିତ୍ୱବୋଧ ବଢ଼ାଇଥାଏ ବୋଲି କହିଥିଲେ। ଡ. ଦୀପକ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବାଶିଷ ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ସାମନ୍ତରାୟ, ସ୍ୱାଭିମାନ ସାମନ୍ତରାୟ, ଶୁଭସ୍ମିତା ଭୁୟାଁ ପ୍ରମୁଖ ଆତ୍ମନିର୍ଭର ଭାରତ ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁମନ୍ତ ସାହୁ, ଯୁକ୍ତେଶ୍ୱର ଦାସ, ଶିଳ୍ପାଶ୍ରୀ ମିଶ୍ର, ଦୀପକ ଦାସ, ରିଙ୍କୁ କିସାନ୍, ବନିତା ସ୍ୱାଇଁ, ସଂଘମିତ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ରୋଗୀଙ୍କୁ ମିଳିଲାନି ଚିକିତ୍ସା

## ପ୍ରେସ୍କ୍ରିପ୍ସନ୍‌ରେ ଦସ୍ତଖତ କରୁନାହାନ୍ତି ଡାକ୍ତର

କଟକ,୧୨।୧:(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ର ନନ୍‌ଟ୍ରମା କାଜୁଆଲଟିରେ ଜଣେ ଗୁରୁତର ରୋଗୀଙ୍କୁ ସେବା ମିଳି ନ ଥିବା ଅଭିଯୋଗ ହୋଇଛି। ଏପରିକି ରୋଗୀଙ୍କୁ ଅନ୍ୟତ୍ର ନେବା ପାଇଁ ଲାମା (ଅନୁମତି ପତ୍ର) ଲେଖାଇନେବାକୁ ତାଙ୍କ ସମ୍ପର୍କୀୟ ଚାହିଁଥିଲେ ମଧ୍ୟ ଦାୟିତ୍ୱରେ ଥିବା ଡାକ୍ତର ମନା କରିଦେଇଥିଲେ। ଫଳରେ ରୋଗୀଙ୍କ ଜୀବନ ସଙ୍କଟରେ ପଡ଼ିଛି। ସେହିପରି କେତେଜଣ ଡାକ୍ତର ନିଜ ପ୍ରେସ୍କ୍ରିପ୍ସନ୍‌ରେ ଦସ୍ତଖତ କରୁ ନ ଥିବା ଦେଖିବାକୁ ମିଳିଛି। ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ବାଲିକୁଦା ଅଞ୍ଚଳର ରୋହିତ ସ୍ୱାଇଁ ଗୁରୁତର ଅସୁସ୍ଥ ହୋଇ ଦିନକ ପୂର୍ବରୁ ଏସ୍‌ସିବିର ନନ୍‌ଟ୍ରମା କାଜୁଆଲ୍‌ଟିକୁ ଆସିଥିଲେ। ଏସ୍‌ସିବିରେ ପହଞ୍ଚିବା ପରେ ଡାକ୍ତର ଦେଖାଇଥିଲେ। ତେବେ ତାଙ୍କୁ ଆବଶ୍ୟକ ମୁତାବକ ଚିକିତ୍ସା ସେବା ଯୋଗାଇଦିଆଯାଇ ନ ଥିଲା। ଏପରିକି ଗୋଟିଏ ରାତି ପରେ ବି ଡାକ୍ତର ତାଙ୍କ ପ୍ରତି ସମାନ ଢଙ୍ଗରେ ବ୍ୟବହାର କରିବାରୁ ଏନେଇ ସମ୍ପର୍କୀୟ ପ୍ରଶ୍ନ କରିଥିଲେ। ତେବେ ରୋଗୀ ଜଣକ ଆଉ ଭଲ ହେବେନି କି ବଞ୍ଚିବେନି ବୋଲି କହି



ସମ୍ପୃକ୍ତ ଡାକ୍ତର ଚାଲିଯାଇଥିଲେ। ଏଭଳି ସ୍ଥିତି ଦେଖି ରୋହିତଙ୍କୁ ତାଙ୍କ ସମ୍ପର୍କୀୟ ଏସ୍‌ସିବିରୁ ଘରୋଇ ମେଡିକାଲକୁ ନେଇଯିବାକୁ ପ୍ରସ୍ତୁତି କରୁଥିବାବେଳେ ଡାକ୍ତର ତାଙ୍କ ପ୍ରେସ୍କ୍ରିପ୍ସନ ବା ଚିଠାରେ ଲାମା ଲେଖିବାକୁ ମନା କରିଥିଲେ। ଏସ୍‌ସିବିରେ କୌଣସି ରୋଗୀ ଭର୍ତ୍ତି ହେବା ପରେ ନିଜ ପକ୍ଷରୁ ଡିସ୍‌ଚାର୍ଜ ହେବାକୁ ଚାହିଁଲେ ଏଥିପାଇଁ ସମ୍ପୃକ୍ତ ବିଭାଗର ଦାୟିତ୍ୱରେ ଥିବା ଡାକ୍ତରଙ୍କ ଠାରୁ ଲାମା ଲେଖାଇବା ବାଧ୍ୟତାମୂଳକ ବୋଲି ନିୟମ ରହିଛି। ହେଲେ ଏହି ନିୟମକୁ ଡାକ୍ତର ପାଳନ କରୁ ନଥିବା ରୋହିତଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। ରୋଗୀଙ୍କ ପ୍ରତି ଅବହେଳା କରୁଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ରୋହିତଙ୍କ ସମ୍ପର୍କୀୟ କହିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସମୂହ 'ବନ୍ଦେ ମାତରମ୍' ଗାନ କରୁଛନ୍ତି। (ଫଟୋ– ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### କିଶୋରନଗର, ପ୍ରହରାଜପୁରରେ ଧାନମଣ୍ଡି ଉଦ୍‌ଘାଟିତ

କଟକ ସଦର,୧୨।୧(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ କିଶୋର ନଗର ଓ ପ୍ରହରାଜପୁରଠାରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉଭୟ ସ୍ଥାନରେ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ, ଆମ୍ବା ସଭାପତି ରମାପ୍ରସାଦ ବିଶ୍ୱାଳ, ସାଧୁ ଜେନା, ସରପଞ୍ଚ ସୁଜାତା ସେଠୀ ଉପସ୍ଥିତ ଥିଲେ। କିଶୋର ନଗର ମଣ୍ଡିରେ ସଭାପତି ବିରଞ୍ଚି କୁମାର ପଣ୍ଡା, ଉପସଭାପତି ବାବୁଲାଲ ନାୟକ, ବରିଷ୍ଠ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବିଷୋୟୀ, ନବଘନ ନାୟକ, କାଳୀକିଙ୍କର ବୋଷ, ରମେଶ ଚନ୍ଦ୍ର ବିଷୋୟୀ, ସୁଧାକର ଖଟେଇ, ସମ୍ପାଦକ ଚନ୍ଦ୍ରଶେଖର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରହରାଜପୁରଠାରେ ସଭାପତି ଶେଖ ଇଲିୟାସ ଅଲ୍ଲୀ, ସରପଞ୍ଚ ୱାହିଦ୍ ଖାଁ, ସମିତି ସଭ୍ୟ ଲିୟାକତ ଅଲ୍ଲୀ ଖାଁ, ସୋମନାଥ ସାହୁ, ଅଭିମନ୍ୟୁ ବେହେରା, ଶିବ ପ୍ରକାଶ ସାହୁ, ଭାଜପା ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କୁଡ଼ୋ ଓଡ଼ିଶାର ପ୍ରଶିକ୍ଷଣ ଶିବିର

କଟକ,୧୨।୧(କାର୍ତ୍ତିକ ସାହୁ)

କୁଡ଼ୋ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ ବେଲ୍‌ଗଛିଆ, ତ୍ରିଶୁଳିଆସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ଠାରେ ସପ୍ତମ ରାଜ୍ୟସ୍ତରୀୟ କୁଡ଼ୋ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କୁଡ଼ୋ ଇଣ୍ଡିଆର ମୁଖ୍ୟ ସୋସିହାନ ମେହୁଲ୍ ଭୋରା ଏବଂ ରେନ୍‌ସି ପ୍ରିୟଙ୍କ ରାଣା ପ୍ରଶିକ୍ଷଣ ଓ ପରୀକ୍ଷା ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ଜିଲାରୁ ବହୁ ପିଲା ସାମିଲ ହୋଇଥିଲେ। ସୋମବାର ଅନ୍ତିମ ଦିନ ବ୍ଲାକ୍‌ବେଲ୍ଟ (ଡାନ୍) ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୪ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୋରା ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ବ୍ଲାକ୍‌ବେଲ୍ଟ ପ୍ରଦାନ କରିଥିଲେ। ଏଥିସହ ୭ ଜଣ ନୂତନ କୁଡୋକା ରେଫରି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ଚେୟାର୍‌ମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ, କଳା ବିକାଶ କେନ୍ଦ୍ରର ସଭାପତି ଏବଂ କୁଡ଼ୋ ଓଡ଼ିଶାର ମୁଖ୍ୟ ପରାମର୍ଶଦାତା ଡ. ବିଜୟାନନ୍ଦ ସିଂହ, ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ଏବଂ କୁଡ଼ୋ ଓଡ଼ିଶାର ସଭାପତି ଶିବାଶିଷ କର ଉପସ୍ଥିତ ରହି ପିଲାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ଯୁବ ସମାଜ ପାଇଁ ବିବେକାନନ୍ଦଙ୍କ ବାଣୀ ଧ୍ୟେୟ

କଟକ,୧୨।୧(କାର୍ତ୍ତିକ ସାହୁ)

ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ସୋମବାର ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଜ୍ଞାନୀଦେବାଶିଷ ମିଶ୍ର ଯୋଗଦେଇ ବିବେକାନନ୍ଦଙ୍କ ଦର୍ଶନଶାସ୍ତ୍ର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ସତ୍ୟ ରାୟ ଯୁବ ସମାଜ ପାଇଁ ବିବେକାନନ୍ଦଙ୍କ ବାଣୀ ଧ୍ୟେୟ ବୋଲି କହିଥିଲେ। କୁଟୀର ଉପସଭାପତି ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରିୟରଞ୍ଜନ ମହାପାତ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଡ. ଓଁକାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ଓ ସହତତ୍ତ୍ୱାବଧାରକ ଲକ୍ଷ୍ମୀନାରାୟଣ ଦାଶ ମଞ୍ଚ ପରିଚାଳନା କରିଥିଲେ।

# ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ,୧୨।୧(କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ସୋମବାର ଜାତୀୟ ଯୁବ ଦିବସ ଏବଂ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଜଗବନ୍ଧୁ ମିଶ୍ର, ମୁଖ୍ୟ ଅତିଥି ଡ. ନାରାୟଣ ମହାନ୍ତି, ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ, ଏନ୍‌ଏସ୍‌ଏସ୍ ପ୍ରଶାସନିକ ଅଧିକାରୀ ଡ. ସରୋଜ କୁମାର ଦାଶ, ରେଡ୍‌କ୍ରସ କାଉନସିଲର ଚନ୍ଦନା ମହାନ୍ତି, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସହସଂଯୋଜିକା ଅଧ୍ୟାପିକା ଅମ୍ରିତା ଲେଙ୍କା ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସିଦ୍ଧି ଶତପଥୀ, ପ୍ରୀତି ବେହେରା, ଲିପ୍ସା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପକ ଡ. ଅକ୍ଷୟ କୁମାର ନାୟକ ଏବଂ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ଦାସ ଯୋଗଦେଇଥିଲେ।

# ସରିଲା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

କଟକ,୧୨।୧(କାର୍ତ୍ତିକ ସାହୁ)

କଟକ ଜିଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ଚାଲିଥିବା ପାଞ୍ଚଦିନିଆ ଜିଲାସ୍ତରୀୟ କୃଷିଯନ୍ତ୍ରପାତି ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ସୁଭଦ୍ରା ଦାସ, ମୁଖ୍ୟ କୃଷି ଯନ୍ତ୍ରୀ ଇଂ. ବିଷ୍ଣୁପ୍ରସାଦ ମିଶ୍ର ଉପସ୍ଥିତ ରହି ଚାଷୀମାନଙ୍କ ମନୋବଳ ବୃଦ୍ଧି କରିଥିଲେ। କେନ୍ଦ୍ରାଞ୍ଚଳ ଅଧୀକ୍ଷଣ ଯନ୍ତ୍ରୀ (କୃଷି) ଇଂ. ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ( କୃଷି) ଇଂ. ପ୍ରଭାତ କୁମାର ବିଶ୍ୱାଳଙ୍କ ସମେତ ଡ. ରଞ୍ଜନ କୁମାର ମହନ୍ତ, ଡ. ଦିଲ୍ଲୀପ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ କମଳକାନ୍ତ ପାଣିଗ୍ରାହୀ ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ପାଞ୍ଚ ଦିନ ବ୍ୟାପୀ କୃଷି କର୍ମଶାଳା, କ୍ରେତା ବିକ୍ରେତା ସମ୍ମିଳନୀ, ଜିଲାସ୍ତରୀୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ହୋଇଥିଲା। ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ନିର୍ମାତାମାନେ ନିଜର ମେଶିନ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାୟ ୧୮୦୦ ଜଣ ଚାଷୀ ମେଳାରେ ଯୋଗଦେଇଥିଲେ। କୃଷି ଓ ଆନୁଷଙ୍ଗିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ଯୋଗଦେଇ ବିଭିନ୍ନ କୃଷି ଅଧିକାରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରପାତି ମେଳାରେ ବୁକିଂ ହୋଇଛି। କୃଷି ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ ଅନୁପସ୍ଥିତିରେ ଜନଅଭିଯୋଗ ଶୁଣାଣି

## ଷଣ୍ଢ ଦୌରାତ୍ମ୍ୟ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

କଣ୍ଟାପଡ଼ା,୧୨।୧(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର କଟକ ଜିଲା ପ୍ରଶାସନ ପକ୍ଷରୁ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ଏଥିରେ ଜିଲାପାଳ ଅନୁପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଆନ୍ଦୋଳନକୁ ଡରି ସେ ଏହି କାର୍ଯ୍ୟକ୍ରମକୁ ଆସିଲେ ନାହିଁ ବୋଲି ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଷଣ୍ଢଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସୂଚନା ଅନୁଯାୟୀ, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ମୁତାବକ କଣ୍ଟାପଡ଼ା ବ୍ଲକରେ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏଥିରେ କଟକ ସଦର ଉପଜିଲାପାଳ ସ୍ମୃତିରଞ୍ଜନ ଦିବ୍ୟଜ୍ୟୋତି ଦେଓ, ଜିଲା ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ହୋତା, କଟକ ଜିଲା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ସାହୁ, କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ବିଡିଓ ସ୍ୱପ୍ନିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଅଧିକାରୀମାନେ ୧୩୧ଟି ଅଭିଯୋଗର ଶୁଣାଣି କରିଥିଲେ। ତେବେ ଜିଲାପାଳ ଏହି ଶିବିରରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳରେ ଷଣ୍ଢଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ବଡ଼ପାଟସୁନ୍ଦରପୁର ପଞ୍ଚାୟତର କେତେଜଣ ଚାଷୀ ୩୦ରୁ ଊର୍ଦ୍ଧ୍ୱ ଷଣ୍ଢଙ୍କୁ ଘଉଡ଼ାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ଆଣିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଖବର ପାଇ ଜିଲାପାଳ ଶିବିରକୁ ଆସି ନ ଥିଲେ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଗତ ୭ତାରିଖରେ କଣ୍ଟାପଡ଼ା ପଞ୍ଚାୟତ ସମିତି ବୈଠକରେ ୮ନମ୍ବର ଜୋନ୍ ଜିଲାପରିଷଦ ସଦସ୍ୟ ପିୟୁଷ ମିଶ୍ର ଷଣ୍ଢଙ୍କ ଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି କହି ଜିଲାପାଳଙ୍କ ଅଭିଯୋଗ ଶୁଣାଣିବେଳେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ।

### ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

କଟକ ସଦର,୧୨।୧(ସୁଶାନ୍ତ କୁମାର ଜେନା)

କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଓ ଗୁରୁମାଗୁରୁଜୀମାନେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ବନ୍ଦେ ମାତରମ୍ ଗାନ କରିଥିଲେ। ଗୁରୁଜୀ ପ୍ରଣୟ କୁମାର ଜେନା ସ୍ୱାମୀଜୀଙ୍କ ଦର୍ଶନ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ପ୍ରଭାତ ପ୍ରଧାନ, ତ୍ରିଲୋଚନ ହାତୀ, ରାଜସ୍ମିତା ବିଶ୍ୱାଳ, ଶୁଭଶ୍ରୀ ପ୍ରଧାନ, ସସ୍ମିତା ପାତ୍ର, ପ୍ରିୟଙ୍କା ସିଂହ, ନିବେଦିତା ଓଝା, ଶୁଭକାନ୍ତ ସାହୁ, ଜାନକୀ ବଲ୍ଲଭ ମହାପାତ୍ର, ବିଷ୍ଣୁପ୍ରିୟା ପଣ୍ଡା, ସସ୍ମିତା ପଣ୍ଡା ଓ ରଞ୍ଜନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବୟାଳିଶମୌଜାରେ ହିନ୍ଦୁ ସନାତନୀ ସମ୍ମିଳନୀ



ହିନ୍ଦୁ ସନାତନୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

କଟକ ସଦର,୧୨।୧(ସୁଶାନ୍ତ କୁମାର ଜେନା)

ବୟାଳିଶମୌଜା ଅନ୍ତର୍ଗତ ଦଧିବାମନପୁର ମଣ୍ଡଳ ପକ୍ଷରୁ ମା'ଭୁଆସୁଣୀ ପୀଠରେ ସୋମବାର ବିଶାଳ ହିନ୍ଦୁ ସନାତନୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକ ପୂର୍ତ୍ତି ଅବସରରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ସନାତନୀ ସେନା ରାଜ୍ୟ ସଭାପତି ସମୀର କୁମାର ପଣ୍ଡାଙ୍କ ଆବାହକତ୍ୱରେ ସ୍ୱୟଂସେବକ ସଂଘର ସଞ୍ଚାଳକ ଗୌତମ ମହାରଣା, ଧର୍ମ ଜାଗରଣ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ, କଟକ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, ସୁନ୍ଦରଗଡ଼ ଆଶ୍ରମର ପ୍ରଣବାନନ୍ଦ ସ୍ୱାମୀ, ସିଦ୍ଧଗିରି ଆଶ୍ରମର ମହନ୍ତ ବିଶ୍ୱନାଥ ଦାସ ମହାରାଜ, ତ୍ରୈଲୋକ୍ୟ ଭାରତୀ ମହାରାଜ ପ୍ରମୁଖ ଯୋଗଦେଇ ହିନ୍ଦୁ ସନାତନ ଧର୍ମ ଅନ୍ୟ ସମସ୍ତ ଧର୍ମର ମୂଳ ଉତ୍ସ ବୋଲି କହିଥିଲେ। ପ୍ରାରମ୍ଭରେ ମା' ଭୁଆସୁଣୀଙ୍କ ପୂଜା ସହ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଘୁନାଥ ଚୌଧୁରୀ ସଂଯୋଜନା କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ମୁରବି, ଗ୍ରାମ୍ୟ କମିଟି ମୁଖ୍ୟ, ମହନ୍ତ ଏବଂ ଅଧିକାରୀମାନେ ଯୋଗଦେଇଥିଲେ।

# 'ସମର୍ପିତ ଆଇପିଏସ୍ ଅଧିକାରୀ ଥିଲେ ସୁଶୀଲ ପ୍ରଧାନ'

କଟକ,୧୨।୧(କାର୍ତ୍ତିକ ସାହୁ)




ପୂର୍ବତନ ଆଇପିଏସ୍ ଅଧିକାରୀ ସ୍ୱର୍ଗତ ସୁଶୀଲ କୁମାର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି। କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଛି। ଏଥିସହ ସଂଘ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଛି।

ସଭାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଧ୍ୟକ୍ଷତା କରି କହିଲେ, ସୁଶୀଲ ପ୍ରଧାନ ଜଣେ ସମର୍ପିତ ଆଇପିଏସ୍ ଅଧିକାରୀ ଥିଲେ। ସେ ଦକ୍ଷ, କର୍ମଠ ଅଧିକାରୀ ଭାବେ ରାଜ୍ୟରେ ସୁନାମ ଅର୍ଜନ କରିଥିଲେ। ଚାକିରି ଜୀବନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସେ ଦକ୍ଷତାର ସହ କାର୍ଯ୍ୟ କରି ଓଡ଼ିଶା ପୋଲିସର ମର୍ଯ୍ୟାଦା ଓ ସୁନାମ ବଢ଼ାଇଛନ୍ତି। ସେହିପରି ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଲେ, ଆଇନ ଓ ଶାସନ ବ୍ୟବସ୍ଥା ପରିଚାଳନାରେ ସ୍ୱର୍ଗତ ପ୍ରଧାନଙ୍କ ଉତ୍କୃଷ୍ଟତା ସର୍ବଦା ସ୍ୱୀକୃତିପ୍ରାପ୍ତ ଥିଲା ଏବଂ ଜଟିଳ ପରିସ୍ଥିତିରେ ତାଙ୍କର ସୁଦୃଢ଼ ନେତୃତ୍ୱ ସମସ୍ତଙ୍କୁ ପ୍ରେରଣା ଦେଇଆସିଥିଲା। ରାଜ୍ୟ ଆଇପିଏସ୍ ସଂଘ ସମ୍ପାଦକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ପ୍ରଧାନ କର୍ତ୍ତବ୍ୟନିଷ୍ଠା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ଓ ରାଜ୍ୟପାଳ ପଦକ ଭଳି ଗରିମାମୟ ସମ୍ମାନପ୍ରାପ୍ତ ହୋଇଥିବା କହିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେଶନ) ଦୟାଳ ଗଙ୍ଗୱାର, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡ଼ଙ୍ଗୀ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମୀନା, ଡିଆଇଜି (କାର୍ମିକ) ବି. ଯୁଗୋଳ କିଶୋର, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, କଟକ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଶୋକସଭା ପରିଚାଳନା କରିଥିଲେ।

# ଆଗ୍ରାହାଟ କପ୍: ସାଇରାମ ମର୍ନିଂ ବିଜୟୀ

ଚୌଦ୍ୱାର,୧୨।୧(ଆଶୁତୋଷ ଦାସ)

ଆଗ୍ରାହାଟ ସ୍ପୋର୍ଟସ କ୍ଲବ୍ ଖେଳ ପଡ଼ିଆରେ ଆଗ୍ରାହାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ କଟକ ସାଇରାମ ମର୍ନିଂ ଓ କୁରାଙ୍ଗ ୟୁନିଭର୍ସାଲ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ସାଇରାମ ମର୍ନିଂ ୩ଟି ଗୋଲ କରି ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ରେଫରି ଭାବେ ଲକି ହେମ୍ବ୍ରମ, ଲାଇନ୍ ମ୍ୟାନ୍ ଭାବେ ଫଗୁରାମ ମୁର୍ମୁ ଓ ରାମଚନ୍ଦ୍ର ଗୋଲଡ୍ଡୁ ଖେଳ ପରିଚାଳନା କରିଥିଲେ। ଅକ୍ଷୟ ବରାଳ, ପ୍ରମୋଦ ପଣ୍ଡା, ଶିବ ପ୍ରସାଦ ପରିଡ଼ା, ଲୋକନାଥ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳବାର ଭୁବନେଶ୍ୱରର ପ୍ରତାପନଗରୀ କ୍ଲବ ଓ ଚୌଦ୍ୱାରର ୱାଇଏଫ୍‌ସି ମଧ୍ୟରେ ଖେଳ ହେବ।

# ଟ୍ରିମ୍‌ସରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

କଟକ,୧୨।୧(କାର୍ତ୍ତିକ ସାହୁ)

ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଓ ଜାତୀୟ ଯୁବ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରି ବିକଶିତ ଭାରତ ନିର୍ମାଣରେ ଯୁବଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ରଥ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ପ୍ରଫେସର ସୁଶାନ୍ତ କୁମାର ଦାସ, 'ଡିନ୍' (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଡ. କୁମ୍ଭକର୍ଣ୍ଣ ରାଉତ, ଡା. ଦୁର୍ଗାପ୍ରସାଦ ମିଶ୍ର, ଜାତୀୟ ସେବା ଯୋଜନା ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର ପ୍ରମୁଖ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଏବଂ ଅଧିକାରୀଙ୍କ ସହ ଅନ୍ୟମାନେ।

# 'ତରୁଣ-ପ୍ରବୀଣ ସମ୍ପର୍କ ଦ୍ୱାରା ଅଧିକ ବିକଶିତ ହେବ ପ୍ରତିଭା'

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଯୁବ ସାରସ୍ୱତ ସମାରୋହ

କଟକ,୧୨।୧(କାର୍ତ୍ତିକ ସାହୁ)

ତରୁଣ ଓ ପ୍ରବୀଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଓ ସହଯୋଗ ଦ୍ୱାରା ପ୍ରତିଭା ଅଧିକ ବିକଶିତ ହେବ। ତରୁଣମାନେ ପ୍ରବୀଣଙ୍କୁ ଓ ପ୍ରବୀଣମାନେ ତରୁଣଙ୍କୁ ଆଦର କରିବା ଆବଶ୍ୟକ। ଯୁବ ଗବେଷକ ଓ ଯୁବ କଣ୍ଠଶିଳ୍ପୀଙ୍କୁ ଯୁବ ଦିବସ ଅବସରରେ ପୁରସ୍କୃତ କରି ଉଭୟ ସାହିତ୍ୟ କଳା ଓ ସଙ୍ଗୀତକଳାକୁ ସମ୍ମାନ ଦିଆଯାଉଛି ବୋଲି ଯୁବ ସାରସ୍ୱତ ସମାରୋହରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ଗୌରହରି ଦାସ ଅନେକ ପ୍ରତିଭାଧାରୀ ସେମାନଙ୍କ ଯୁବ ବୟସରେ ନିଜ ପ୍ରତିଭାର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି ବୋଲି କହିଥିଲେ। ଦେଶ ଗଠନରେ ଯୁବଶକ୍ତି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ସମ୍ମାନିତ ଅତିଥି ତଥା ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ କହିଥିଲେ। ଏହି ଅବସରରେ ଡ. ଚନ୍ଦ୍ରଶେଖର ହୋତାଙ୍କୁ 'ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର' ଓ ଡାକ୍ତର ଅନୁରାଧା ପାଣିଗ୍ରାହୀଙ୍କୁ 'କଳ୍ପନା ବଳ ଯୁବ କଣ୍ଠଶିଳ୍ପୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ପୃଷ୍ଠପୋଷକ ପଣ୍ଡିତ ଚୈତନ୍ୟ କୁମାର ସାହୁ ଏବଂ ଡ. ସୁନାମଣି ରାଉତ ଉପସ୍ଥିତ ଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ ଓ ରୀତା ରାୟ ମାନପାତ୍ର ପାଠ କରିଥିଲେ। ସ୍ୱାତୀ ଶ୍ୱେତା ରାଉତ ଭକ୍ତିଗୀତ ଗାଇଥିଲେ। ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଆଦିତ୍ୟ ପ୍ରତାପ ଧଳ, ଡ. ବୈଜୟନ୍ତୀମାଳା ଶତପଥୀ, ଡ. ରଘୁ ସାହୁ, ମୀରା ବେଉରା, ଅମିତାଭ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।



ଡ. ଚନ୍ଦ୍ରଶେଖର ହୋତାଙ୍କୁ 'ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର' ଓ ଡାକ୍ତର ଅନୁରାଧା ପାଣିଗ୍ରାହୀଙ୍କୁ 'କଳ୍ପନା ବଳ ଯୁବ କଣ୍ଠଶିଳ୍ପୀ ପୁରସ୍କାର' ପ୍ରଦାନ କରାଯାଉଛି।

# ଇଣ୍ଡିଆନ ଅଏଲ୍, ମାରୁତି ସୁଜୁକି ମଧ୍ୟରେ ଏମ୍ଓୟୁ

## ଇନ୍ଧନ ଷ୍ଟେଶନରେ ମିଳିବ ଯାନବାହନ ସେବା



ଭୁବନେଶ୍ୱର,୧୨।୧

ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ ଏବଂ ଯାତ୍ରୀବାହୀ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍ଏସ୍ଆଇଏଲ୍) ଗ୍ରାହକଙ୍କ ସୁବିଧା ବୃଦ୍ଧି କରିବା ପାଇଁ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ, ଦେଶର ବିଭିନ୍ନ ମନୋନୀତ ଇଣ୍ଡିଆନ ଅଏଲ ଇନ୍ଧନ ଷ୍ଟେଶନରେ ମାରୁତି ସୁଜୁକି ସେବା ସୁବିଧାକେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ସମନ୍ୱୟ ଦ୍ୱାରା ଗ୍ରାହକମାନେ ଇନ୍ଧନ ଭରୁଥିବା ଷ୍ଟେଶନରେ ହିଁ ମାରୁତି ସୁଜୁକି କାର୍ ପାଇଁ ନିର୍ଦ୍ଧାରିତ ସମୟସୀମା ରକ୍ଷଣାବେକ୍ଷଣ ଏବଂ ଛୋଟ ମରାମତି ଭଳି ସୁବିଧା ପାଇପାରିବେ। ଇଣ୍ଡିଆନ ଅଏଲ ଏହାର ବ୍ୟାପକ ରିଟେଲ ଉପସ୍ଥିତି ସହିତ ମାରୁତି ସୁଜୁକିର ୫,୭୮୦ରୁ ଅଧିକ ସର୍ଭିସ୍ ଟଚ୍ ପଏଣ୍ଟକୁ ଆହୁରି ସୁଦୃଢ଼ କରିବ। ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ମାର୍କେଟିଂ) ସୌମିତ୍ର ପି ଶ୍ରୀବାସ୍ତବ କହିଛନ୍ତି, ଇଣ୍ଡିଆନ ଅଏଲର ଭାରତରେ ୪୧,୦୦୦ ରୁ ଅଧିକ ଇନ୍ଧନ ଷ୍ଟେଶନ ରହିଛି। ମାରୁତି ସୁଜୁକିର ସହଭାଗିତାରେ ଶକ୍ତି ପ୍ରଦାନ ସହିତ ବିଶ୍ୱସ୍ତରୀୟ ଅଟୋମୋଟିଭ ରକ୍ଷଣାବେକ୍ଷଣକୁ ଏକୀକୃତ କରୁଥିବା ସେ କହିଛନ୍ତି। ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧିକାରୀ (ସେବା) ରାମ ସୁରେଶ ଆକେଲା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଆମ ଗ୍ରାହକମାନଙ୍କ ପାଇଁ କାର୍ ସେବାକୁ ଯଥା ସମ୍ଭବ ସହଜ ଏବଂ ସୁବିଧାଜନକ କରିବା। ଭାରତର ସବୁଠାରୁ ବିଶ୍ୱସ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ସହିତ ସହଭାଗିତା କରି ଗ୍ରାହକଙ୍କ ସେବାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ ଆଶା ରଖିଛନ୍ତି।

# ବଢ଼ିଲା ସୁନାରୁପା ଦର

ଭୁବନେଶ୍ୱର,୧୨।୧
(ଅନୁରାଧା ମହାରଣା)

ଉଭୟ ସୁନା ଓ ରୁପା ଦର ସୋମବାର ମହଙ୍ଗା ହୋଇଛି । ବର୍ଷ ଆରମ୍ଭରେ ସୁନା ଓ ରୁପା ଦର ସାମାନ୍ୟ ଖସିଥିଲା। ମାତ୍ର ସୋମବାର ୨୪ କ୍ୟାରେଟ ସୁନା ୧୦ଗ୍ରାମ୍ ପ୍ରତି ୧.୪୦ଲକ୍ଷ ଟଙ୍କା ଅତିକ୍ରମ କରିଛି । ସେହିପରି ରୁପା ଦର କିଲୋଗ୍ରାମ ପ୍ରତି ୧୨ହଜାର ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ୨୪ କ୍ୟାରେଟ ସୁନାର ଦାମ୍ ୧୦ଗ୍ରାମ୍ ପ୍ରତି ୧,୪୨, ୩୦୦ ରହିଛି । ଗତ ସପ୍ତାହ ଅପେକ୍ଷା ୨୪୩୭ ଟଙ୍କା ବୃଦ୍ଧି ହୋଇଛି। ୨୨ କ୍ୟାରେଟ ସୁନା ଦର ୧,୩୦,୪୫୦ ଟଙ୍କା ରହିଛି । ସେହିପରି ରୁପା ଦର କିଲୋଗ୍ରାମ୍ ପ୍ରତି ୨,୬୫,୧୩୩ ଟଙ୍କାରେ ପହଞ୍ଚିଛି। ବିବାହ ଋତୁ ଚାଲିଥିବାବେଳେ ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କୁ ଚିନ୍ତାରେ ପକାଇଛି।

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ରେକର୍ଡ

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ରେକର୍ଡ କରିଛି। ଡିସେମ୍ବର ପର୍ଯ୍ୟନ୍ତ ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୨୦୯.୯୭ ନିୟୁତ ଟନ୍ ମୋଟ ମାଲ୍ ପରିବହନ ହାସଲ କରିଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ପ୍ରଦର୍ଶନ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ୪% ଅଧିକ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ଟିଲାଇଜର ପରିବହନରେ ୪୦% ବୃଦ୍ଧି ଘଟିଥିବା ବେଳେ ଉତ୍ପାଦ ଇସ୍ପାତରେ ୩୧% ବୃଦ୍ଧି ଘଟିଛି। ସେହିଭଳି ଲୁହାପଥର ପରିବହନରେ ୨୦% ଓ ଖାଦ୍ୟ ଶସ୍ୟ ପରିବହନରେ ୧୬% ବୃଦ୍ଧି ରେକର୍ଡ କରାଯାଇଛି। ନୂତନ ରେଳ ଲାଇନର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହ ଦୋହରୀକରଣ ଏବଂ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା, ଯାହା ସମଗ୍ର ଅଞ୍ଚଳରେ ସଂଯୋଗକୁ ବୃଦ୍ଧି କରିଥିବାରୁ ପଣ୍ୟବହନ ସରଳ ହୋଇଛି। ଏହାସହ ବିସ୍ତାରିତ ରେଳ ଭିତ୍ତିଭୂମି ମାଧ୍ୟମରେ ଖଣିଜ ବେଲ୍ଟ ଏବଂ ବନ୍ଦର ସହିତ ଶିଳ୍ପଗୁଡିକୁ ସଂଯୋଗ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ହବ୍ ଭାବରେ ରେଳପଥର ସ୍ଥିତିକୁ ସୁଦୃଢ଼ କରାଯାଇଛି। ବିଭିନ୍ନ ସରକାରୀ ଏଜେନ୍ସି ଏବଂ ଶିଳ୍ପଗୁଡିକ ସହିତ ସାମଗ୍ରୀ ପରିବହନର ସମୟାନୁବର୍ତ୍ତୀ ଏବଂ ଦକ୍ଷତାର ସହିତ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନିରନ୍ତର ସହଯୋଗ ଏବଂ ଯୋଜନା ଏଥିରେ ସହାୟକ ହୋଇଛି।

# ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ବିବେକାନନ୍ଦ ଜୟନ୍ତୀ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ସୋମବାର ପବିତ୍ର ବିବେକାନନ୍ଦ ଜୟନ୍ତୀ ତଥା 'ଜାତୀୟ ଯୁବ ଦିବସ' ପାଳିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟ ଅତିଥି ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ ପ୍ରାରମ୍ଭିକ ଭାଷଣରେ ସମଗ୍ର ଭାରତ ଓ ବିଶ୍ୱମଙ୍ଗଳ ପାଇଁ ସ୍ୱାମୀ ବିବେକାନନ୍ଦଙ୍କର ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ । ତାଙ୍କ ମହାର୍ଘ ଜୀବନକୁ ଆଦର୍ଶ କରି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନଶୈଳୀ, ଦୃଢ ଆତ୍ମବିଶ୍ୱାସ, ମାନବୀୟ ମୂଲ୍ୟବୋଧ, କଠୋର ପରିଶ୍ରମ ଓ ମହତ୍ ଲକ୍ଷ୍ୟ ସହିତ ନିଜର ଜୀବନକୁ ସଫଳ ଓ ସାର୍ଥକ କରନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ତାଙ୍କ ଅଭିଭାଷଣରେ ବିବେକାନନ୍ଦଙ୍କ ଦର୍ଶନ, ଆଧ୍ୟାତ୍ମିକତା, ରାଷ୍ଟ୍ରବାଦ୍ ଏବଂ ଶିକ୍ଷାର ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଆଜିର ଯୁବପିଢି ନିଜ ଚରିତ୍ର ଗଠନ ସହ ସତ୍ୟତା, ପବିତ୍ରତା ଏବଂ ନିଃସ୍ୱାର୍ଥପରତାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ୍ । ବୈଷୟିକ ଜ୍ଞାନକୌଶଳ ସହ ଆଧ୍ୟାତ୍ମିକ ଚେତନାର ସମନ୍ୱୟ ରକ୍ଷା କରି ଏକବିଂଶ ଶତାବ୍ଦୀର ଆହ୍ୱାନକୁ ସାମ୍ନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଶେଷରେ ସମସ୍ତେ 'ବନ୍ଦେ ମାତରମ୍' ଗାନ କରିବା ସହିତ 'ସ୍ୱଦେଶୀ ସଂକଳ୍ପ' ପାଠ କରି ଆତ୍ମନିର୍ଭର ଭାରତ ଗଠନ ପାଇଁ ଶପଥ ନେଇଥିଲେ ।

# 'ଓଡ଼ିଶା ସ୍କିଲ୍‌ସ'ରେ ୬୩ ପଦକ ହାସଲ କଲା ସିଜିୟୁ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ଦକ୍ଷତା ପ୍ରତିଯୋଗିତା 'ଓଡ଼ିଶା ସ୍କିଲ୍ସ ୨୦୨୫-୨୬'ରେ ସିଭି ରମଣ ଗ୍ଲୋବାଲ୍ ୟୁନିଭରସିଟି(ସିଜିୟୁ)ର ଛାତ୍ରୀଛାତ୍ରମାନେ ୨୭ଟି ଦକ୍ଷତା ବିଭାଗରେ ଅଂଶଗ୍ରହଣ କରି ୬୩ଟି ପଦକ ହାସଲ କରି ଶୀର୍ଷସ୍ଥାନରେ ରହିଛନ୍ତି। ୨୩ଟି ସ୍ୱର୍ଣ୍ଣ, ୧୯ଟି ରୌପ୍ୟ ଏବଂ ୨୧ଟି କାଂସ୍ୟ ପଦକ ଜିତିବାରେ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ସିଜିୟୁର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ କହିଛନ୍ତି, ଭାରତ ସରକାରଙ୍କ ନ୍ୟାଶନାଲ ଏଜୁକେଶନ ପଲିସି ଅନୁସାରେ ବିଶ୍ୱବିଦ୍ୟାଳୟ ତା'ର ସମସ୍ତ କରିକୁଲମରେ ସ୍କିଲ୍‌କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଦକ୍ଷତା ବୃଦ୍ଧି ହେବା ସହ ଦେଶ ବିଦେଶରେ ନିଯୁକ୍ତି ପାଇବାରେ ସଫଳ ହେଉଛନ୍ତି। ସୂଚନା ଥାଉକି, ୱାର୍ଲ୍ଡ ସ୍କିଲ୍ ୨୦୧୯ରେ ସିଜିୟୁ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୱାର୍ଲ୍ଡ ସ୍କିଲ୍ ୨୦୨୨ରେ ରୌପ୍ୟ ପଦକ ଓ ମେଡାଲିୟନ୍ ଅଫ୍ ଏକ୍ସିଲେନ୍ସ ପଦକ ଜିତିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୪ରେ ମଧ୍ୟ ମେଡାଲିୟନ୍ ଏକ୍ସିଲେନ୍ସ ହାସଲ କରିଥିଲା। ୱାର୍ଲ୍ଡସ୍କିଲ୍ ୨୦୨୨ରେ ୯ଜଣ ଏବଂ ୨୦୨୪ରେ ୧୦ ଜଣ ଭାରତକୁ ପ୍ରତିନିଧିତ୍ୱ କରିଥିଲେ।

# ୪୦ କୋଟିରୁ ଅଧିକ ଭାରତୀୟ ବୀମା କରିନାହାନ୍ତି: ସିଙ୍ଘେଲ

ଭୁବନେଶ୍ୱର,୧୨।୧

ସରକାରୀ ଯୋଜନା ସତ୍ତ୍ୱେ ୪୦ କୋଟିରୁ ଅଧିକ ଭାରତୀୟ ବୀମାବିହୀନ ରହିଛନ୍ତି ଏବଂ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜ ପକେଟରୁ ଚିକିତ୍ସା ଖର୍ଚ୍ଚ କରି ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଉଛନ୍ତି । ଆମେ ୟୁନିଅନ ବଜେଟ ଆଡ଼କୁ ଅଗ୍ରସର ହେଉଥିବାବେଳେ, ଅଭିବୃଦ୍ଧି, ପୁଞ୍ଜି ଏବଂ ନିବେଶ ଉପରେ ଆଲୋଚନା ହେବା ସ୍ୱାଭାବିକ । ତେବେ ଏକ ସୁରକ୍ଷିତ ଏବଂ ଅଧିକ ଆତ୍ମବିଶ୍ୱାସୀ ଭାରତର ମୂଳଦୁଆ ଭାବରେ ବଜେଟ ପ୍ରାଥମିକତାରେ ଇନ୍‌ସ୍ୟୁରାନ୍ସ ରହିଛି। ଇନ୍‌ସ୍ୟୁରାନ୍ସକୁ ସାମାଜିକ ଭିତ୍ତିଭୂମି ଭାବରେ ସ୍ୱୀକାର କରିବା ଦ୍ୱାରା ଆମେ ଏକ ଅଧିକ ସୁଦୃଢ଼ ରାଷ୍ଟ୍ର ଗଠନ କରିପାରିବା ବୋଲି ବଜାଜ ଜେନେରାଲ ଇନ୍‌ସ୍ୟୁରାନ୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଏବଂ ଜେନେରାଲ ଇନ୍‌ସ୍ୟୁରାନ୍ସ କାଉନସିଲ୍‌ର ଚେୟାରମ୍ୟାନ ଡ. ତପନ ସିଙ୍ଘେଲ କହିଛନ୍ତି। ସେ କହିଛନ୍ତି, ପୂର୍ଣ୍ଣକାଳୀନ, ଚୁକ୍ତିଭିତ୍ତିକ ଏବଂ ଗିଗ୍ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରୁଥିବା ଏକ ପର୍ଯ୍ୟାୟକ୍ରମେ, ବାଧ୍ୟତାମୂଳକ ଏମ୍ପ୍ଲୟର-ଏମ୍ପ୍ଲୟୀ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଫ୍ରେମୱାର୍କ ଏହି ବ୍ୟବଧାନକୁ ପୂରଣ କରିବା ହେଲ୍‌ଥ କଭର ପାଇଁ ଟ୍ୟାକ୍ସ ଇନସେନଟିଭ ଏବଂ ସିଏସଆର୍ ସ୍ୱୀକୃତି ଏହାର ବ୍ୟାପକ ଗ୍ରହଣକୁ ଉତ୍ସାହିତ କରିପାରିବ ।

# କେୟାର ହସ୍ପିଟାଲ୍ସରେ ବିରଳ ହୃଦ୍‌ରୋଗ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

କେୟାର ହସ୍ପିଟାଲ୍ସ ଭୁବନେଶ୍ୱରରେ ଏକ ବିରଳ ଏବଂ ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ସଫଳ ହୋଇଛି। ଡା. ଶୁଭକାନ୍ତ ବିଶ୍ୱାଳ, ବରିଷ୍ଠ ପରାମର୍ଶଦାତା- କାର୍ଡିଓଥୋରାସିକ ଏବଂ ଭାସ୍କୁଲାର୍ ସର୍ଜରିଙ୍କ ନେତୃତ୍ୱରେ ଏକ ଅଭିଜ୍ଞ କାର୍ଡିଓଥୋରାସିକ ସର୍ଜରି ଦଳ ଦ୍ୱାରା ଏହି ଅସ୍ତ୍ରୋପଚାର କରାଯାଇଥିଲା, ଯେଉଁଥିରେ ଡାକ୍ତର ସୋମେନ, ପରାମର୍ଶଦାତା - ସିଟିଭିଏସ୍ ଏବଂ ଦକ୍ଷ ସିଟିଭିଏସ୍ ନର୍ସିଂ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ ସହାୟତା କରିଥିଲେ। ଏହି ପ୍ରକ୍ରିୟା ପାଇଁ ବହୁବିଧ କ୍ଲିନିକାଲ ଦଳ ମଧ୍ୟରେ ସୂକ୍ଷ୍ମ ଯୋଜନା ଏବଂ ସମନ୍ୱୟ ଆବଶ୍ୟକ ଥିଲା। ସମଗ୍ର ଅସ୍ତ୍ରୋପଚାରକୁ ଡା. ମନୋରଞ୍ଜନ ପାଢ଼ୀ ଏବଂ ଡାକ୍ତର ଧର୍ମଜୀବନଙ୍କ ନେତୃତ୍ୱରେ କାର୍ଡିଆକ ଆନାସ୍ଥେସିଆ ଦଳ ଦ୍ୱାରା ଦକ୍ଷତାର ସହିତ ପରିଚାଳିତ କରାଯାଇଥିଲା, ଯାହାଙ୍କ ବିଶେଷଜ୍ଞତା ପ୍ରକ୍ରିୟା ସାରା ରୋଗୀଙ୍କ ସ୍ଥିରତା ଏବଂ ସୁରକ୍ଷା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଅସ୍ତ୍ରୋପଚାର ପରେ ରୋଗୀ ସ୍ଥିର ସୁସ୍ଥତା ଦେଖାଇଲେ ଏବଂ ଷଷ୍ଠ ଅସ୍ତ୍ରୋପଚାର ପରେ ସ୍ଥିର ଅବସ୍ଥାରେ ତାଙ୍କୁ ଡିସଚାର୍ଜ କରାଯାଇଥିଲା। ଏହି ଅବସରରେ ଡାକ୍ତରୀ ଦଳ ଆଲୋକପାତ କରିଥିଲେ ଯେ, ଏପରି ଜଟିଳ ପ୍ରକ୍ରିୟାଗୁଡ଼ିକ ପାଇଁ କେବଳ ଉନ୍ନତ ଭିତ୍ତିଭୂମି ନୁହେଁ ବରଂ ଦୃଢ଼ ଦଳଗତ କାର୍ଯ୍ୟ ଏବଂ କ୍ଲିନିକାଲ ବିଶେଷଜ୍ଞତା ମଧ୍ୟ ଆବଶ୍ୟକ।

## ଅପରାଧ

# ଗ୍ୟାଙ୍ଗ୍‌ର ଆଉ ୩ ଗିରଫ

## ଭୁବନେଶ୍ୱରରେ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ଘଟଣା

- କେରଳ, ବିହାରକୁ ଯିବ କମିଶନରେଟ୍ ପୋଲିସ
- ଜବତ ସାମଗ୍ରୀକୁ ଫୋରେନ୍‌ସିକ୍ ଲାବ୍‌କୁ ପଠାଗଲା

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)



ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କାପାଣି ରୋଡ୍‌ର ପ୍ଲଟ ନଂ.୨୧୭୧/୧୬ସ୍ଥିତ ଘରେ ଆନ୍ତଃରାଜ୍ୟ ସାଇବର ଠକଙ୍କ କଲ୍ ସେଣ୍ଟର ଠାବ ହେବା ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି। ସାଇବର ଠକ ଗ୍ୟାଙ୍ଗ୍‌ର ୧୨ଜଣ ରବିବାର ଗିରଫ ହୋଇ ଜେଲ ଯାଇଥିବାବେଳେ ଆଉ ୩ ଜଣ ସୋମବାର ବଡ଼ଗଡ଼ ଅଞ୍ଚଳରୁ ଧରାପଡ଼ିଛନ୍ତି। ସେମାନେ ହେଲେ ବିହାର ନାଳନ୍ଦା ଜିଲା କଟ୍ରିସରାଇ ଅଞ୍ଚଳର ଚନ୍ଦନ କୁମାର(୪୦), ପଙ୍କଜ କୁମାର(୩୮) ଓ ରିଶି କୁମାର(୨୭)। ୩ଟି ମୋବାଇଲ ଓ ଗୋଟିଏ କାର୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ସାଇବର ଠକଙ୍କ ପାଖରୁ ଜବତ ହୋଇଥିବା ୩୦ଟି କି'ପ୍ୟାଡ୍ ମୋବାଇଲ, ୩୦ଟି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍, ୨ଟି ଲାପ୍‌ଟପ୍, ୬ଟି ସିମ୍‌କାର୍ଡ ଆଦିକୁ ଯାଞ୍ଚ ପାଇଁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ମଧ୍ୟ ପଠାଯାଇଛି।

ଗିରଫ ୩ ଅଭିଯୁକ୍ତ ବିଶେଷ କରି ଫେକ୍ ସିମ୍‌କାର୍ଡ ଓ ମ୍ୟୁଲ୍ ଆକାଉଣ୍ଟ ସଂଗ୍ରହ କରିବା, ସ୍ପିଡ୍ ପୋଷ୍ଟ ଜରିଆରେ ଲୋକମାନଙ୍କୁ ଲେଟର ପଠାଇବା ଏବଂ ମ୍ୟୁଲ୍ ଆକାଉଣ୍ଟରୁ ଟଙ୍କା ଉଠାଣ କରିବା କାମ କରୁଥିଲେ। ତେବେ ଏହି ଠକେଇ ଗ୍ୟାଙ୍ଗ୍‌ର ଅନ୍ୟ ସହଯୋଗୀ ଓ ଏଜେଣ୍ଟମାନେ ବିହାର ଓ କେରଳରେ ଥିବାବେଳେ ସେମାନଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଅଭିଯୁକ୍ତମାନଙ୍କ ପ୍ରକୃତ ପରିଚୟ, ଶିକ୍ଷାଗତ ଯୋଗ୍ୟତା ସମେତ ଅପରାଧ ପୃଷ୍ଠଭୂମି ବିଷୟରେ ଜାଣିବା ଏବଂ ଗ୍ୟାଙ୍ଗ୍‌ର ଲିଙ୍କ୍‌ରେ ଥିବା ସହଯୋଗୀଙ୍କୁ ଧରିବାକୁ କମିଶନରେଟ୍ ପୋଲିସ ଯୋଜନା କରିଛି। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ଏହି ଗ୍ୟାଙ୍ଗ୍‌ର ବିହାର କଟରିସରାଇରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟକୁ ଯୋଗାଡ଼ କରିଥିଲେ। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ। ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଅଧିକ ହାସଲ ପାଇଁ ସେମାନଙ୍କ ବିହାର ଓ କେରଳସ୍ଥିତ ଜିଲାର ଏସ୍‌ପିଙ୍କୁ ଚିଠି ଲେଖାଯିବ। କମିଶନରେଟ ପୋଲିସ ଟିମ୍ ଉକ୍ତ ଜିଲାଗୁଡ଼ିକୁ ଯାଇ ଏହି ଗ୍ୟାଙ୍ଗ୍‌ର ଚେନ୍‌ରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବ ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଦେବାଶିଷ ତ୍ରିପାଠୀଙ୍କ ଘରେ ଏହି କଲ୍ ସେଣ୍ଟର ଚାଲିଥିଲା। ଦେବାଶିଷଙ୍କ ସହ ଅର୍ଜୁନ ଓ ପଙ୍କଜ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଥିଲେ। ସାଇବର ଠକମାନେ ଗିଫ୍ଟ ଭାଉଚର, କେରଳ ଲଟେରି, ଲୋନ୍ ଦେବାକୁ କହି ଠକୁଥିଲେ। ଦେବାଶିଷ ଜଣେ ଗ୍ରାଫିକ୍ସ ଡିଜାଇନର ହୋଇଥିବବେଳେ ସେ ସ୍କ୍ରାଚ୍ କାର୍ଡ, ଗିଫ୍ଟ ଭାଉଚର, ଲକି କୁପନ, ଅଫର ଲେଟର ଓ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେବା ପାଇଁ ଇମେଜ୍ ବନାଇ ହେଲ୍ପଲାଇନ୍ ନମ୍ବର ରଖି ଜାଲ ବିଛାଉଥିଲେ। ଏଜେଣ୍ଟଙ୍କ ଦ୍ୱାରା ସ୍ପିଡ୍ ପୋଷ୍ଟ ଜରିଆରେ କୁପନ, ସ୍କ୍ରାଚ୍ କାର୍ଡ, ଲକି ଡ୍ର' କୁପନ ଆଦି ପଠାଇ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜିତିବାର ପ୍ରଲୋଭନ ଦେଖାଉଥିଲେ। ଗ୍ରାହକମାନେ ପୁରସ୍କାର ପାଇବା ପାଇଁ ହେଲ୍ପଲାଇନ୍ ନମ୍ବରକୁ କଲ୍ କଲେ ଠକମାନେ ବିଭିନ୍ନ ଫିସ୍ ଦେବାକୁ କହି ଟଙ୍କା ନେଇ ଆସୁଥିଲେ। ସେହିପରି ବିଭିନ୍ନ ଲୋନ୍ ଦେବାକୁ ଫେସ୍‌ବୁକ୍‌ରେ ବିଜ୍ଞାପନ ଦେଉଥିଲେ। ଅଭିଯୁକ୍ତମାନେ କେରଳ ଲଟେରି ନାଁରେ ଫେସବୁକ୍‌ରେ ବିଜ୍ଞାପନ ଦେଇ ମଧ୍ୟ ଠକୁଥିଲେ।

# ବ୍ୟବସାୟୀଙ୍କଠାରୁ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ରୁପା ଅଳଙ୍କାର

କବିସୂର୍ଯ୍ୟନଗର,୧୨।୧
(କୃପାସିନ୍ଧୁ ସ୍ୱାଇଁ)

## ମାଉଜର ଦେଖାଇ ଲୁଟ୍



ଲୁଟ୍ ର ଶିକାର ହୋଇଥିବା ବ୍ୟବସାୟୀ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କଠାରୁ ସୋମବାର ବଡ଼ ଧରଣର ଲୁଟ୍ ହୋଇଛି। ତାଙ୍କଠାରୁ ୨୫ ଲକ୍ଷଟଙ୍କାର ରୁପା ଅଳଙ୍କାର ଦୁର୍ବୃତ୍ତମାନେ ମାଉଜର ଦେଖାଇ ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ଖବରରୁ ଜଣାପଡିଛି, ପୁରୁଷୋତ୍ତମପୁରର ବ୍ୟବସାୟୀ ବେଲା ସେନାପତି ସବୁଦିନ ପରି ସୋମବାର ବାଇକ୍‌ରେ ଏକ ଟିଣ ବାକ୍ସରେ ୧୫ କେଜିର ବିଭିନ୍ନ ପ୍ରକାର ରୁପା ଅଳଙ୍କାର ଧରି ମୋହନାପଲ୍ଲୀ ଗ୍ରାମକୁ ବ୍ୟବସାୟ ପାଇଁ ଯାଉଥିଲେ। ତାଙ୍କୁ ପିଛା କରୁଥିବା ତିନିଜଣ ଯୁବକ ଗୁଡିଆଳି ରାସ୍ତାର ପୋଖରୀ ନିକଟରେ ତାଙ୍କ ବାଇକ୍ ଅଟକାଇ ଥିଲେ। ପରେ ସେମାନେ ମାଉଜର ଦେଖାଇ ବେଲାଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର, ସେ ପିନ୍ଧିଥିବା ୨ଟି ସୁନାମୁଦି ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହାର ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ବେଲା ଏନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ନଂ. ୧୭/୨୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବାଯାଏ ସେମାନଙ୍କ କୌଣସି ପତ୍ତା ମିଳିନାହିଁ।

# ଅଣଛାତ୍ରଙ୍କ ଆକ୍ରମଣରେ ୨ ଛାତ୍ର ଗୁରୁତର

## ନାରାୟଣୀ ଉଚ୍ଚ ବିଦ୍ୟାଳୟ

ଗୋପାଳପୁର,୧୨।୧(ନବୀନରାଜ୍ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନସ୍ଥ ଫୁଲଟା ଗ୍ରାମସ୍ଥିତ ମା'ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଅଣଛାତ୍ରମାନେ ପଶି ୨ ଜଣ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ। ମା' ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟ ୧ଟା ୩୦ରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲା। ଏହି ସମୟରେ ୪ଜଣ ଅଣଛାତ୍ର ଲୁହାରଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସ୍କୁଲ ପାଚେରି ଡେଇଁ ଭିତରକୁ ପଶିଥିଲେ। ସେମାନେ ଛାତ୍ର ଓମ୍‌ଙ୍କୁ ଲୁହାରଡରେ ଆକ୍ରମଣ କରିବା ସହ ସେଠାରେ ଖେଳୁଥିବା ଛାତ୍ର ରାମକୃଷ୍ଣଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାଦେଖି ଶିକ୍ଷକ ଓ ଅନ୍ୟମାନେ ଉଭୟଙ୍କୁ ରକ୍ଷା କରିଥିଲେ ମଧ୍ୟ ସେମାନେ ସାମାନ୍ୟ ଆହତ ହୋଇଥିଲେ। ଓମ୍ ଅଚେତ ହୋଇପଡ଼ିଥିଲେ ଏବଂ ରାମକୃଷ୍ଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ୨ ଶିକ୍ଷକ ଛାତ୍ରଦ୍ୱୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। ଖବର ପାଇ ସନ୍ଧ୍ୟାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏସ୍. ଧନଞ୍ଜୟ ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ମେଡିକାଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଖବରଲେଖା ହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏନେଇ ଥାନାରେ ଅଭିଯୋଗ ହେବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ଅଣଛାତ୍ରମାନଙ୍କ ଏଭଳି ଆତଙ୍କରାଜ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ବିଦ୍ୟାଳୟରେ ପଶି ଛାତ୍ରଙ୍କୁ ଆକ୍ରମଣ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କୋର୍ଟରେ ହାଜର ହେଲେ ପ୍ରଦୀପ ପାଣିଗ୍ରାହୀ

## ଟାଟା କମ୍ପାନୀରେ ଚାକିରି ଠକେଇ ମାମଲା

ଭୁବନେଶ୍ୱର,୧୨।୧(ସତ୍ୟଜିତ ରାଉତ)

ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଏକାଧିକ ଯୁବକଙ୍କୁ ଠକେଇ କରିବା ମାମଲାରେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ସୋମବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୧ କୋର୍ଟରେ ହାଜର ହୋଇଛନ୍ତି। ସେହିପରି ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକ ମଧ୍ୟ ହାଜର ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଏବେ ଶୁଣାଣିପ୍ରକ୍ରିୟା ଜାରିରହିଛି। ପୂର୍ବରୁ ଏହି ମାମଲାରେ ଥିବା ସାକ୍ଷୀମାନଙ୍କ ବୟାନ ରେକର୍ଡ ହୋଇସାରିଥିବା ବେଳେ ଏବେ ଅଭିଯୋଗକାରୀଙ୍କୁ ଜେରା ପ୍ରକ୍ରିୟା ଚାଲୁ ରହିଛି। ଏହି ମାମଲାରେ ଆକାଶ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ପ୍ରଦୀପ ସହ ଅଭିଯୁକ୍ତ ରହିଛନ୍ତି।

# ଚୋରି ମାମଲାରେ ଟୁଙ୍ଗୁରୁ ଭୋଳ ଗିରଫ

## ଷ୍ଟୋର ରୁମ୍‌ରେ ପଶି କଳାକନା ବୁଲାଇଥିଲେ

**ଭୁବନେଶ୍ୱର,୧୨।୧(ତ୍ରିନାଥ ମହାନ୍ତି):** ସୋସିଆଲ ମିଡିଆରେ ରାତାରାତି ଭାଇରାଲ ହୋଇଥିବା ଟୁଙ୍ଗୁରୁ ଭୋଳଙ୍କୁ ଏକ ଚୋରି ମାମଲାରେ ତମାଣ୍ଡୋ ପୋଲିସ ଗିରଫ କରିଛି। ରାଜମିସ୍ତ୍ରି ସୁଧାକର ବେହେରାଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଅଟୋକୁ ଚିହ୍ନଟ କରିବା ପରେ ଟୁଙ୍ଗୁରୁ ଓରଫ ଆଲୋକ ଭୋଳଙ୍କୁ ଗିରଫ କରିଛି। ଟୁଙ୍ଗୁରୁଙ୍କ ଘର ଗଞ୍ଜାମ ଜିଲା ହିଞ୍ଜିଳିରେ ହୋଇଥିବାବେଳେ ସେ କଳିଙ୍ଗ ନଗର କେ-୩ରେ ରହୁଛନ୍ତି।



ସୂଚନାଯୋଗ୍ୟ ଯେ, ସୁଧାକର ବୃତ୍ତିରେ ଜଣେ ରାଜମିସ୍ତ୍ରି ହୋଇଥିବାବେଳେ ସେ ତମାଣ୍ଡୋ ଥାନା ଅନ୍ତର୍ଗତ କୁବେର ସାହିରେ ଥିବା ଏକ ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ସେଠାରେ ଥିବା ଏକ ଷ୍ଟୋର୍ ରୁମ୍‌ରେ ସେ ନିଜର ଯନ୍ତ୍ରପାତି ରଖିଥିଲେ। ଗତ ୧୦ ତାରିଖ ମଧ୍ୟାହ୍ନ ପ୍ରାୟ ଗୋଟାଏରୁ ଦୁଇଟା ମଧ୍ୟରେ ଅଭିଯୁକ୍ତ ଟୁଙ୍ଗୁରୁ ଏକ ଅଟୋ ଯୋଗେ ଉକ୍ତ ଷ୍ଟୋର ରୁମ୍ ନିକଟରେ ପହଞ୍ଚିବା ସହ ସୁଧାକରଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଭିତରେ ଥିବା ସିଲିଣ୍ଡର, ଏକ ଡ୍ରିଲ୍ ମେସିନ ଏବଂ ରସ ପାତ୍ର ଚୋରି କରି ନେଇଯାଇଥିଲେ। କାମରୁ ଫେରିବା ପରେ ସୁଧାକର ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ସେ ଏନେଇ ତମାଣ୍ଡୋ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାରେ ଟୁଙ୍ଗୁରୁ ଚୋରିରେ ସମ୍ପୃକ୍ତ ଥିବା ଜାଣିବାକୁ ମିଳିଥିଲା। ଟୁଙ୍ଗୁରୁଙ୍କୁ ଧରିବା ପରେ ପୋଲିସ ତାଙ୍କ ନିକଟରୁ ଚୋରି ଜିନିଷ ଜବତ କରିଥିଲା। ଟୁଙ୍ଗୁରୁଙ୍କ ନାମରେ ପୂର୍ବରୁ ମଧ୍ୟ ଭରତପୁର, ନନ୍ଦନକାନନ ଓ ତମାଣ୍ଡୋ ଥାନାରେ ଆପରାଧିକ ମାମଲା ରହିଛି।

# ଲୁଟେରା ଶଙ୍କର, କୁନାଲ୍ ଗିରଫ

## ଫ୍ଲାୱାର ଶୋ' ଦେଖିବାକୁ ଆସୁଥିବା ମହିଳାଙ୍କଠାରୁ ଲୁଟୁଥିଲେ

**ଭୁବନେଶ୍ୱର,୧୨।୧(ତ୍ରିନାଥ ମହାନ୍ତି):** କୁଖ୍ୟାତ ଲୁଟେରା ଏସ୍. ଶଙ୍କର ରେଡ୍ଡୀ ଏବଂ ତାଙ୍କ ସହଯୋଗୀ କୁନାଲ ବେହେରାଙ୍କୁ ନୂଆପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଫ୍ଲାୱାର ଶୋ' ଦେଖିବାକୁ ଆସୁଥିବା ମହିଳାମାନଙ୍କୁ ଶଙ୍କର ଏବଂ କୁନାଲ ଲୁଟୁଥିଲେ। ଉଭୟଙ୍କ ନିକଟରୁ ଚୋରି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଶଙ୍କର ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ୭ରୁ ଅଧିକ ମାମଲା ରହିଛି। ଅଭିଯୋଗକାରିଣୀ ବିଶାଖା ନାହାକଙ୍କ ଲିଖିତ ରିପୋର୍ଟ ଆଧାରରେ, ନୟାପଲ୍ଲୀ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ସାଦା ପୋଷାକରେ ଫ୍ଲାୱାର ଶୋ' ନିକଟରେ ଜଗି ରହିଥିଲା। ଶଙ୍କର ଏବଂ କୁନାଲ୍ ଚୋରି କରିବା ସମୟରେ ଉଭୟଙ୍କୁ ପୋଲିସ ମାଡ଼ି ବସିଥିଲା। ସୂଚନାଯୋଗ୍ୟ ଯେ, ବିଶାଖା ସୈନିକ ସ୍କୁଲ ନିକଟସ୍ଥ ଦଶରାଜ ସାହିରେ ରୁହନ୍ତି। ରବିବାର ସକାଳେ ସେ ଏକାମ୍ର ପାର୍କ ଗେଟ୍ ନିକଟରେ ଛିଡ଼ା ହୋଇ ସମ୍ପର୍କୀୟଙ୍କ ସହ ଫୋନ୍ ଯୋଗେ କଥା ହେଉଥିବାବେଳେ ଦୁଇ ଅଭିଯୁକ୍ତ କୌଶଳ କରି ତାଙ୍କ ହାତରୁ ମୋବାଇଲ ଫୋନ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ।




ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବ୍ରହ୍ମପୁରଠାରେ ନୂତନ ଇ-ବସ୍ ଚଳାଚଳ ଶୁଭାରମ୍ଭ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୃଥ୍ୱୀରାଜ ହରିଚନ୍ଦନ, ସୂର୍ଯ୍ୟବଂଶୀ ସୂରଜ, ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ବାବୁ ସିଂ, ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଏସ୍ଆର୍‌ଟିସି ସିଏମ୍‌ଡି ଏନ୍‌ବିଏସ୍ ରାଜପୁତ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର।

# ସ୍ମାର୍ଟ ମିଟର କାହା ସ୍ୱାର୍ଥରେ: ଉପଭୋକ୍ତା ସଂଘ

## ୬୦ଲକ୍ଷ ଉପଭୋକ୍ତାଙ୍କ ପାଖରେ ଆଣ୍ଡ୍ରଏଡ୍ ଫୋନ୍ ନାହିଁ

ଭୁବନେଶ୍ୱର,୧୨।୧ (ରବିନାରାୟଣ ଜେନା)

ରାଜ୍ୟରେ ୬୦ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ନିକଟରେ ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍ ନାହିଁ। ଏହାସହିତ ଇଣ୍ଟରନେଟ ଲିଙ୍କ କୁ ନେଇ ଫୋନ ସୁବିଧା ନାହିଁ। ଏହି ପରିପ୍ରେକ୍ଷୀରେ ଟାଟା ପାୱାର ପକ୍ଷରୁ ସ୍ମାର୍ଟ ମିଟର ବ୍ୟବସ୍ଥା କାହା ସ୍ୱାର୍ଥରେ ବୋଲି ଉପଭୋକ୍ତା ମହାସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ସଂଘ ପକ୍ଷରୁ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ରମେଶଚନ୍ଦ୍ର ଶତପଥୀ ଏବଂ ପ୍ରସନ୍ନ ବିଶେଷ କହିଛନ୍ତି, ୬୦ଲକ୍ଷ ଉପଭୋକ୍ତାଙ୍କର ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍ ନ ଥିବାରୁ ସେମାନେ ସ୍ମାର୍ଟ ମିଟରର ଠିକ୍ ବ୍ୟବହାର ଓ ପରିଚାଳନା କରିପାରିବେ ନାହିଁ। ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ତୁରନ୍ତ ଧାରା-୫୫ ଉପଧାରା ୧ ଅନୁଯାୟୀ ବିତରଣ କମ୍ପାନୀ ଓ ସରକାରଙ୍କୁ ନିୟମର କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଅନ୍ତୁ। ସରକାର ଯଦି ପ୍ରିପେଡ୍ ମିଟର ବସେଇବା ପାଇଁ ଏତେ ବ୍ୟସ୍ତ ତା'ହେଲେ ଆଇନ ଅନୁଯାୟୀ ବିଦ୍ୟୁତ୍ ଗ୍ରାହକଙ୍କୁ ମିଟର କିମ୍ବା ଅର୍ଥ ସିଧାସଳଖ ଆକାଉଣ୍ଟକୁ ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ: ନାବାଳକଙ୍କ ଆଖି ନଷ୍ଟ

ଟିଟିଲାଗଡ଼,୧୨।୧(ସନ୍ତୋଷ ପଟ୍ଟନାୟକ)

କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଖେଳଣା ବିସ୍ଫୋରଣ ହେବାରୁ ଜଣେ ନାବାଳକଙ୍କ ଆଖି ନଷ୍ଟ ହୋଇଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଧୀନ ଶଗଡ଼ଘାଟ ଗ୍ରାମରେ। ବରଗଡ଼ ଓ ସମ୍ବଲପୁର ଜିଲାରେ ଏକ କମ୍ପାନୀ ପକ୍ଷରୁ କୁର୍‌କୁରେ ତିଆରି କରାଯାଇ ପିଲାଙ୍କୁ ଆକର୍ଷିତ କରିବା ପାଇଁ ପ୍ୟାକେଟ୍‌ରେ ଛୋଟ ଖେଳଣା ଦିଆଯାଉଛି। ଏହାର ଦାମ୍ ୫ ଟଙ୍କା ରହିଛି। ଏହି କ୍ରମରେ ଶଗଡ଼ଘାଟ ଗ୍ରାମର ଏକ ଦୋକାନରେ ଉକ୍ତ କୁର୍‌କୁରେ ପ୍ୟାକେଟ୍ ବିକ୍ରି ହେଉଛି। ରବିବାର ସନ୍ଧ୍ୟାରେ ଶଗଡ଼ଘାଟ ଗ୍ରାମର ଲବ ହରପାଲଙ୍କ ପୁଅ ଅଙ୍କେଶ ହରପାଲ(୮) ଉକ୍ତ ଦୋକାନକୁ ଯାଇ ଏହି କୁର୍‌କୁରେ ପ୍ୟାକେଟ୍ କିଣିଆଣି ଘରେ ଖାଇବା ସହ ସେଥିରେ ଥିବା ଖେଳଣାକୁ ନିଆଁରେ ପକାଇ ଦେଇଥିଲେ। ହେଲେ ଖେଳଣାଟି ହଠାତ୍ ବିସ୍ଫୋରଣ ଘଟିବାରୁ ଅଙ୍କେଶଙ୍କ ଆଖିରେ ବାଜି ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବାବେଳେ ତାଙ୍କ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଡାକ୍ତର କହିଛନ୍ତି। ଏନେଇ ଅଙ୍କେଶଙ୍କ ମା', ବାପା ସୋମବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ କୁର୍‌କୁରେ କମ୍ପାନୀ ବନ୍ଦ କରିବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ସଡ଼କ ସୁରକ୍ଷାରେ...

ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା କରାଯାଇଛି। କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଉଦ୍‌ଘାଟନ କରିଛନ୍ତି। ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ଏଣିକି ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହାର ସଫଳତାକୁ ଦେଖି ଅନ୍ୟାନ୍ୟ ଘାଟି ରାସ୍ତାରେ ତାହା ଆରମ୍ଭ କରାଯିବ। କଟକ, ଭୁବନେଶ୍ୱରକୁ ସ୍ମିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଥିଲା। ଆଇଆଇଟିର ରିପୋର୍ଟ ପରେ ଏହି ଆଧାରରେ ଦୁଇ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଂ ଷ୍ଟେସନର ମଧ୍ୟ ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେସନର ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଆଉ ୮୫ଟି ଚାର୍ଜିଂ ଷ୍ଟେସନ ନିର୍ମାଣାଧୀନ ରହିଛି। ଏଗୁଡ଼ିକ ଖୁବ୍ ଶୀଘ୍ର ଲୋକାର୍ପିତ ହେବ। ଆଗାମୀ ଦିନରେ ଆହୁରି ଅଧିକ ଚାର୍ଜିଂ ଷ୍ଟେସନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୧୪ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ୧୫୬.୫୩କୋଟିଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ୧୦ ଜିଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ସବୁ ଜିଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକାରେ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ। ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି। ନିଗମର ପୁରୁଣା ବସ୍ ବଦଳରେ ଏହିସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ୍ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚାଳିତ ବସ୍‌ଗୁଡ଼ିକ ପାଇଁ ସ୍ମାର୍ଟ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଡ ବ୍ୟବହାର କରି ଯାତ୍ରୀମାନେ କ୍ୟାସଲେସ୍ ଟିକେଟ୍ କାଟି ସୁବିଧାରେ ଯାତ୍ରା କରିପାରିବେ।

ଏହି ଅବସରରେ ବ୍ରହ୍ମପୁରଠାରେ କ୍ରୁଟ ପକ୍ଷରୁ ନିର୍ମିତ ହୋଇଥିବା ଏକ ଅତ୍ୟାଧୁନିକ ବସ୍ ଡିପୋରୁ ୫୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମସ୍ତଙ୍କୁ ସୁରକ୍ଷିତ ଯାନ ଚାଳନା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଡ୍ରାଇଭ୍ ସେଫ୍, କମ୍ ହୋମ୍ ସେଫ୍। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ ଜଣ ମହିଳା ଗାଡ଼ି ଚାଳକଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଏସ୍ଆର୍‌ଟିସି ସିଏମ୍‌ଡି ଏନ୍‌ବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଭାରତ-ଆମେରିକା...

ଦଣ୍ଡାତ୍ମକ ଶୁଳ୍କ ଲାଗୁ କରିବାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଏଥିସହିତ ନିକଟ ଅତୀତରେ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ଭାରତ-ଆମେରିକା ସମ୍ପର୍କ ତିକ୍ତ ହୋଇଛି। ଦୁଇ ଦେଶର ସମ୍ପର୍କ କେବଳ ମିଳିତ ସ୍ୱାର୍ଥରେ ସୀମିତ ନୁହେଁ ବରଂ ସର୍ବୋଚ୍ଚ ସ୍ତରରେ। ପ୍ରକୃତ ବନ୍ଧୁତ୍ୱରେ ମତଭେଦ ଥାଇପାରେ କିନ୍ତୁ ଶେଷରେ ସବୁବେଳେ ତାହାର ସମାଧାନ ହୋଇଥାଏ ବୋଲି ଗୋର୍ କହିଛନ୍ତି। ୱାଶିଂଟନ ଖୁବ୍‌ଶୀଘ୍ର ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଚାହୁଁ ନ ଥିବା ଏହାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ କହିଥିବାବେଳେ ଚୁକ୍ତି ସ୍ୱାକ୍ଷର ନେଇ ସକ୍ରିୟତାର ସହ କାର୍ଯ୍ୟ ଚାଲିଥିବା ଗୋର୍ କହିଛନ୍ତି। ୨ ଦେଶର ସମ୍ପର୍କ ପାଇଁ ବାଣିଜ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସୁରକ୍ଷା, ଆତଙ୍କବାଦୀ ନିରୋଧୀ ଅଭିଯାନ, ଶକ୍ତି, ପ୍ରଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ, ଆମେରିକା ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଗୋର୍ କହିଛନ୍ତି।

## ଲେଉଟିଲା ଶୀତ...

ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ୬.୬ ଡିଗ୍ରୀ, ଫୁଲବାଣୀ ୬.୮, ଝାରସୁଗୁଡ଼ା ୭, ଦାରିଙ୍ଗବାଡ଼ି ୭, କିରେଇ ୮.୮, ସୁନ୍ଦରଗଡ଼ ୯, ନବରଙ୍ଗପୁର ୯, ଅନୁଗୋଳ ୯.୬ ଏବଂ ବୌଦ୍ଧରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ରାଉରକେଲାକୁ ଉଡ଼ିବ...

ଶାହା ବିମାନ ଯୋଗେ ରାଉରକେଲାରେ ପହଞ୍ଚିବା ପରେ ପ୍ରଥମେ ଜେପି ହସ୍ପିଟାଲ ଯାଇ ସେଠାରେ ଆହତ ପାଇଲଟ, ସହଯୋଗୀ ଏବଂ ଯାତ୍ରୀମାନଙ୍କୁ ଭେଟିଥିଲେ। ପରେ ସେ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ଏହି ଅବସରରେ ଶାହା କହିଥିଲେ, ଉଡ଼ାନ୍ ସ୍କିମରେ ଏହି ଏୟାରକ୍ରାଫ୍ଟ ପୁଣି ଚାଲିବ। ଆଗାମୀ ଦିନରେ ବଡ଼ ବିମାନ ଚାଲିବ ବୋଲି ସେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ଣରେ ଭୁବନେଶ୍ୱରରୁ ରାଉରକେଲା ଉଡ଼ାଣ ସମୟରେ ବିମାନଟି ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦିଲ୍ଲୀର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ୬ ଜଣିଆ ଦଳ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ୪ ଜଣିଆ ଦଳ ରାଉରକେଲାରେ ପହଞ୍ଚି ରବିବାର ତଦନ୍ତ କରିଛନ୍ତି।


**GOVERNMENT OF ODISHA** No.B-944

**e-Procurement Notice, ANGUL (R&B) DIVISION**

**Bid Identification No.59 of 2025-26**

e-mail ID- angulrbdivision@yahoo.co.in

1. Number of Works: 01 (One) number of Building work
2. Approximate estimated cost: 99.58 Lakh
3. Period of completion: 03 (Three) Calendar months
4. Date & Time of availability of bid document in the portal: Dt.13.01.2026 at 10.00 A.M.
5. Last date / Time for receipt of bid in the portal: Dt.19.01.2026 up to 5.00 P.M.
6. Date of opening Bid: Dt. 20.01.2026 at 11.00 A.M.
7. Name and address of the Office Inviting Bid: Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only.

Further details can be seen from the e-procurement portal https:/tendersodisha.gov.in.

Sd./- Superintending Engineer
Angul (R&B) Division

OIPR-

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CAD-2990

No.-CHEP/TW-332/186 Date: 12.01.2026

**TENDER CALL NOTICE NO.-CHEP-52/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Distributors meeting Eligibility Criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply, Testing & Commissioning of Numerical Feeder Protection Relays in 33KV Feeders of CHEP, Chiplima | Rs.7,080/- (Rs.6,000/- + GST @18%) | 10,500/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.16.01.2026 up to 12:30 PM of dtd.29.01.2026.**

OIPR- Sd/- C & P Head, CHEP, Chiplima

**OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION, ODISHA, TAMANDO, BHUBANESWAR-28**

**NO.115/DT. 09.01.2026**

**TENDER CALL NOTICE**

**No.TT-15** : Sealed tenders are invited from authorised suppliers/dealers and registered firms having valid PAN, GST Registration and GST Clearance Certificate for supply of sports uniforms for use of the students of Government College of Physical Education, Tamando, Bhubaneswar for the academic session 2025-2027.

Further, the Government College of Physical Education, Tamando, Bhubaneswar invites bids from reputed firms/ agencies through Request for Proposal (RFP) for "Supply of Uniforms for Government College of Physical Education, Tamando, Bhubaneswar, Odisha."

The detailed tender/RFP document may be downloaded only from the official college website **https://gcpebhubaneswar.in** during the period from 13.01.2026 to 06.02.2026.

Interested firms/parties / agencies are advised to carefully study the RFP document before submitting their bids.

Important Dates & Information
- Place of Submission & Opening: Office of the Principal, Government College of Physical Education, Tamando, Bhubaneswar - 751028
- Last Date & Time of Submission: 06.02.2026 by 05:00 P.M. (All documents related to the Tender / RFP, including the sealed tender, must be sent **only through Speed Post** to the above-mentioned address)
- The Earnest Money Deposit (EMD) amount shall be submitted **only throuh Demand Draft (DD)** drawn in favour of **"Principal, Government College of Physical Education, Bhubaneswar"** payable at Bhubaneswar.
- Date & Time of Opening of Tender: 07.02.2026 at 11:30 A.M at the Office of the Principal, Government College of Physical Education, Tamando, Bhubaneswar 751028.

The undersigned reserves the right to accept or reject any or all tenders fully or partly without assigning any reason thereof.

Sd./- Principal
GCPE, Tamando, Bhubaneswar

OIPR-

**ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର**
**Office of the Jaleswar Municipality, Jaleswar**
Dist. : Balasore, Odisha-756032
Ph : (06781) 222407, Email : jaleswarmunicipality@gmail.com

No. 144 Date : 12.01.2026

**Short Quotation Call Notice**

**No.C-2066** : Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of **(1) 3.3 KW capacity Elec. Vehicle Charging Station (2) 4.4 KW Panel Capacity solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage (3) Electri Semi High Mas Light / equipment** as specification mentioned (list & Terms & Condition can be seen at Office). Available of documents from **13.01.2026 to 21.01.2026** up to 01.00 P.M. (in office hours). The quotation should reach to the undersigned on or before **22.01.2026 at 03.00 P.M.** through Speed Post/Registered Post/Courier/by hand. The Quotation will be opened on dt **22.01.2026 at 04.00 P.M.** in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

Sd./- Executive Officer
Jaleswar Municipality

OIPR -

**OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST.-NUAPADA, ODISHA**
E-mail : eeroads.khr@rediffmail.com
Letter No.142 Date : 07.01.2026

**1st Corrigendum to**

**Bid Identification No. SER&BKHR - 19/2025-26**

**B-964** : The following changes are being made for E-Procurement Notice - 19, Bid Identification No.SER&BKHR - 19/2025-26 vide letter no.31 dated 02.01.2026 in the above Tender Call Notice.

1. The Date & time of availability of bid documents in the portal from 10.00 hours of 13.01.2026 to 17.00 Hours of 27.01.2026 has extended from 10.00 hours of 28.01.2026 to 17.00 Hours of 12.02.2026.,
2. The date & time of opening of bid documents in the portal from 11.00 hours on 28.01.2026 has extended to 11.00 AM on date 13.02.2026 respectively.
3. All other terms and conditions remain unchanged.

Sd./- Superintending Engineer
Khariar (R&B) Division

OIPR-

**GOVERNMENT OF ODISHA** ee_rwbdk2@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
"e" Procurement Notice for Road Works
Identification Online Tender025/RWD/BDK-II/2025-26, Dtd.06.01.2026

**No.O-1997:**1. Name of the Work : Road Works as per Annexure, 2. Total Number of Works: 1 No., 3. Approximate Estimated Cost: Rs.55.08 Lakhs. 4. Class of Contractor: "B" Class. 5. Period of Completion:As per Annexure, 6. Type of Tender: Double Cover. 7.Other details: The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Bhadrak | 25 | 12.01.26 At 11.00 P.M. | 19.01.26 upto 5.00 P.M. | 19.01.26 upto 3.00 P.M. | 20.01.26 at 11.00 AM | Will be intimated later |

8. **Further details can be seen from the e-Procurement portal "https://www.tendersorissa.gov.in"**
9. Any other changes/ Corrigendum may be seen only in website www.tendersorissa.gov.in

OIPR- Sd./- Superintending Engineer, R.W.Division-II, Bhadrak

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR**
Phone No.06671-224074, e-mail: eerwkhariar@gmail.com
e-Procurement Notice
**BID IDENTIFICATION NO.RWKHR-07/2025-26 (Online)**

**No.O-2002:**Bid documents consisting of Work, Estimated Cost, EMD, Cost of Tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Name of the Work: Roads & Building Works. 2. Total No. of Works: 7 Nos. 3. Estimated Cost: 3.26 to 55.48 Lakhs. 4. Period of Completion: 1 (One) Calendar & 2 (Two) Calendar Months. 5. Other details:-

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of Technical Bid | Date & Time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Executive Engineer, R.W. Division, Khariar | RWKHR- 07/ 2025-26 (Online) | 13.01.2026 At 10.00 AM | 27.01.2026 Upto 5.00 PM | 27.01.2026 Upto 11.00 AM | 28.01.2026 at 11.00 AM | 31.01.2026 at 11.00 AM |

Further details can be seen from the website www.tendersodisha.gov.in.

OIPR- Sd./- Superintending Engineer, Rural Works Division, Khariar

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର–14
No.RR- ଇ-ମେଲ: directorateofculture@gmail.com

**''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ''**
**ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ**

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୦୨୨, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ ''ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ । ସମ୍ମାନସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ଅନୁଷ୍ଠାନ, ସାହିତ୍ୟିକା, ସାହିତ୍ୟିକଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥରାଶି ସହିତ ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ । ଏହି ସମ୍ମାନ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ ।
୨. (କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକା/ସାହିତ୍ୟିକଙ୍କ ସାମଗ୍ରିକ ସାହିତ୍ୟକୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ ।
(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ଅନୁଷ୍ଠାନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ । ଯେଉଁ ସାରସ୍ୱତ ଅନୁଷ୍ଠାନ ଅତିକମ୍‌ରେ ୫ ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ, ଉକ୍ତ ଅନୁଷ୍ଠାନକୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ ।
୩. ଏଥିପାଇଁ ସାହିତ୍ୟିକା/ସାହିତ୍ୟିକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ ।
୪. ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୁନ ୫ ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ ।
୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।
୬. ଏହି ସମ୍ମାନ ପାଇଁ ଦୈନିକ ସମ୍ବାଦପତ୍ରରେ ବିଜ୍ଞାପନ ଜରିଆରେ ପ୍ରସ୍ତାବ ଆହ୍ୱାନ କରାଯିବ । ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ପ୍ରସ୍ତାବ ଦାଖଲ କରିପାରିବେ । ଏକ ତିନିଜଣିଆ ବିଶେଷଜ୍ଞ କମିଟି ଦ୍ୱାରା ପ୍ରସ୍ତାବଗୁଡ଼ିକୁ ତନଖି କରାଯିବା ପରେ ଯୋଗ୍ୟତାଭିତ୍ତିରେ ସର୍ବସମ୍ମତିକ୍ରମେ କିମ୍ବା ସଂଖ୍ୟାଧିକ ସଦସ୍ୟଙ୍କ ମତାମତ ଅନୁଯାୟୀ ଏହି ସମ୍ମାନ ନିମନ୍ତେ ପ୍ରାର୍ଥୀ ଚୟନ କରାଯିବ ।
୭. ସାହିତ୍ୟିକ/ସାହିତ୍ୟିକାଙ୍କ ନିମନ୍ତେ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତଥା ସାମଗ୍ରିକ ସାହିତ୍ୟ କୃତି, ବୟସ, ଖ୍ୟାତି, ଯୋଗ୍ୟତା ଏବଂ ସାହିତ୍ୟ କ୍ଷେତ୍ରରେ ବରିଷ୍ଠତା ଓ ଓଡ଼ିଆ ସାହିତ୍ୟ ପାଇଁ ଅବଦାନକୁ ବିଚାରକୁ ନେଇ ଚୟନ ପ୍ରକ୍ରିୟା ସମାହିତ ହେବ । ସାହିତ୍ୟ ଅନୁଷ୍ଠାନ କ୍ଷେତ୍ରରେ ନିଷ୍ଠାପର ଓ ନିରନ୍ତର ସାରସ୍ୱତ କାର୍ଯ୍ୟଧାରାକୁ ବିଚାର ପରିସରଭୁକ୍ତ କରାଯିବ । ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କିତ ସାହିତ୍ୟିକ କାର୍ଯ୍ୟଧାରାକୁ ଗୁରୁତ୍ୱ ପ୍ରଦାନ କରାଯିବ ।
୮. ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇନଥିବେ ।
୯. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ।
୧୦. ଯେଉଁ ବର୍ଷ ଏ ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ହେବେ ନାହିଁ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ ।
୧୧. ନିଜେ ଆବେଦନକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଆବେଦକଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନଫର୍ମ ସଠିକ ଭାବେ ପୂରଣ କରି ତା.୨୭/୦୧/୨୦୨୬ ରିଖ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୧୪ରେ ଦାଖଲ କରିପାରିବେ । ଲଫାପା ଉପରେ କେଉଁ ବର୍ଷର ସମ୍ମାନ ପାଇଁ ଆବେଦନ କରିଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ଅନୁରୋଧ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣୀୟ ହେବନାହିଁ ।
୧୨. ଆବେଦନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର Web-site: https://culture.odisha.gov.in ରେ ମଧ୍ୟ ଉପଲବ୍ଧ ଅଛି ।

ସ୍ୱା./-ନିର୍ଦ୍ଦେଶକ ତଥା ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR-

**OFFICE OF THE CHIEF ENGINEER, MEGALIFT, BHUBANESWAR**
Plot No. : A-8/2, 1st Floor, Bhoi Nagar, Bhubaneswar - 751022 (Odisha)
ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବୃହତ୍ ଉଠା ଜଳସେଚନ, ଭୁବନେଶ୍ୱର
ପ୍ଲଟ ନଂ : ଏ-୮/୨, ପ୍ରଥମ ମହଲା, ଭୋଇ ନଗର, ଭୁବନେଶ୍ୱର – ୭୫୧୦୨୨ (ଓଡ଼ିଶା)
E-mail : cemlpwr.od@gmail.com ☎ - 91-0674-2567252
-91-0674-2567258

**No. 286/Dated. 09.01.2026**
**Tender Cancellation Notice**
**Bid Identification No.5ML/2025-26**

**No.A-1265** : The tender for the work "Execution of 03 Nos. of Lift Irrigation Schemes with intake points on Kanpur Main Canal, Ardei Nadi & Balisudra River having Command area between 500 Ha. to 2000 Ha. in Cluster No.XXXVIII in the district of Keonjhar & Mayurbhanj including its distribution network, up to 1 Ha Chak having total planned Culturable Command Area of 4,280 Ha. on "EPC-Turn Key" basis including power system connectivity and Operation & Maintenance of complete commissioned schemes for fifteen years "invited vide Bid Identification No. 5ML/2025-26 is hereby cancelled due to administrative reasons.

Sd./- Chief Engineer, Megalift
Bhubaneswar

OIPR-

**OFFICE OF THE DIVISIONAL FOREST OFFICER: PURI (WL) DIVISION**
Phone No.06752-228281 (Office) Email:dfo.puriwl@odisha.gov.in
Notice No.01/4F/BMC/12/2025, Dated 05th January, 2026

No.MM-476: **NOTICE**

**CANCELLATION OF EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA**

The Notice No.02/2025-26 dt.06.12.2025 inviting the **EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT (DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANGA), BELESWAR BEACH & TOURIST BEACH AT PHULPATNA BEACH, PURI, ODISHA** is hereby cancelled due to administrative reasons.

Sd./- Divisional Forest Officer
Puri (WL) Division, Puri

OIPR-

**District Mineral Foundation Trust**
Angul, Odisha, PIN-759122
Tele : 06764-230745 / E-mail : dmfangul@gmail.com
Notice No.-82 Date : 12.01.2026

**Corrigendum Notice**

**Ref.: EoI No.1099/DMFT dated 20.12.2025.**

**No:CAD-2993** : The details of the corrigendum / revision made in the terms & conditions of the EoI for **"Empanelment of Central/ State Public Sector Undertakings (PSUs) for carrying out various civil works executed by District Administration, Angul under DMFT Angul"** have been issued. Interested PSUs are requested to download the EoI documents and corrigendum notice from the website: www.angul.odisha.gov.in. The last date for receipt of the bid document is 10.02.2026 (05.30 P.M.). Documents are to be submitted through Speed Post/ Registered Post (India Post) only.

Sd./- Collector & Chairperson - cum-
Managing Trustee, DMFT, Angul

OIPR-

**OFFICE OF THE MUNICIPALITY, NABARANGPUR**
NABARANGPUR (ODISHA), PIN- 764059
E-mail-muncipalityngpr@gmail.com
No. 136 Date. 12.01.2026

**Quotation Call Notice**

**No.C-2071** : Sealed Quotations are invited from the intending Agency / Firm/ Suppliers /Manufactures having MSME certificate/GSTN clearance certificate, PAN Card & dealership Certificate etc. for Supply of Water Pump Set having reputed brand /company for Nabarangpur Municipality. The quotation is to be received by the undersigned on or before 5.00 P.M on dated 22.01.2026 through registered post/ speed post / hand delivery At- Nabarangpur Municipality, Po/ PS-Nabarangpur, Dist- Nabarangpur and PIN-764059 within the working hour from 10.00 A.M to 5.00 P.M(dated. 15.01.2026 to 22.01.2026). The rate should be inclusive of all taxes. The quotation will be opened on dt.27.01.2026 at 11.00 A.M in the office premises in presence of the Bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotation may contact to the Nabarangpur Municipality Office within the official working hour (Mobile No.8249255900). Details may accessed and quotation details can be downloaded from the website : https://www.nawarangpurm.in/ and https://www.nabarangpur.odisha.gov.in/en/tender.

Sd./- Executive Officer,
Nabarangpur Municipality

OIPR-

**OFFICE OF THE MUNICIPAL COUNCIL, BHADRAK** No.C-2054
Tel. No.06784-251519 (O) & No.06784-251221
e-mail : bhadrakm.hud@od.gov.in & eobdkmunicipality@gmail.com
No.67 Dt.09.01.2026

**QUOTATION CALL NOTICE**

1. Name of the work : Supply of Animal Rescue Vehicle with Hydraulic Lifting facility to Bhdrak Mnunicipality
2. Date of sale/download of bid document : From 03.30 P.M. of dtd.13.01.2026 up to 1.00 P.M. of dt.28.01.2026
3. Last date & time of receipt of bid documents : Up to 4.00 P.M. of dt.29.01.2026
4. Date and time of opening of bid documents : At 4.00 P.M. of dt.30.01.2026
5. Mode of deposit towards cost of : Rs.6000.00 (In shape of DD in favour of the Executive Officer, Bhadrak Municipality to be drawn at Bhdrak should be attached with Bid document)
6. Mode of deposit towards EMD : Rs.25,000.00 (In shape of Fixed Deposit Receipt pledged in favour of the Executive Officer, Bhdrak Municipality should be attached with Bid document)
7. Name and address of the Officer Inviting quotation : Executive Officer, Bhadrak Municipality

Further details can be had from the website of Bhadrak District Website www.Bhadrak.odisha.gov.in & website of Bhdrak Municipality www.bhadrakmunicipality.nic.in from 03.30 PM of dtd.12.01.2026 up to 1.00 P.M. of dt.28.01.2026

Sd./- Executive Officer
Bhadrak Municipality

OIPR-

**OFFICE OF THE MUNICIPAL COUNCIL, TALCHER**
DIST :- ANGUL
Phone No.- (06760) 240259 E-Mail ID: e.o.talcher@gmail.com
No. 166 / Date.12.01.2026

**QUOTATION FOR AUCTION CALL NOTICE**

**No.C-2069** : The Executive Officer, Talcher Municipality on behalf of Talcher, Dist-Angul invites sealed quotations from the intending local registered firms / authorized dealers / distributors / suppliers and contractors for **"Auction sale of Municipality Old Vehicle & other scrapped items under Talcher Municipality"**. The prescribed auction schedule can be obtained from the Cash Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash in favour of the Executive Officer, Talcher Municipality from date **13.01.2026** to date **22.01.2026** up to **04.00 PM.** during office hour except holidays.

The auction paper along with all documents should reach the undersigned by Regd. Post /Speed Post/Courier service or by person on or before date **27.01.2026** up to **01.30 PM.** and this office will in no way, be responsible for any delay in receipt of the auction documents. The auction will be opened on the **same date** at **03.30 PM** in presence of the auctioneer or their authorized representative if any. The auction paper received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the auction without assigning any reason thereof.

Sd./- Executive Officer
Talcher Municipality

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଝୁମୁରି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୨ ଘଣ୍ଟିଆ ପାଟଣାଗଡ଼ ବନ୍ଦ

## ପୁରୁଣା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦାବି

ପାଟଣାଗଡ଼, ୧୨।୧ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ମୁଖ୍ୟ ସହର ଭିତରେ ଥିବା ପୁରୁଣା ଉପଖଣ୍ଡ ଚିକିତ୍ସାଳୟରେ ଜରୁରିକାଳୀନ ଚିକିତ୍ସା ପାଇଁ ଓପିଡି ଡାକ୍ତର ନିଯୁକ୍ତି ଦାବିରେ ସୋମବାର ୧୨ ଘଣ୍ଟିଆ ପାଟଣାଗଡ଼ ବନ୍ଦ ପାଳନ କରାଯାଇଛି। ଏଥିଯୋଗୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସେହିପରି ଉକ୍ତ ଦାବି ନେଇ ସହରବାସୀ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟରାସ୍ତାର ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଏବଂ ଉପଖଣ୍ଡ ଚିକିତ୍ସା ଅଧିକାରୀ(ଏସ୍‌ଡିଏମ୍‌ଓ) ସରୋଜ ରଞ୍ଜନ ସ୍ୱାଇଁ ପହଞ୍ଚି ଆନ୍ଦୋଳନରତ ମହିଳାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ରାସ୍ତାରୋକୋରୁ ହଟି ନ ଥିଲେ। ଫଳରେ ପୋଲିସ ସେମାନଙ୍କୁ ଭ୍ୟାନ୍‌ରେ ଉଠାଇ ନେଇ ଥାନାରେ ଅଟକ ରଖିଥିଲା।

# ଆସ ସଂକଳ୍ପ ନେବା ନୂଆ ଓଡ଼ିଶା ଗଢ଼ିବା: ମୋକିମ୍

ଭୁବନେଶ୍ୱର,୧୨।୧(ରବିନାରାୟଣ ଜେନା)

ଓଡ଼ିଶା ରାଜନୀତିକୁ ନୂତନ ବିକଳ୍ପ ଦେବାପାଇଁ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୁବ ଦିବସରେ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଯୁବ ଦିବସ ଅବସରରେ ସୋମବାର ମୋକିମ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀରେ ସେ ଯୁବବର୍ଗଙ୍କୁ କହିଛନ୍ତି, ଆସ ସଂକଳ୍ପ ନେବା ନୂଆ ଓଡ଼ିଶା ଗଢ଼ିବା। ମୋକିମ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ରାଜ୍ୟରେ ମହିଳାମାନେ ଆଜି ଅସୁରକ୍ଷିତ ହୋଇପଡ଼ିଛନ୍ତି। ଲୋକଙ୍କ ସରକାର କହୁଥିବା ସରକାର ଲୋକଙ୍କୁ ସମସ୍ୟା ଭିତରକୁ ଠେଲି ଦେଉଛନ୍ତି। ନିଶା ଯୋଗୁ ସଡ଼କ ଦୁର୍ଘଟଣାଠାରୁ ଆରମ୍ଭ କରି ବହୁ ଅଭାବନୀୟ ଘଟଣା ଘଟୁଛି। ତେଣୁ ଓଡ଼ିଶାକୁ ମଦମୁକ୍ତ କରିବାକୁ ହେବ। ଏ ନେଇ ଆଗକୁ ଯେଉଁ ବିପ୍ଳବ ସୃଷ୍ଟି ହେବ ସେଥିରେ ଆପଣଙ୍କ ସହଯୋଗ ଜରୁରୀ ବୋଲି ମୋକିମ କହିଛନ୍ତି। ସ୍ୱାମୀ ବିବେକାନନ୍ଦ ମାତ୍ର ୪୦ ବର୍ଷର ଜୀବଦ୍ଦଶାରେ ବହୁ କାମ କରି ଯାଇଛନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ଏଥିପାଇଁ ଆମକୁ ବହୁତ କଠିନ ପଥ ଦେଇ ଯିବାକୁ ହେବ ବୋଲି ମୋକିମ କହିଛନ୍ତି।

ଏହି ଅବସରରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ୍ କହିଛନ୍ତି, ତାଙ୍କ ବାପା ଯାହା କୁହନ୍ତି ତାହା କରି ଦେଖାନ୍ତି। ତାଙ୍କୁ କେହି ଅଟକାଇପାରିବେ ନାହିଁ। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ବାପା ରାଜନୀତିରେ ପାଦଦେବା ଆଗରୁ କଟକବାସୀଙ୍କ ସେବା କରୁଥିଲେ। ଏବେ କଟକବାସୀ ମୋତେ ସେବା କରିବାର ସୁଯୋଗ ଦେଇଛନ୍ତି। ମୁଁ କେବଳ କଟକ ସହରବାସୀଙ୍କ ସେବା କରିବାପାଇଁ ଆଗକୁ ବଢୁଛି ତାହା ନୁହେଁ, ସମସ୍ତଙ୍କ ସେବା କରିବାଲାଗି ପଣ କରିଛି। ବାପାଙ୍କ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନେଇ ସୋଫିଆ ଗଣମାଧ୍ୟମକୁ କହିଛନ୍ତି, ରାଜନୀତି ତା' ବାଟରେ, ବାକି କାର୍ଯ୍ୟକ୍ରମ ନିଜ ରାସ୍ତାରେ ଯିବ। ଓଡ଼ିଶା କିଭଳି ଆଗକୁ ବଢ଼ିବ ସେ ନେଇ ପ୍ରୟାସ ରହିଛି ଏବଂ ଆଗକୁ ରହିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇଏସ୍‌ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନାଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଯୁବବର୍ଗ ସାମିଲ ଥିଲେ।

# ଯାହା କଥା ହେଲେ ଗଣମାଧ୍ୟମକୁ ଜଣାଇଦେଲେ



ନବୀନ ନିବାସରେ ସୋମବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ବିଧାୟକ।

ଭୁବନେଶ୍ୱର, ୧୨।୧(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ନବୀନ ନିବାସ ଡାକି ଦଳର ୧୦ ଜଣ ବିଧାୟକଙ୍କ ସହ ଆଲୋଚନା କରିଛନ୍ତି। ସେହି ବିଧାୟକମାନଙ୍କ ସହ ତାଙ୍କ ନିର୍ବାଚନମଣ୍ଡଳୀର ବିକାଶ ଓ ସଙ୍ଗଠନ ବିଷୟରେ ସେ ଆଲୋଚନା କରିଛନ୍ତି। ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ରଖିବା ପାଇଁ ନବୀନ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ କହିଛନ୍ତି। ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ, ସୁଜାତା ସାହୁ, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାରକାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଛନ୍ତି।

ସୂଚନାଯୋଗ୍ୟ, ପର୍ଯ୍ୟାୟକ୍ରମେ ନବୀନ ୧୦ ଜଣ ଲେଖା କରି ବିଧାୟକମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଆଗକୁ ବିଧାନସଭା ଅଧିବେଶନ ଥିବାବେଳେ ରାଜ୍ୟ ସଭା ବିଷୟ ନେଇ ଚର୍ଚ୍ଚା ଚାଲୁଥିବାରୁ ଏହାକୁ ଦୃଷ୍ଟିରେ ରଖି ନବୀନ ବିଧାୟକମାନଙ୍କ ସହିତ ସମ୍ପର୍କରେ ଅଛନ୍ତି ବୋଲି ଏକ ବାର୍ତ୍ତା ଦେବାକୁ ଚାହୁଁଥାଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। କାରଣ ବିଧାୟକମାନଙ୍କ ସହ ନବୀନ ଯାହା ଆଲୋଚନା କରିଛନ୍ତି, ତାହା ବିଜେଡି ପକ୍ଷରୁ ଗଣମାଧ୍ୟମକୁ ଆସିଯାଇଛି। ଏହାକୁ ନେଇ ନବୀନଙ୍କୁ ଭେଟିଥିବା ଜଣେ ବିଧାୟିକା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏହି ବୈଠକ କେବଳ ରାଜନୈତିକ ଉଦ୍ଦେଶ୍ୟରେ ଫଟୋ ଉଠାଇବା ଲାଗି ଏକ ଆବଶ୍ୟକତା ଥିଲା। ନ ହେଲେ ବିଧାୟକମାନଙ୍କ ସହ ହୋଇଥିବା ସମାନ କଥା କ'ଣ ଗଣମାଧ୍ୟମକୁ ଆସିଥାଆନ୍ତା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଜଣାପଡ଼ିଛି ଯେ, ସେଠାରେ ଉପସ୍ଥିତ ଥିବା ୨ ଜଣ ବିଧାୟକ ନବୀନଙ୍କୁ କହିଥିଲେ, କେତେଜଣ ନେତା ସେମାନଙ୍କ ନିର୍ବାଚନମଣ୍ଡଳୀରେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଗଲେଣି। ଦଳର ପରବର୍ତ୍ତୀ ଚେହେରା କିଏ ବୋଲି ପ୍ରଶ୍ନ ଉଠୁଥିବା ନେଇ ସେମାନେ କହିଥିଲେ। ତେବେ ସେହି ୨ ବିଧାୟକ ମଧ୍ୟ ବୁଝିଯାଇଛନ୍ତି ଯେ, ସେମାନେ ନବୀନଙ୍କୁ କହିଥିବା କଥାର କିଛି ଗୁରୁତ୍ୱ ନ ଥିଲା।

# ବିଜେଡି ସ୍ଥିର, ମତ ରଖିବାକୁ ଚାହୁଁଛନ୍ତି ଦଳୀୟ ନେତା: ଦେବାଶିଷ

ନୟାଗଡ଼,୧୨।୧(ଲୋକନାଥ ମିଶ୍ର)

ନୟାଗଡ଼ରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ମନ୍ତବ୍ୟ ବିଜେଡି ରାଜନୀତିକୁ ସରଗରମ କରିଦେଇଛି। ଦେବାଶିଷ କହିଛନ୍ତି, 'ବିଜେଡି ସ୍ଥିର ଅଛି। ଆମ ଭିତରେ କିଛି ମତ ରଖିବା ପାଇଁ କେତେଜଣ ଖୋଲାଖୋଲି ଭାବେ ଯାଉଛୁ। ମୁଁ ଭାବୁଛି,' ନେତୃମଣ୍ଡଳୀର କାନରେ ପଡ଼ିଲାଣି। ନିଶ୍ଚିତ ଭାବେ ଆଶା କରୁଛୁ ଗୋଟେ ପରିବର୍ତ୍ତନ ଆସିବ। ଦଳର ପରାଜୟ କାହିଁକି ହୋଇଛି ତା' ବିଷୟରେ ଚର୍ଚ୍ଚା ହେବା ଦରକାର। ଦଳ କିପରି ନୂତନ ଦିଗରେ ଚାଲିବ ସେନେଇ ଆମର ଆହ୍ୱାନ। ଏକଥା ମୁଁ ଏକା କହୁନି, ନୟାଗଡ଼ ବିଧାୟକ ଅରୁଣ ସାହୁ ବି କହୁଛନ୍ତି। ତେବେ ଦଳ ସମ୍ପର୍କରେ ସୁପ୍ରିମୋ ନବୀନ ପଟ୍ଟନାୟକ ସବୁ ଜାଣୁଛନ୍ତି, ସବୁ ଶୁଣୁଛନ୍ତି, କିନ୍ତୁ ନୀରବ ନାହାନ୍ତି। ଆମକୁ ଡାକି କହିଛନ୍ତି, ଟିକେ ଅପେକ୍ଷା କର, ସଜାଡ଼ିବାକୁ ସମୟ ଦିଅ' ବୋଲି ସୋମବାର ନୟାଗଡ଼ ସହରର ଏକ ସ୍କୁଲ ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସି ଦେବାଶିଷ ଗଣମାଧ୍ୟମକୁ କହିଛନ୍ତି। ଦେବାଶିଷଙ୍କ ବିବୃତିକୁ ଅନୁଧ୍ୟାନ କଲେ, ବିଜେଡିରେ ଏକ ବଡ଼ ହଲଚଲ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।



ଦେବାଶିଷ ସାମନ୍ତରାୟ

# ଗଁଦିଆ ଆଦର୍ଶ ବିଦ୍ୟାଳୟରେ ଜଣ୍ଡିସ୍ ଆତଙ୍କ

ଢେଙ୍କାନାଳ,୧୨।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଶ୍ୱନାଥପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗତ କିଛିଦିନ ହେବ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଗଁଦିଆ ଆଦର୍ଶ ବିଦ୍ୟାଳୟରେ ଜଣ୍ଡିସ୍ ଆତଙ୍କ ସମ୍ପର୍କରେ ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ନବୀନ ନନ୍ଦ ସୋମବାର ଜିଲାପାଳଙ୍କୁ ଇ-ମେଲ୍ ଯୋଗେ ଅବଗତ କରାଇଛନ୍ତି । ବିଦ୍ୟାଳୟର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର କହିଛନ୍ତି ।

# ଚାଷୀଙ୍କୁ ଲୁଟୁଛନ୍ତି ଭାଜପା ସରକାର: ଭକ୍ତ

## ନୟାଗଡ଼ରେ ଚାଷୀ ନ୍ୟାୟ ସମାବେଶ

ନୟାଗଡ଼,୧୨।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପୁରୁଣା ଜେଲ ଜମିରେ କଂଗ୍ରେସ ପକ୍ଷରୁ ବିରାଟ ଚାଷୀ ନ୍ୟାୟ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଚାଷୀଙ୍କୁ ଭାଜପା ସରକାର ଲୁଟୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ଚାଷୀ ଲଢ଼ିବା ଦରକାର। କଂଗ୍ରେସ ଏଥିପାଇଁ ସଂଗ୍ରାମ କରିବ ବୋଲି ସେ କହିଛନ୍ତି। କଟନିଛଟ୍‌ନି ଯୋଗୁ ଚାଷୀ କୁଇଣ୍ଟାଲ ପିଛା ୩୦୦ରୁ ୩୧୦ ଟଙ୍କା, ଅଭାବୀ ବିକ୍ରି ଯୋଗୁ ୧୧୦୦ରୁ ୧୨୦୦ ଟଙ୍କା ହରାଉଥିବାରୁ ତା'ର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରୁନାହିଁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ମଣ୍ଡି ଅବ୍ୟବସ୍ଥା, କଟ୍‌ନୀ ଛଟନୀ ବନ୍ଦ କରିବା, ଅଭାବୀ ଧାନ ବିକ୍ରିକୁ ରୋକିବା ଆଦି କେତେକ ଦାବି ରହିଛି ।

ଭକ୍ତ ଆହୁରି କହିଛନ୍ତି ଯେ, ନୟାଗଡ଼ରେ ମଣ୍ଡିରେ ଧାନ ରଖିବାକୁ ଜାଗା ନାହିଁ, ଚାଉଳ ଗୋଦାମ ନାହିଁ । ସବୁ ଜିଲାରେ ଏଭଳି ସମସ୍ୟା । ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କିଷାନ କଂଗ୍ରେସ ସଭାପତି ବସନ୍ତ କର, ବରିଷ୍ଠ ନେତା ହୁସେନ ଖାଁ, ସରୋଜ ପରିଡ଼ା, ସତ୍ୟବ୍ରତ ନାୟକ, ମନୋଜ ସାହୁ, ବିଭୁ ପ୍ରସାଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଶାନ୍ତ, ବୈଜୟନ୍ତୀବାଳା ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।




ଚାଷୀ ନ୍ୟାୟ ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳୀୟ ନେତା।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

## ୧୩ ଦିନରେ ଗଲାଣି ୩ ଜୀବନ

ବନ୍ତଲା,୧୨।୧(ସୁଶିତ ସାହୁ)

ଅନୁଗୋଳ ବନାଞ୍ଚଳ କରତପଟା ସେକ୍ସନ ଶଙ୍ଖପୁର ପଞ୍ଚାୟତ ଢିପପଦା ସାହିରେ ସୋମବାର ଭୋର୍ ସମୟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଇଚ୍ଛା ଦେହୁରୀ (୭୫)। ଇଚ୍ଛାଙ୍କୁ ମିଶାଇ ଗତ ୧୩ ଦିନରେ ଏହି ବନାଞ୍ଚଳରେ ହାତୀ ଆକ୍ରମଣରେ ମୋଟ ୩ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶଙ୍ଖପୁର ପଞ୍ଚାୟତ ଢିପପଦା ସାହିର ବୃଦ୍ଧା ଇଚ୍ଛା ଶୌଚ ପାଇଁ ଯାଇଥିବାବେଳେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିବା ଜାଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଫରେଷ୍ଟର ଲଳିତ କୁମାର ବେହେରା ଓ ରେଞ୍ଜର ଉଦ୍ଧବ ବେହେରା ମେଡିକାଲରେ ପହଞ୍ଚି ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧା ଇଚ୍ଛାଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ମୃତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ଓ ୨ ଦିନ ଭିତରେ ସେଥିରୁ ଅଗ୍ରିମ ୧ ଲକ୍ଷ ଟଙ୍କା ଦିଆଯିବ ବୋଲି ରେଞ୍ଜର ବେହେରା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସୂଚନାଯୋଗ୍ୟ, ଅନୁଗୋଳ ବନାଞ୍ଚଳ ସୁନାଭୂଇଁ ଗ୍ରାମର ଝିଲି ବେହେରା (୩୫)ଙ୍କ ଗତ ଡିସେମ୍ବର ୩୧ରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452. D-232



3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



Wellness relax body massage & jointpain treatment by traind therapist. 7008773793. D-3034

All types of physiotherapy and massage. Contact: 9556924059/ 7656969134. D-3075

## AFFIDAVIT

By virtue of an affidavit sworn before Executive Magistrate, Nayagarh, dated- 10.11.2025, I, TULU SAHOO, S/o.- SATRUGHANA SAHOO, At/P.O.- Saradhapur, P.S.- Itamati, Dist.- Nayagarh, PIN- 752068 declare that I have changed my name from SULU SAHOO to TULU SAHOO. Henceforth, I shall be known as TULU SAHOO for all purposes.
TULU SAHOO
D- 3089

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Executive Magistrate, Bhubaneswar, dated- 12.01.2026, I, Farzana Rahman, At- 15A, Bapuji Nagar, P.O.- Ashok Nagar, P.S.- Capital, Bhubaneswar-751009, Dist.- Khurda, Odisha declare that I have changed my name from Farzana Tabassum to Farzana Rahman. Henceforth, I shall be known as Farzana Rahman for all purpose.
Farzana Rahman
D- 234

By virtue of an affidavit sworn before Notary Public, Bhubaneswar, Khordha, dated- 12.01.26, I, Snehamayee Swain, Address: At- Mangarajpur, P.O.- Sankhameri, P.S.- Badamba, Dist.- Cuttack, Odisha, PIN- 754031 declare that I have changed my name from Snehamayee Baral to Snehamayee Swain. Henceforth, I shall be known as Snehamayee Swain for all purposes.
(Snehamayee Swain)
D- 3090

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No. 131 sworn before Executive Magistrate, Dhenkanal, dated- 06.01.2026, I, Kalpana Panda, At- Balyamba, P.O.- Sarakpatana, Dist.- Dhenkanal, Odisha, PIN- 759015 declare that I have changed my name from "Kalpana Deep" to "Kalpana Panda". Henceforth, I shall be known as "Kalpana Panda" for all purposes.
Kalpana Panda
D- 3091

By virtue of an Affidavit sworn before Notary Public, Bhubaneswar, dtd.- 09.01.2026, I, "DEBARATI SINHA" (New name), Address: At- Plot No. 231/B, Samarpana Lane- 2, Aerodrum Area near Nabin Niwas, P.S.- Aerodrum, Bhubaneswar-751020, Dist.- Khordha, Odisha declare that I have changed my name from "DEBARATI BANERJEE" (Old name) to "DEBARATI SINHA (New name). Henceforth, I shall be known as "DEBARATI SINHA" (New name) for all purposes.
Debarati Sinha
(New name)
D- 3092

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମନେ ପଡ଼ନ୍ତି

### ସ୍ମୃତି ତର୍ପଣ



୰ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଳ୍ପନା ଏରିଆ, ଭୁବନେଶ୍ୱର
ଆଜି ଆପଣଙ୍କ ପବିତ୍ର ୩୧ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
D-3093

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରବୀନ୍ଦ୍ର କୁମାର ମହାନ୍ତି
ଆବିର୍ଭାବ- ୦୨।୦୪।୧୯୫୯
ତିରୋଧାନ- ୨୪।୦୧।୨୦୨୫
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
D- 3086

### ଏକାଦଶାହ ଉପଲକ୍ଷେ



୰ ସ୍ୱର୍ଣ୍ଣପ୍ରଭା ମହାନ୍ତି
ସ୍ୱର୍ଣ୍ଣବଂଶୀ ଭବନ, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୬.୧୯୫୩
ତିରୋଧାନ : ୦୩.୦୧.୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ
ହତଭାଗ୍ୟ ସ୍ୱାମୀ-ବଂଶୀଧର, ପୁତ୍ର-ସୁଜିତ, ବିଶ୍ୱଜିତ, ରଣଜିତ, ପୁତ୍ରବଧୂ-ଇପ୍ସିତା, ସୁଲକ୍ଷଣା, ଶୁଚିସ୍ମିତା, ଝିଅ-ସ୍ନେହାଞ୍ଜଳି, ଜ୍ୱାଇଁ-ସୁବ୍ରତ, ନାତି-ଓମ୍, ସୁଲିନ, ଅଙ୍କିତ, ନାତୁଣୀ-ସାଇନା ଓ ସୁହାନା
D-3087

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତଅପୋଇ ସାହୁ
ସ୍ଥାନ: ବାଳକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: କ୍ଷେତ୍ରବାସୀ ସାହୁ, ପୁତ୍ର: ବସନ୍ତ କୁମାର ସାହୁ (ବାବୁଲି), ଶରତ କୁମାର ସାହୁ, ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3087

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରୋଜାଲିନ୍ ସାହୁ
ସ୍ଥାନ: ବାଳକାଟି (ଦିପୋଟି ସାହି)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଶରତ କୁମାର ସାହୁ, ପୁତ୍ର: କାର୍ତ୍ତିକ ସାହୁ, ରାକେଶ ସାହୁ, ଝିଅ: ପ୍ରୀତିକା ସାହୁ, ପ୍ରିୟାଂଶୀ ସାହୁ ଏବଂ ଦୁଃଖିତ ବନ୍ଧୁ ଓ ପରିବାରବର୍ଗ।
D- 3088

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଅଫିସ୍ ଷ୍ଟ୍ରେସ୍

"ଅଫିସ୍ କାମକୁ ନେଇ ଅନେକେ ଟେନ୍‌ସନରେ ରହନ୍ତି। ହେଲେ ଏହାଦ୍ୱାରା ସେମାନେ ନିଜ କାମକୁ ଠିକ୍ ଭାବରେ ତୁଲାଇପାରନ୍ତି ନାହିଁ । ତେଣୁ କାମ ବୋଝ ବଢ଼ିଯାଇଥାଏ। ତେବେ ନିଜକୁ ଅଫିସ ଷ୍ଟ୍ରେସ୍‌ଠାରୁ କିପରି ଦୂରେଇ ରଖିବେ ଏବଂ ସେଠାରେ ନିଜ କାମକୁ କିପରି ଠିକ୍ ଭାବରେ ତୁଲାଇବେ ଜାଣନ୍ତୁ ଏ ସମ୍ପର୍କରେ..."



ଆଜିକାଲି ଅନେକ ମହିଳା ସ୍ୱାବଲମ୍ବୀ ହେଲେଣି। ଘରେ ବସି କୌଣସି କର୍ମସଂସ୍ଥାନଟିଏ ଖୋଲି ଅବା ବାହାରେ ଚାକିରିଟିଏ କରି ସେମାନେ ରୋଜଗାର କରୁଛନ୍ତି। ବିଶେଷଭାବରେ ଜଣେ ଗୃହିଣୀ ଯେତେବେଳେ ଚାକିରି କରନ୍ତି ସେତେବେଳେ ତାଙ୍କୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଣେ ଘର କାମ, ତା'ସହ ସେପଟେ ଅଫିସ୍‌ର କାମ-ଏ ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ଅଫିସ୍‌ରେ କାମର ଚାପକୁ ନେଇ କେତେଜଣ କର୍ମଜୀବୀ ଟେନ୍‌ସନରେ ଥାଆନ୍ତି। ହେଲେ ଏଥିପାଇଁ ଯଦି ସୁଚିନ୍ତିତ ଯୋଜନା ମୁତାବକ ଆଗକୁ ଆଗାନ୍ତି ତେବେ ଏପରି ଚାପ ବା ଷ୍ଟ୍ରେସ୍‌ଠାରୁ ସେମାନେ ଅନେକାଂଶରେ ନିଜକୁ ଦୂରେଇ ରଖିପାରିବେ। ଏପରି କିଛି ସରଳ ଉପାୟ ରହିଛି ଯାହାକୁ କର୍ମଜୀବୀମାନେ ଆପଣେଇ ପାରିଲେ ନିଜର ଅଫିସ ଷ୍ଟ୍ରେସ୍ ସମସ୍ୟାକୁ ସହଜରେ ସମାଧାନ କରିପାରିବେ। ସେଭଳି କେତୋଟି ଟିପ୍ସ ନିମ୍ନରେ ଦିଆଯାଉଛି।

**ଦୈନନ୍ଦିନ ରୁଟିନ୍ ପ୍ରସ୍ତୁତ କରନ୍ତୁ**
ଦିନ ଆରମ୍ଭରୁ ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ନିୟମିତ ସମୟରେ ଉଠିବା, ଖାଇବା, ଶୋଇବା ଶରୀରକୁ ମନକୁ ସ୍ଥିରତା ଦେଇଥାଏ।

**ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ**
ଡିହାଇଡ୍ରେସନ୍ ଶରୀରରେ ଥକ୍କାପଣ, ଚିଡ଼ାଚିଡ଼ା ଭାବ ଏବଂ ଧ୍ୟାନର କମ୍ ଦେଖିବାକୁ ମିଳିଥାଏ। ଅଫିସ୍‌ରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପାଣି ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ଜରୁରୀ। ଏହାଦ୍ୱାରା କିଛି ପରିମାଣରେ ଷ୍ଟ୍ରେସ୍ କମ୍ ହୋଇଥାଏ।

**ଭଲ ସ୍ଲିପ୍ ରୁଟିନ୍ ପ୍ରସ୍ତୁତ କରନ୍ତୁ**
୭/୮ ଘଣ୍ଟାର ନିଦ୍ରା ମେଣ୍ଟାଲ ହେଲ୍‌ଥ ପାଇଁ ଜରୁରୀ। ଶୋଇବା ପୂର୍ବରୁ ସ୍କ୍ରିନ୍ ଟାଇମ୍ କମ୍ କରନ୍ତୁ। ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ ଏବଂ ଶାନ୍ତ ବାତାବରଣରେ ଶୁଅନ୍ତୁ।

**ହେଲ୍‌ଦୀ ମେକାନିଜମ୍ ଆପଣାନ୍ତୁ**



ଷ୍ଟ୍ରେସ୍‌ରେ ରାଗିବା ଏବଂ ସୋସିଆଲ ମିଡିଆ ସ୍କ୍ରଲ୍ କରିବା ପରିବର୍ତ୍ତେ ମଝିରେ ଛୋଟ ବ୍ରେକ୍ ନିଅନ୍ତୁ, ଏହି ସମୟରେ ଚାଲନ୍ତୁ କିମ୍ବା କୌଣସି ସହକର୍ମୀଙ୍କ ସହ କଥା ହୋଇପାରିବେ।

**ଡିପ୍ ବ୍ରିଦିଂ ମାଇଣ୍ଡଫୁଲ୍‌ନେସ୍ ଆକ୍ଟିଭିଟି କରନ୍ତୁ**
୫ରୁ ୧୦ମିନିଟ୍ ଜୋର୍ ଜୋର୍‌ରେ ନିଃଶ୍ୱାସ ନେବାର ଟେକ୍‌ନିକ୍ ଦ୍ୱାରା କିମ୍ବା ମାଇଣ୍ଡଫୁଲ୍ ନେସ୍ ଏକ୍ସରସାଇଜ୍ କରିବା ଦ୍ୱାରା ଏହା ଚିନ୍ତା ଦୂରକରିବାରେ ସାହାଯ୍ୟ କରିବ। ଅଫିସ୍ ମଝିରେ ୨ମିନିଟ୍ ବ୍ରିଦିଂ ବ୍ରେକ୍ ନେବା ନିହାତି ଜରୁରୀ।

**ସମାଜ ସହ ଜଡ଼ିତ ରୁହନ୍ତୁ**
ଲଞ୍ଚ ବ୍ରେକ୍ ସମୟରେ ହାଲ୍‌କା ଫୁଲ୍‌କା ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବା ଦ୍ୱାରା ମାନସିକ ବୋଝ କମ୍ ହୋଇଥାଏ । ସାମାଜିକ ଭାବେ ଜଡ଼ିତ ରହିବା ଯୋଗୁ ଏହା କିଛି ପରିମାଣରେ ଅବସାଦ ଦୂର କରିବାରେ ସାହାଯ୍ୟ କରେ।

**ଫେବ୍‌ରେଟ୍ ଆକ୍ଟିଭିଟି କରନ୍ତୁ**
ୱିକେଣ୍ଡରେ କାମ ପରେ ନିଜ ପସନ୍ଦର



ଆକ୍ଟିଭିଟି ଯେପରି ସ୍ପୋର୍ଟ୍ସ, ମ୍ୟୁଜିକ୍ ଏବଂ ପରିବାର ସହ ସମୟ ବିତାଇବା, ଏହା ମନକୁ ରିଫ୍ରେଶ କରିଥାଏ।

**କାମ ମଧ୍ୟରେ ଛୋଟ ବ୍ରେକ୍ ନିଅନ୍ତୁ**
ଲଗାତର କେତେ ସମୟ ପର୍ଯ୍ୟନ୍ତ କାମ କରିବା ଦ୍ୱାରା ମସ୍ତିଷ୍କ ଥକିଯାଏ। ପ୍ରଡକ୍ଟିଭିଟି କମ୍ ହେବାକୁ ଲାଗିଥାଏ। ପ୍ରତି ଘଣ୍ଟାରେ ଥରେ ୨/୩ ମିନିଟ୍ ବ୍ରେକ୍ ନିଅନ୍ତୁ। ନିଃଶ୍ୱାସ ନିଅନ୍ତୁ, ଷ୍ଟ୍ରେଚ୍ କରନ୍ତୁ । ଏହି ଛୋଟ ବ୍ରେକ୍ ମାନସିକ ଫୁର୍ତ୍ତିକୁ ରିସେଟ୍ କରିଥାଏ, ଚିନ୍ତାମୁକ୍ତ କରିଥାଏ।

**ଏକ୍ସପର୍ଟଙ୍କ ସହ କନ୍‌ସଲ୍ଟ କରନ୍ତୁ**
ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଏକ ସ୍କିଲ୍। ଯାହାକୁ ନିରନ୍ତର ଅଭ୍ୟାସ ଦ୍ୱାରା ମଜଭୁତ କରାଯାଇପାରିବ। ଯଦି ଅଫିସ୍ ଷ୍ଟ୍ରେସ୍ ଲଗାତର ବଢ଼ୁଛି ତେବେ ଏହା ଆପଣଙ୍କ ପର୍ସନାଲ୍ ଲାଇଫ୍‌କୁ ପ୍ରଭାବିତ କରିବା ସମ୍ଭାବନା ରହିଛି। ତେବେ ଏଥିପାଇଁ ମେଣ୍ଟାଲ ହେଲ୍‌ଥ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ। କାମ ସହ ନିଜ ମନର ମଧ୍ୟ ଧ୍ୟାନ ରଖିବା ଆବଶ୍ୟକ। ଜୀବନକୁ ସଫଳତା କରିବାରେ ଏହା ହେଉଛି ଏକ ମନ୍ତ୍ର।

## ଏମାନେ କ'ଣ କରନ୍ତି

**ଅଫିସ୍ ଷ୍ଟ୍ରେସ୍‌ଠାରୁ ଦୂରେଇ ରହିବାକୁ ଚେଷ୍ଟାକରେ**



ଯେହେତୁ ଚାକିରି କରିଛି ତେଣୁ ମୋତେ ଘର କାମ ସହ ଚାକିରି ପ୍ରତି ଦୃଷ୍ଟିଦେବାକୁ ହୋଇଥାଏ। ଅଫିସରେ ତ କାମର ଚାପ ନିଶ୍ଚୟ ରହିବ। ହେଲେ ତାକୁ ନେଇ କେବେ ବିଚଳିତ ହୁଏନା। କେଉଁ ଦିନ ଅଫିସ୍‌ରେ କିପରି କାମ କରିବି ସେ ନେଇ ସେଦିନ ସକାଳୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। ଯେତେ ସମ୍ଭବ ଅଫିସ୍ ଷ୍ଟ୍ରେସ୍‌ଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକରେ। ଏଥିପାଇଁ ମୁଁ ଡେଲି ରୁଟିନ୍ ପ୍ରସ୍ତୁତକରି ତାହାକୁ ଠିକ୍ ଭାବରେ ଅନୁସରଣ କରେ।

*-ଟିଙ୍ଗା ନାୟକ, କର୍ମଜୀବୀ, ଗଜାନନ୍ ଟାୱାର, ବୁଦ୍ଧ ନଗର, ଭୁବନେଶ୍ୱର*

**ଅଫିସ କାମକୁ ନେଇ ଟେନ୍‌ସନ ହୋଇ ନ ଥାଏ**



ମୁଁ ଜଣେ କର୍ମଜୀବୀ ମହିଳା। ଘର ଆଉ ଅଫିସ୍ ଦୁଇଟି ବାଲାନ୍ସ କରି ଚଳିବାକୁ ପଡ଼େ। ଘରେ ମୋ ସ୍ୱାମୀ ଓ ଶାଶୁ ରୁହନ୍ତି। ଝିଅ ବାହାରେ ରହି ଚାକିରି କରୁଛି। ଘରକାମ ସାରି ଅଫିସ୍ ପୁଣି ଯିବାକୁ ହୋଇଥାଏ। ଅଫିସ୍ କାମ ଭିତରେ ଏତେ ଦାୟିତ୍ୱ ରହିଯାଏ ଯେ ଆଉ ଘର କଥା ଜମା ମନେପଡ଼େନି। ପୁଣି ଘରକୁ ଆସିଲା ପରେ ଅଫିସ୍ କଥାକୁ ଭୁଲି ଘର କାମରେ ଲାଗିପଡ଼େ। ଏଇ ଅଫିସ୍ କାମ ଓ ଘରକାମ ଭିତରେ ନିଜ ପାଇଁ ଟିକେ ସମୟ ଦେଇ ହୁଏନି। ସେ ଯାହା ହେଉ ଘର ଆଉ ଅଫିସ୍ ଦୁଇଟିକୁ ମ୍ୟାନେଜ୍ କରି ଜୀବନଟା ସୁରୁଖୁରୁରେ ଚାଲିଛି। ଅଫିସରେ କାମ କରିବା ବେଳେ ନିଜକୁ ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟାକରେ। ନିଜର ପ୍ରସ୍ତୁତ ଯୋଜନା ମୁତାବକ ସବୁବେଳେ ଚାଲିଥାଏ, ଫଳରେ ମୋତେ ଅଫିସ୍ ଷ୍ଟ୍ରେସ୍ ସେତେଟା ଅନୁଭବ ହୋଇ ନ ଥାଏ।

*-ସ୍ୱପ୍ନା ମଞ୍ଜରୀ ଦାଶ*
*କର୍ମଜୀବୀ, ଡିଡିସି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*





# କିପରି ସଫା କରିବେ ଫ୍ୟାନ୍ସି ସ୍ୱେଟର

ଶୀତଦିନରେ ଶୀତରୁ ରକ୍ଷା ପାଇବା ଲାଗି ପ୍ରାୟ ତ ଦାମୀ ସ୍ୱେଟର କିଣି ଆଣିଥାଉ। ହେଲେ ଏହାକୁ ଧୋଇବା ସମୟରେ କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଆସନ୍ତୁ, ଜାଣିବା ଏ ବିଷୟରେ....



ଶୀତଦିନରେ ଫ୍ୟାନ୍ସି ସ୍ୱେଟର ପିନ୍ଧିବାକୁ ଯେତେଭଲ ଲାଗେ, ତାକୁ ସଫା କରିବା ସେତିକି କଷ୍ଟକର ହୋଇଥାଏ। ଅଳ୍ପ ଟିକେ ଲାପରବାହି କାରଣରୁ ସ୍ୱେଟରରେ ରୁଇ, ଲିଣ୍ଟ ପିଲିଙ୍ଗ ଆସିଥାଏ। ଫଳରେ ନୂଆ ସ୍ୱେଟର ପୁରୁଣା ଦେଖାଯାଇଥାଏ। ନିମ୍ନଲିଖିତ ଟିପ୍ସକୁ ଅନୁସରଣ କରି ଶୀତଦିନେ ଫ୍ୟାନ୍ସି ସ୍ୱେଟରରେ ଚମକ ଆଣିପାରିବେ...

➤ସ୍ୱେଟରକୁ ବାରମ୍ବାର ଧୋଇବା ଠିକ୍ ନୁହେଁ। ଯଦି ସ୍ୱେଟର ଅଧିକ ଅପରିଷ୍କାର ହୋଇନାହିଁ ତାକୁ ସଫା କରନ୍ତୁ ନାହିଁ। ପ୍ରତିଥର ପିନ୍ଧିବା ପରେ ତାକୁ ପବନରେ ଶୁଖାଇ ରଖିଲେ ଭଲ। ଯେତେବେଳେ ବି ସ୍ୱେଟର ସଫା କରୁଛନ୍ତି ସବୁବେଳେ ଥଣ୍ଡା ପାଣିରେ ଅଳ୍ପ ଲିକ୍ୟୁଇଡ୍ ଡିଟରଜେଣ୍ଟ ବ୍ୟବହାର କରନ୍ତୁ।

➤ଧୋଇବା ସମୟରେ ସ୍ୱେଟରକୁ ଭିତର ପଟରୁ ଓଲଟାଇ ଦିଅନ୍ତୁ। ଯଦି ମେଶିନରେ ସଫା କରୁଛନ୍ତି ତେବେ ଜେଣ୍ଟଲ କିମ୍ବା ଉଲ୍ ମୋଡ୍ ଚୟନ କରନ୍ତୁ। ଯଦି ହାତରେ ଧୋଉଛନ୍ତି ତେବେ ଏହାକୁ ମୋଡ଼ିମାଡ଼ି ଏଥିରୁ ପାଣି ବାହାର କରି ଶୁଖାନ୍ତୁ ନାହିଁ। ଏଥିରୁ ପାଣି ବାହାରୁଥିଲେ ତାକୁ ଏହିପରି ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଏଥିରୁ ପାଣି ସମ୍ପୂର୍ଣ୍ଣ ନିଗିଡ଼ିଗଲା ପରେ ତାକୁ ସିଧା କରି କିଛି ସମୟ ଶୁଖାନ୍ତୁ।

➤ସ୍ୱେଟରକୁ କେବେ ବି ଟାଙ୍ଗି କି ଶୁଖାନ୍ତୁ ନାହିଁ। ଏହାଦ୍ୱାରା ସ୍ୱେଟର ଅଧିକ ଝୁଲିଯିବ। ଫଳରେ ଏହା ଜଲ୍‌ଦି ଖରାପ ହେବା ସମ୍ଭାବନା ଅଛି। ସବୁବେଳେ ମୋଡ଼ିକୁ ଟାୱେଲ ଉପରେ ଖେଳାଇ ଶୁଖାନ୍ତୁ। ଖରାରେ ଶୁଖାଇବା ବଦଳରେ ଏହାକୁ ଛାଇରେ ଶୁଖାନ୍ତୁ।

➤ଯଦି ସ୍ୱେଟରରେ ଲିଣ୍ଟ ବାହାରିଛି ତେବେ ଏହାକୁ ଲିଣ୍ଟ ରୋଲର କିମ୍ବା ଫ୍ୟାବ୍ରିକ୍ ଶେଭରର ବ୍ୟବହାର କରାଯାଇପାରେ। ଯଦି ଏହା ସମ୍ଭବ ହେଉନାହିଁ, ତେବେ ହାଲ୍‌କା ହାତରେ ରେଜର କିମ୍ବା ଅଠା ଟେପ୍ ସାହାଯ୍ୟରେ ରୁଇକୁ ମଧ୍ୟ ଦୂରେଇପାରିବେ। ଧ୍ୟାନରଖନ୍ତୁ, ସବୁବେଳେ ବାରମ୍ବାର ଗୋଟିଏ ଜାଗାକୁ ରଗଡ଼ନ୍ତୁ ନାହିଁ।

## ଫ୍ୟାଶାନ

# ୱିଣ୍ଟର ଗ୍ଲାମର ଲୁକ୍

ଗ୍ଲାମର ଦେଖାଯିବେ ବୋଲି କେବଳ କହିଦେଲେ ହେବ ନାହିଁ, ସେଥିପାଇଁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ତେବେ ଶୀତଦିନେ ଫ୍ୟାଶନେବୁଲ ଦେଖାଯିବା ପାଇଁ ଚାହୁଁଥିଲେ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...

➤ଶୀତଦିନରେ ଆରାମ ଏବଂ ଷ୍ଟାଇଲ୍ ଦୁଇଟା ଦରକାର, ତେବେ ଲଙ୍ଗ୍ ଟପ୍ ବେଷ୍ଟ ଅପ୍‌ସନ୍। ଏହି ଟପ୍ ଆପଣଙ୍କୁ ସ୍ମାର୍ଟ ଏବଂ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଆପଣ ଏହାକୁ ଜିନ୍ସ ସହ ପିନ୍ଧିପାରିବେ। ଯଦି ଆପଣ ଏହାକୁ ଆହୁରି ଷ୍ଟାଇଲିଶ କରିବାକୁ ଚାହୁଁଥାନ୍ତି ତେବେ ବେକରେ ନିହାତି ନେକ୍‌ଲେସ୍ ପିନ୍ଧିପାରିବେ।

➤ଯଦି ଆପଣ କୌଣସି ପାର୍ଟି କିମ୍ବା ଡିନରରେ ଯାଉଛନ୍ତି ତେବେ ଭେଲଭେଟ୍ ଟପ୍ ଏକ ଭଲ ଅପ୍‌ସନ। ଏହାକୁ ଆପଣ ଲଙ୍ଗ୍ ସ୍କର୍ଟ କିମ୍ବା ପ୍ୟାଣ୍ଟ ସହିତ ପିନ୍ଧିପାରିବେ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିଶ୍ ଏବଂ ଆଟ୍ରାକ୍ଟିଭ୍ ହୋଇଯିବ।

➤ଭି ନେକ୍ ଟପ୍ ଏକ ଏପରି ଟପ୍ ଯାହା ପ୍ରତ୍ୟେକ ଝିଅ ଲାଗି ବହୁତ ଜରୁରୀ। ଏହାକୁ ଆପଣ ପ୍ୟାଣ୍ଟ କିମ୍ବା ଜିନ୍ସ ସହ ପିନ୍ଧିପାରିବେ। ଏହି ଟପ୍



କଲେଜ ସାଙ୍ଗମାନଙ୍କ ସହିତ ଶପିଂ କିମ୍ବା କାଜୁଆଲ ଆଉଟିଂ ପାଇଁ ପରଫେକ୍ଟ। ଏହା ସହ ଏକ ପତଳା ଚେନ୍ ଏବଂ ଇୟର ରିଙ୍ଗ୍ ପିନ୍ଧନ୍ତୁ। ଏହାଦ୍ୱାରା ଆପଣ ଆହୁରି ସ୍ମାର୍ଟ ଦେଖାଯିବେ।

## ଖାଦ୍ୟରୁଚି

# କ୍ୟାବେଜ୍ କ୍ୟାପ୍‌ସିକମ୍ ସୁପ୍

**ଆବଶ୍ୟକ ସାମଗ୍ରୀ**
ଛୋଟ ଛୋଟ ଆକାରରେ କଟାହୋଇଥିବା ବନ୍ଧାକୋବି ୧ କପ୍, କ୍ୟାପ୍‌ସିକମ୍ ୧ କପ୍, କଟାହୋଇଥିବା କଞ୍ଚାଲଙ୍କା ୨ଟି, ଧନିଆପତ୍ର ୧ ଚାମଚ, କର୍ନଫ୍ଲୋର ୧ ଚାମଚ, କ୍ଷୀର ୧ କପ୍, ସ୍ୱାଦ ଅନୁସାରେ ଲୁଣ, ସ୍ୱାଦ ଅନୁସାରେ ଗୋଲମରିଚ ଗୁଣ୍ଡ, ବଟର ୧ ବଡ଼ ଚାମଚ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ବଡ଼ ପ୍ୟାନ୍‌ରେ ବଟର ପକାଇ ଗରମ କରନ୍ତୁ। ଏବେ ବନ୍ଧାକୋବି, କ୍ୟାପ୍‌ସିକମ୍ ଏବଂ କଞ୍ଚାଲଙ୍କା ପକାଇ ସିମ୍‌ରେ ଭାଜନ୍ତୁ। ଯେତେବେଳେ ପନିପରିବା ନରମ ହୋଇଯିବ ସେତେବେଳେ କ୍ଷୀର ଏବଂ ଆବଶ୍ୟକତା ଅନୁଯାୟୀ ପାଣି ମିଶାନ୍ତୁ। କର୍ନଫ୍ଲୋର ଅଳ୍ପ ପରିମାଣରେ ପକାଇ ଏହ ମିଶ୍ରଣରେ ପକାନ୍ତୁ। ଏବେ ଏଥିରେ ଲୁଣ ପକାନ୍ତୁ। ଯେତେବେଳେ ମିଶ୍ରଣ ବହଳିଆ ହୋଇଯିବ ସେତେବେଳ ଗ୍ୟାସ୍ ଚୁଲାରୁ ଓହ୍ଲାଇ ସେଥିରେ ଗୋଲମରିଚ ଗୁଣ୍ଡ ଏବଂ ଧନିଆପତ୍ର ପକାନ୍ତୁ। ଏବେ ଗରମା ଗରମ ସୁପ୍ ପରଷନ୍ତୁ।



## ସୌନ୍ଦର୍ଯ୍ୟ

# ଡାର୍କ ସର୍କଲର ଘରୋଇ ଉପଚାର

ଡାର୍କ ସର୍କଲ ଦୂରକରିବା ଲାଗି କେତୋଟି ଘରୋଇ ଟିପ୍ସ ଫଲୋ କରିପାରନ୍ତି । ଜାଣନ୍ତୁ ସେ ସମ୍ପର୍କରେ...

➔ନଡ଼ିଆ ତେଲ ଏବଂ ଆଲୋଭେରା ଜେଲ୍‌ର ଘରୋଇ ଉପାୟ ଦ୍ୱାରା ଡାର୍କ ସର୍କଲ କମ୍ କରିବାରେ ବହୁତ ପ୍ରଭାବୀ ହୋଇଥାଏ। ନଡ଼ିଆ ତେଲରେ ଥିବା ଭିଟାମିନ୍ ଇ ଏବଂ ଫ୍ୟାଟି ଏସିଡ୍ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଯେତେବେଳେ କି ଏଥିରେ ଆଣ୍ଟି ଏନ୍ଫ୍ଲାମେଟରି ଗୁଣ ରହିଛି ଯାହା ଆଖି ତଳେ ଥିବା ଯନ୍ତ୍ରଣାକୁ କମ୍ କରିଥାଏ।

➔ନଡ଼ିଆତେଲ ଆଲୋଭେରା ଜେଲ୍ ପ୍ରସ୍ତୁତ କରନ୍ତୁ ଏଥିପାଇଁ ୧ ଚାମଚ ନଡ଼ିଆ ତେଲ, ଏକ ଚାମଚ ଭେସଲିନ୍, ୧/୨ଚାମଚ ହଳଦୀ ପାଉଡର ଏବଂ ୧ ଚାମଚ ଆଲୋଭେରା ଜେଲ୍ ନିଅନ୍ତୁ। ଏହାକୁ ପ୍ରସ୍ତୁତକରି ମୁହଁରେ





ଲଗାଇଲେ ଡାର୍କ ସର୍କଲ ଅନେକାଂଶରେ ଦୂରହେବ।

➔ରାତିରେ ଶୋଇବା ପୂର୍ବରୁ ନଡ଼ିଆତେଲ-ଆଲୋଭେରା ଜେଲ୍ ଆଖି ତଳେ ନିହାତି ଲଗାନ୍ତୁ। ସକାଳ ହେଲେ ଥଣ୍ଡାପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଫରକ୍ ଆପଣ ୨ଦିନରେ ନିଶ୍ଚିତ ଦେଖିପାରିବେ। ଏହାଦ୍ୱାରା ଆପଣଙ୍କୁ ଭଲ ନିଦ, ଚିନ୍ତା କମ୍ କରନ୍ତୁ, ଏଲର୍ଜି ଠାରୁ ଦୂରେଇ ରୁହନ୍ତୁ, ପୋଷଣରେ ଭରପୂର ଖାଦ୍ୟ ଖାଆନ୍ତୁ। ଆଖିକୁ ମସାଜ୍ କରନ୍ତୁ। ଏହି ଘରୋଇ ଉପଚାର କରିବା ଦ୍ୱାରା ଡାର୍କ ସର୍କଲକୁ ଆଲ୍‌ବିଦା କୁହନ୍ତୁ। ଏହାଦ୍ୱାରା ଆପଣଙ୍କ ମୁହଁ ସୁନ୍ଦର ଆକର୍ଷଣୀୟ ଦେଖାଯିବ।

# ଧରିତ୍ରୀ
DHARITRI



# ଏସ୍‌ଜି ପାଇପର୍ସର ପ୍ରଥମ ବିଜୟ

**ରାଞ୍ଚି,୧୨।୧(ପି.ଟି.)**

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ସୋମବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୨-୧ ଗୋଲରେ ହାଇଦ୍ରାବାଦ ତୁଫାନ୍ସକୁ ପରାସ୍ତ କରିଛି। ଏହା ପାଇପର୍ସ ଦଳର ପ୍ରଥମ ବିଜୟ। ବିଜୟୀ ଦଳ ପାଇଁ ଟୋମାସ ଡୋମେନ ଡବଲ ଗୋଲ କରିଥିବା ବେଳେ ଗୋଲକିପର ଟୋମାସ ସାଣ୍ଟିଆଗୋଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଅନ୍ୟପକ୍ଷରେ

**ଏଚ୍‌ଆଇଏଲ**

ହାଇଦ୍ରାବାଦ୍ ପାଇଁ ଅମନଦୀପ ଲାକ୍ରା ଏକମାତ୍ର ଗୋଲ ସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ପାଇପର୍ସ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ଦଳକୁ ୬ଟି ପେନାଲ୍ଟି କର୍ନର (ପିସି) ମିଳିଥିଲା। ଅଷ୍ଟମ ମିନିଟ୍‌ରେ ମିଳିଥିବା ପିସିକୁ ଟେମାସ ଡୋମେନ ଗୋଲରେ କନଭର୍ଟ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ତୁଫାନ୍ସ ଦଳର ଖେଳାଳିମାନେ ୧୨ ଥର ସର୍କଲ ଏଣ୍ଟ୍ରି କରିବା ସହ ୪ ପିସି ହାସଲ କରିଥିଲେ। ହେଲେ ଦଳକୁ ସେଥିରୁ କୌଣସି ଫାଇଦା ମିଳି ନ ଥିଲା।



ଏସ୍‌ଜି ପାଇପର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ହେଲେ ୨୯ତମ ମିନିଟ୍‌ରେ ରୋମାନ ଡୁଭେକଟଙ୍କଠାରୁ ପାଇଥିବା ପାସକୁ ଟୋମାସ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ପାଇପର୍ସ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ଫେରିବା ପାଇଁ ତୁଫାନ୍ସ ପକ୍ଷରୁ ଭରପୂର ପ୍ରୟାସ କରାଯାଇଥିଲା। ଶେଷରେ ୪୧ତମ ମିନିଟ୍‌ରେ ତୁଫାନ୍ସ ପାଇଁ ଅମନଦୀପ ଲାକ୍ରାଙ୍କ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରରେ ପାଇପର୍ସ ଦଳ ସମ୍ପୂର୍ଣ୍ଣ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ହାଇଦ୍ରାବାଦର ଖେଳାଳିମାନେ ଅନ୍ତିମ ୧୫ ମିନିଟ୍‌ରେ ୧୬ ଥର ସର୍କଲ ପେନେଟ୍ରେଶନ କରିବା ସହ ୬ ପିସି ଜିତିଥିଲେ। ଏପରିକି ଦଳକୁ ଏକ ପେନାଲ୍ଟି ଷ୍ଟ୍ରୋକ ମଧ୍ୟ ମିଳିଥିଲା। ହେଲେ ଜାକାରି ୱାଲେସଙ୍କ ଶଟ୍‌କୁ ପାଇପର୍ସ ଗୋଲକିପର ସାଣ୍ଟିଆଗୋ ରୋକି ଦେଇଥିଲେ। ଏହାପରେ ସେ ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଦୁଇଟି ଚମତ୍କାର ସେଭ କରି ଦଳକୁ ଚଳିତ ସିଜନର ପ୍ରଥମ ବିଜୟ ଆଣି ଦେଇଥିଲେ।

# ମୌସୁମୀ ଦାସଙ୍କୁ ୨ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୨।୧ (ବିଜୟ ରଣା)**

ମୋଦି ନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶାର ମୌସୁମୀ ଦାସ ଯୁବ+୭୭କେଜି ଓଜନ ଶ୍ରେଣୀ ଓ ସିନିୟର

**ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍**

ବିଭାଗରେ (୭୦+୯୪) ୧୬୪କେଜି ଓଜନ ଉତ୍ତୋଳନ କରି ୨ଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥିସହିତ ଓଡ଼ିଶା ଜୁନିୟରଦଳ ଚାମ୍ପିୟନ, ଯୁଥ୍ ବାଳିକା ଓ ସିନିୟର ବିଭାଗରେ ରନର-ଅପ୍ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ସଂଘର କର୍ମକର୍ତ୍ତା, କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି ଏବଂ ମ୍ୟାନେଜର ଟାଙ୍ଗ ଦେବୀ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସେମିରେ କେଟି ଗ୍ଲୋବାଲ, ସାଇ ଇଣ୍ଟରନ୍ୟାଶନାଲ

**ଭୁବନେଶ୍ୱର,୧୨।୧(ଅନାଦି କର)**

ହାଇଟେକ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୨ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କେଟି ଗ୍ଲୋବାଲ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ କେଟି ଗ୍ଲୋବାଲ ହାଇସ୍କୁଲ ୬୯ ରନରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ସ୍କୁଲକୁ ପରାସ୍ତ କରିଛି। କେଟି ଗ୍ଲୋବାଲ ୨୧.୨ ଓଭରରେ

**ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ୍**

୧୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କ୍ରିସ କ୍ରିକେଟ ୩୮ ରନ କରିଥିଲେ। ଜବାବରେ ଭେଙ୍କଟେଶ୍ୱର ଇଲିଂଶ ମିଡିୟମ ୧୨.୩ ଓଭରରେ ୬୨ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ କ୍ରିସ କ୍ରିକେଟ ୫ ଉଇକେଟ ନେଇଥିଲେ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୩ ଉଇକେଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୮.୫ ଓଭରରେ ୧୧୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳର ମୃତ୍ୟୁଞ୍ଜୟ ରୟ ୩୧ ଓ ଶୁଭମ ପ୍ରଧାନ ୩୦ ରନ କରିଥିବା ବେଳେ ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭିଭାନ ଅଗ୍ରୱାଲ ୩ ଉଇକେଟ ନେଇଥିବା ବେଳେ ମନ୍ଥନ ମହାପାତ୍ର ଓ ଅଧିନାୟକ ସ୍ୱସ୍ତିକ ନାଥ ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରେୟାଂଶ ବିଧାରଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୧୬.୫ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଶ୍ରେୟାଂଶ ୫୧ ଓ ଶ୍ରୀହାନ ଭୂୟାଁ ୨୮ ରନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାଧୀନ ଜେନା ୪ ଉଇକେଟ ନେଇଥିଲେ।



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# କିଟ୍‌ରେ ଚେସ୍ ସମ୍ମିଳନୀ

**ଭୁବନେଶ୍ୱର,୧୨।୧ (ବିଜୟ ରଣା)**

ଜାନୁଆରୀ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ ଆଣ୍ଡ ଏଜୁକେଶ୍‌ନାଲ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ। ଭାରତରେ ପ୍ରଥମ ଥର ଲାଗି ଚେସ୍‌ର ଏଭଳି ଏକ ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ଅନ୍ତର୍ଜାତୀୟ ଚେସ୍ ସଂଘ (ଏଫ୍‌ଆଇଡିଇ) ଓ ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁଥିବା ଏହି ସମ୍ମିଳନୀରେ ଏଫ୍‌ଆଇଡିଇର ସଭାପତି ତଥା ରୁଷିଆର ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଆର୍କାଡି ଡଭୋର୍କୋବିଚ, ଏଫ୍‌ଆଇଡିଇର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଓ ଏଫ୍‌ଆଇଡିଇର ଡେପୁଟି ଚେୟାର ତଥା ଲାଟଭିଆର ପ୍ରାକ୍ତନ ଅର୍ଥମନ୍ତ୍ରୀ ଦାନା ରେଜନିସ ଏବଂ ଆଇସିଏଫ୍ ସଭାପତି ନିତିନ ନାରଙ୍ଗ, ସମ୍ପାଦକ ଦେବ ପଟେଲ ଓ ଇଭେଣ୍ଟ କମିଶନ ସଦସ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କିଟ୍ ପରିସରରେ ଥିବା ଇଣ୍ଟରନ୍ୟାଶନାଲ ଚେସ୍ ହଲ୍ ଓ ଚେସ୍ ଗ୍ରାଉଣ୍ଡକୁ ବିଶ୍ୱନାଥନ ଆନନ୍ଦ ଉଦ୍‌ଘାଟନ କରିବେ। ଉଭୟ କିଟ୍ କ୍ୟାମ୍ପସ ଓ ହୋଟେଲ ମେ' ଫେୟାରରେ ଏହି କାର୍ଯ୍ୟକ୍ରମ ଚାଲିବ। ଏହି ମେଗା ଇଭେଣ୍ଟରେ ଭାରତର ୮୦ ଚେସ୍ ତାରକାଙ୍କ ସମେତ ବିଶ୍ୱର ୪୦ଟି ଦେଶର ବିଶିଷ୍ଟ ଚେସ୍ ତାରକା ଯୋଗ ଦେଉଛନ୍ତି। ଏହା ସହିତ ମୋଟ ୫ହଜାର ୨ଶହ ଅଂଶଗ୍ରହଣ କରୁଥିବା ବେଳେ କେବଳ ଭାରତର ୫ ହଜାର ଚେସ୍ ଖେଳାଳି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

# ପୁରୁଷ ହକି ଇଣ୍ଡିଆ ଲିଗ୍ ପାଇଁ ମାଗଣା ଟିକେଟ୍

**ଭୁବନେଶ୍ୱର,୧୨।୧ (ଅନାଦି କର):** ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଅନ୍ତିମ ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ଲାଗି ଟିକେଟ ମାଗଣାରେ ଉପଲବ୍ଧ ହେବ। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୨୬ରେ ହେବାକୁ ଥିବା ଫାଇନାଲ ସମେତ ୧୭ ତାରିଖରୁ ଲିଗ୍ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଟିକେଟ୍ ଉପଲବ୍ଧ ଥିବାରୁ ଫ୍ୟାନ୍ସ ଅନ୍‌ଲାଇନ୍‌ରେ ବୁକ କରିପାରିବେ। ଅଧିକରୁ ଅଧିକ ପ୍ରଶଂସକଙ୍କୁ ଆକୃଷ୍ଟ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ।

# ଡବ୍ଲ୍ୟୁପିଏଲ୍: ଶୀର୍ଷରେ ଆର୍‌ସିବି

**ନଭି ମୁମ୍ବାଇ,୧୨।୧**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ସୋମବାର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୯ ଉଇକେଟରେ ୟୁପି ୱାରିଅର୍ସକୁ ପରାସ୍ତ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଦଳ ପଏଣ୍ଟ ଟେବୁଲର ଟପ୍‌କୁ ଉଠିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରି ଥିବା ୟୁପି ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮.୨ ଓଭରରେ ୫୦ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିଲା। ଏହାପରେ ଦୀପ୍ତି ଶର୍ମା ଓ ଡିଆଣ୍ଡ୍ରା ଡଟିନ ଅବିଭାଜିତ ଷଷ୍ଠ ଉଇକେଟରେ ୭୦ ବଲରେ ୯୩ ରନ ଯୋଡ଼ିଥିଲେ। ଫଳରେ ୟୁପି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୩ ରନ କରିବାକୁ ସକ୍ଷମ ହୋଇଥିଲା। ଦୀପ୍ତି ୩୫ ବଲରେ ୪୫ (୫ ଚୌକା ଓ ୧ ଛକା) ଓ ଡିଆଣ୍ଡ୍ରା ୩୭ ବଲରେ ୪୦ (୩ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଆର୍‌ସିବି ପାଇଁ ଶ୍ରେୟଙ୍କା ପାଟିଲ ଓ ନାଦିନେ ଡି କ୍ଲର୍କ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଗ୍ରେସ ହାରିସ ଓ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଶତକୀୟ ଓପନିଂ ଭାଗୀଦାରି ଯୋଗୁ ଆର୍‌ସିବି ୧୨.୧ ଓଭରରେ ୧ ଉଇକେଟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ହାରିସ ୪୦ ବଲରେ ୧୦ ଚୌକା ଓ ୫ ଛକା ସହିତ ୮୫ ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟିକା ମନ୍ଧାନା ୩୨ ବଲରେ ୪୭ (୯ ଚୌକା) ରନ କରି ଅପରାଜିତ ରହିଥିଲେ। ଦୁହେଁ ପ୍ରଥମ ଉଇକେଟରେ ୧୩୭ ରନ କରିଥିଲେ। ୟୁପି ପକ୍ଷରୁ ଶିକ୍ଷା ପାଣ୍ଡେ ଏକମାତ୍ର ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୟୁପି ୱାରିଅର୍ସ: ୨୦ ଓଭରରେ ୧୪୩/୫ (ଦୀପ୍ତି ଶର୍ମା–୪୫*, ଡିଆଣ୍ଡ୍ରା ଡଟିନ–୪୦*, ନାଦିନେ ଡି କ୍ଲର୍କ–୨/୨୮, ଶ୍ରେୟଙ୍କା ପାଟିଲ–୨/୫୦)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୨.୧ ଓଭରରେ ୧୪୫/୧ (ଗ୍ରେସ ହାରିସ–୮୫, ସ୍ମୃତି ମନ୍ଧାନା–୪୭*, ଶିକ୍ଷା ପାଣ୍ଡେ–୧/୨୮)।

# ସୁନ୍ଦର ବାଦ୍, ବଦୋନୀଙ୍କୁ ଡାକରା

**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍**

**ନୂଆଦିଲ୍ଲୀ,୧୨।୧(ପି.ଟି.)**

ଚଳିତ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ୍‌ରୁ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆହତଜନିତ ସମସ୍ୟା କାରଣରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ନୂଆ ଚେହେରା ଭାବେ ଆୟୁଷ ବଦୋନୀଙ୍କୁ ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଭଦୋଦରାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୱାଶିଂଟନଙ୍କ ପଞ୍ଜରାରେ ଆଘାତ ଲାଗିଥିଲା। ୨୬ ବର୍ଷୀୟ ଅଲରାଉଣ୍ଡ ମ୍ୟାଚ୍‌ରେ ୫ ଓଭର ବୋଲିଂ କରି ୨୭ ରନ ଦେଇଥିଲେ। ମ୍ୟାଚ୍ ମଝିରେ ସେ ପଡ଼ିଆରୁ ଚାଲି ଯାଇଥିଲେ ଏବଂ ଫେରି ନ ଥିଲେ। ଯନ୍ତ୍ରଣା ସତ୍ତ୍ୱେ ନଂ-୮ ପୋଜିଶନରେ ବ୍ୟାଟିଂ କରି ଭାରତୀୟ ଦଳକୁ ଜିତାଇଥିଲେ। ତାଙ୍କର ସ୍କାନ କରାଯିବା ପରେ ବିସିସିଆଇ ମେଡିକାଲ ଦଳ ବିଶେଷଜ୍ଞଙ୍କ ମତାମତ ନେବ। ଏଥିଯୋଗୁ ତାଙ୍କୁ ବଳକା ଦୁଇଟି ମ୍ୟାଚ୍ ଲାଗି ଦଳରୁ ବାଦ୍ ଦିଆଯାଇଛି। ପୁରୁଷ ଚୟନ କମିଟି ସୁନ୍ଦରଙ୍କ ବଦଳରେ ଆୟୁଷ ବଦୋନୀଙ୍କ ନାମ ଘୋଷଣା କରିଛି।

ବଦୋନୀ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ପାଇଁ ରାଜକୋଟରେ ଭାରତୀୟ ଦଳ ସହ ଯୋଗଦେବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ସେ ମଙ୍ଗଳବାର ବେଙ୍ଗାଲୁରୁଠାରେ ବିଦର୍ଭ ଓ ଦିଲ୍ଲୀ ମଧ୍ୟରେ ହେବାକୁ ଥିବା ବିଜୟ ହଜାରେ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍ ମିସ୍ କରିବେ।

# ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୦ ପଦକ




ରନର୍ ଅପ୍ ଟ୍ରଫି ସହ ଓଡ଼ିଶା ତୀରନ୍ଦାଜ।

**ଭୁବନେଶ୍ୱର,୧୨।୧ (ଅନୁରାଧା ମହାରଣା)**

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ଓଭରଅଲ ରନରଅପ ହୋଇଛି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଏବଂ ଆୟୋଜକ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ୧୧ ବାଳିକାଙ୍କ ସମେତ ୧୮ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ୟୁଜିପି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୋହିତ କୁମାର ମାରାଣ୍ଡି ୩୦ ମିଟର୍

**ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ**

ଇଣ୍ଡିଆ ରାଉଣ୍ଡ, ଅଲିମ୍ପିକ ରାଉଣ୍ଡ ଓ ମିକ୍ସଡ୍ ରାଉଣ୍ଡରେ ୩ଟି ସ୍ୱର୍ଣ୍ଣ ଏବଂ ୨୦ ମିଟରରେ ଗୋଟିଏ ରୌପ୍ୟ ପଦକ ଜିତିଥିବା ବେଳେ ତାଙ୍କ ସହିତ କିସ୍ ବିଦ୍ୟାଳୟର ରେଶମା ମଲ୍ଲିକ ୩୦ ମିଟର୍ ମିକ୍ସଡ୍ ରାଉଣ୍ଡରେ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି କେନ୍ଦୁଝର ଜିଲାର ସୁନୀତା ନାଏକ ୬୦ ମିଟର୍ ରିକର୍ଭ ରାଉଣ୍ଡରେ ଗୋଟିଏ ରୌପ୍ୟ ଓ ୬୦ ଇଣ୍ଡିଭିଜୁଆଲ ରାଉଣ୍ଡରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୬୦ ମିଟର୍ ରିକର୍ଭ ରାଉଣ୍ଡରେ କେନ୍ଦୁଝର ଜିଲାର ସାବିତ୍ରୀ ପାତ୍ର, ସୁନ୍ଦରଗଡ଼ ଜିଲାର ଟେନିସ ମେହେର ଏବଂ ଭୁବନେଶ୍ୱରର ପାଂଖି ଭଦ୍ରା ରୌପ୍ୟ ପଦକ ହାସଲ କରିଛନ୍ତି।

# ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ପୁରୁଣା ଭୁବନେଶ୍ୱର, ୧୨।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ସ୍ଥାନୀୟ ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କ୍ଲବ ପକ୍ଷରୁ ଆୟୋଜିତ ୩ ଦିନିଆ ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବାଞ୍ଚଳର ୧୨ଟି ରାଜ୍ୟର ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ପ୍ରତିଯୋଗୀ ଏବଂ ୭୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା କମିଟିର ଅଧ୍ୟକ୍ଷ ବିଧାୟକ ବାବୁ ସିଂଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଅବସରରେ ଗୋସାଗରେଶ୍ୱର ଛକଠାରୁ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଏକ ବିରାଟ ପଟୁଆରରେ ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପଠାରେ ପହଞ୍ଚିଥିଲା।

ପ୍ରଥମ ଦିବସରେ ମୁଖ୍ୟଅତିଥି ରୁପେ ସାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ , ଶିଳ୍ପ ମନ୍ତ୍ରୀ ସମ୍ପଦ ସାଇଁ , ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, କପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ , ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ,ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଚେତନ ମନୋହର ପଠାରେ ,ସର୍ବ ଭାରତୀୟ ସଭାପତି ସାମୀ ରମେଶ କୁମାର, ଅର୍ଜୁନ ପୁରସ୍କାରପ୍ରାପ୍ତ ଏବଂ ପୂର୍ବତନ ମିଷ୍ଟର ୟୁନିଭର୍ସ ପ୍ରେମଚାନ୍ଦ୍ ଡୋଗ୍ରା ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ମଳୟ ମହାପାତ୍ର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇ ମହାପ୍ରଭୁଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ପାଦକ ରାଧାନାଥ ମହାପାତ୍ର ବିବରଣୀ ପାଠ କରିଥିଲେ। ପୂର୍ବାଞ୍ଚଳ ଏବଂ ଭୁବନେଶର ବଡ଼ି ବିଲ୍ଡିଂ ଆସୋସିଏଶନର ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହିତ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମର ଅଧ୍ୟକ୍ଷା ସୁଲୋଚନା ଦାସ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା,ଉତ୍ତର ବିଧାୟକ ସୁଶାନ୍ତ ରାଉତ, ହାଇଟେକ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ମେଟ୍ରୋ ବିଲଡ଼ର ଅଧ୍ୟକ୍ଷ ପୀୟୁଷ ମହାନ୍ତି ପ୍ରମୁଖ ଯୋଗ ଦେଇ ମିଜୋରାମର ପୂର୍ବାଞ୍ଚଳ ମିଷ୍ଟର ଇଣ୍ଡିଆ ଚାମ୍ପିୟନ ନିରୋଜ କ୍ଷେତ୍ରୀ ମାଉଁ ଙ୍କୁ ୨୦୨୬ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ବଉଳଗଡ଼ କ୍ଲବର ପୂର୍ବତନ ସଭ୍ୟ,କର୍ମକର୍ତ୍ତା ମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତିମ ଦିବସରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ , ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା ଚାମ୍ପିୟନ ଟ୍ରଫି ପ୍ରଦାନ କରିବା ସହିତ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ତିନି ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ରବିନାରାୟଣ ପଟ୍ଟନାୟକ ସଂଚାଳନ କରିଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ